Follow Us
www.ekamaatra.com
ekamaatra@gmail.com
advt@ekamaatra.com
editor@ekamaatra.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524




ବର୍ଷ-୧ ସଂଖ୍ୟା-୫୦ ୨୫ – ୩୧ ଡିସେମ୍ବର, ୨୦୧୭ ଭୁବନେଶ୍ୱର ● Monday Weekly ● VOL-1 ISSUE-50 25th - 31st December, 2017 BHUBANESWAR ₹ 5/- (8 Pages)

## ଅଶୁଭ ହେଲା ବନ୍ଧୁ ମିଳନ

# ଚାଲିଗଲା ମନ୍ତ୍ରୀ ପଦ



**ଭୁବନେଶ୍ୱର :** ଗଣମାଧ୍ୟମରେ ବାରମ୍ବାର ଆପତ୍ତିଜନକ ମନ୍ତବ୍ୟ ଦେଇ ବିବାଦରେ ଥିବା ମନ୍ତ୍ରୀ ଦାମୋଦର ରାଉତ ଶେଷରେ ମନ୍ତ୍ରିମଣ୍ଡଳରୁ ବହିଷ୍କୃତ ହେଲେ। ମାଲ୍ୟବନ୍ତ ଉତ୍ସବରେ ଦାମ ବାବୁ ବ୍ରାହ୍ମଣ ବିରୋଧୀ ମନ୍ତବ୍ୟ ଦେବା ପରେ ତାଙ୍କ ଉପରେ ଖପ୍ପା ହୋଇଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଦାମଙ୍କ ପାଇଁ ବିଜେଡି ଅଡୁଆ ପରିସ୍ଥିତିରେ ପଡିଥିଲା। ଫଳରେ ମୁଖ୍ୟମନ୍ତ୍ରୀ ଦାମଙ୍କୁ ମନ୍ତ୍ରିମଣ୍ଡଳରୁ ବିଦା କରି ରାଜ୍ୟର ବ୍ରାହ୍ମଣମାନଙ୍କ କ୍ରୋଧକୁ ଶାନ୍ତ କରିଛନ୍ତି। ଅତୀତରେ ଦାମ ବିଜେପି ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ଆପତ୍ତିଜନକ ଅଙ୍ଗନବାଡି..., ଖୋର୍ଦ୍ଧାରେ ଜୟୀ ରାଜଗୁରୁ ପ୍ରଥମ ସ୍ୱାଧୀନତା ସଂଗ୍ରାମୀ ନୁହଁନ୍ତି ଓ ତାଙ୍କ ନେତୃତ୍ୱରେ ପାଇକ ବିଦ୍ରୋହ ହୋଇ ନଥିବା କହି ବିବାଦରେ ଫଶିଥିଲେ। ଋଷୀ ଆତ୍ମହତ୍ୟା ପ୍ରସଙ୍ଗରେ ମଧ ଦାମ ଏଭଳି ଅନେକ ବିବାଦୀୟ ମନ୍ତବ୍ୟ ଦେବା ଦ୍ୱାରା ନିଜ ଦଳ ତଥା ମୁଖ୍ୟମନ୍ତ୍ରୀଙ୍କୁ ଅଡୁଆରେ ପକାଉଥିଲେ।

➤ ପୃ-୬

## ୬ଷ୍ଠ ଥର ପାଇଁ ଗୁଜୁରାଟରେ ବିଜେପି, ହିମାଚଳରେ ପଦ୍ମ

# ବିକାଶ ଓ ସୁଶାସନର ବିଜୟ - ମୋଦି



**ନୂଆଦିଲ୍ଲୀ :** ଗୁଜୁରାଟ ଓ ହିମାଚଳପ୍ରଦେଶ ବିଧାନସଭା ନିର୍ବାଚନ ଉପରେ ସମଗ୍ର ଦେଶର ନଜର ରହିଥିଲା। ବିଶେଷକରି ଗୁଜୁରାଟର ଭୋଟ ଫଳାଫଳ ଆଗାମୀ ଦିନରେ ହେବାକୁ ଥିବା ସାଧାରଣ ନିର୍ବାଚନ ପାଇଁ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ଧାରଣା ସୃଷ୍ଟି ହୋଇଥିଲା। ଦୀର୍ଘ ୨୨ ବର୍ଷ ହେଲା ଗୁଜୁରାଟରେ ଭାରତୀୟ ଜନତା ପାର୍ଟି ନିଜର ଶାସନ କ୍ଷମତାକୁ ବଜାୟ ରଖିଥିବା ବେଳେ ପୁନର୍ବାର ଏଠାରେ ବିଜେପି ଶାସନକୁ ନେଇ ସାଧାରଣରେ କିଛି ଦ୍ୱନ୍ଦ୍ୱ ବି ଦେଖା ଦେଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁଜୁରାଟ ମୁଖ୍ୟମନ୍ତ୍ରୀ ଥିବା ସମୟରେ ସେଠାରେ ଯେଉଁ ବିକାଶରଧାରା ଆରମ୍ଭ ହୋଇଥିଲା ସେହି ବିକାଶ ଆଧାରରେ ପୁଣିଥରେ ସେଠାରେ ବିଜେପି ଶାସନ କ୍ଷମତା ଦଖଲ କରିବାକୁ ସମର୍ଥ ହେବ କି ନାଁ ଏହାକୁ ନେଇ ମଧ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। କାରଣ ଗୁଜୁରାଟରେ ନିର୍ବାଚନ ପ୍ରଚାର ଆରମ୍ଭ ସମୟରୁ ସେତେବେଳେ କଂଗ୍ରେସ ଉପାଧକ୍ଷ ଥିବା ରାହୁଲ ଗାନ୍ଧି ଯେଉଁ ଢଙ୍ଗରେ ମଇଦାନକୁ ଓହ୍ଲାଇଥିଲେ ଏବଂ ଗୁଜୁରାଟବାସୀଙ୍କ ସମ୍ବୋଧିତ କରିଥିଲେ ଏଥିରେ ମୋଦି ବିରୋଧୀ ହାୱା ସୃଷ୍ଟି ହୋଇଥିବା ଲକ୍ଷ୍ୟ କରାଯାଇଥିଲା। ରାହୁଲ ନିଜ ପ୍ରଚାରରେ କେନ୍ଦ୍ରର ମୋଦି ସରକାରଙ୍କ ବିଭିନ୍ନ ଯୋଜନାର ନକାରାତ୍ମକ ଦିଗ ପ୍ରତି ଭୋଟରଙ୍କ ଧ୍ୟାନ ଆକର୍ଷଣ କରି କଂଗ୍ରେସ ପ୍ରତି ଜନମତ ସୃଷ୍ଟି କରିବାରେ ଲାଗି ପଡିଥିଲେ। ବିମୁଦ୍ରୀକରଣ ହେଉ ବା ଜିଏସ୍‌ଟି ଉଭୟ ପ୍ରସଙ୍ଗରେ ସେ ଗୁଜୁରାଟବାସୀଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ। ରାହୁଲ କହିଥିଲେ ବିମୁଦ୍ରୀକରଣ ହେଉଛି ମୋଦି ସରକାରଙ୍କ ଏକ ଭୁଲ ନିଷ୍ପତ୍ତି ଏବଂ ଜିଏସ୍‌ଟି ହେଉଛି ଗବ୍ବର ସିଂ ଟ୍ୟାକ୍ସ। ଏଥିସହିତ ହିନ୍ଦୁ ସପକ୍ଷବାଦୀଙ୍କୁ ନିଜ ସପକ୍ଷରେ ନେବା ପାଇଁ ରାହୁଲ ଗୁଜୁରାଟର ବିଭିନ୍ନ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା ବି କରିଥିଲେ। ଏଥିରେ ସେ ଜଣାଇ ଦେବାକୁ ଚାହିଁଥିଲେ ଯେ, କେବଳ ମୋଦି ସରକାର ହିନ୍ଦୁ ସପକ୍ଷବାଦୀ ନୁହଁନ୍ତି, କଂଗ୍ରେସ ମଧ ସେହି ଚିନ୍ତାଧାରାରେ ବିଶ୍ୱାସ କରେ। ପ୍ରଚାର ସମୟରେ ରାହୁଲ ମୋଦିଙ୍କ ପରି ସାଧାରଣ ଭୋଟରଙ୍କୁ ପ୍ରଭାବିତ କରିବାକୁ ମଧ ଚେଷ୍ଟା କରିଥିଲେ। ହେଲେ ଗତ ସୋମବାର ଗୁଜୁରାଟ ଓ ହିମାଚଳପ୍ରଦେଶ ବିଧାନସଭା ଭୋଟ ଫଳାଫଳ ଆସିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯେ ବିକାଶ ଓ ସୁଶାସନର ଶ୍ରେଷ୍ଠ ଦିଗ୍‌ଦର୍ଶକ ଏହା ପ୍ରମାଣିତ ହୋଇଯାଇଛି। ନିର୍ବାଚନ ଫଳାଫଳ ଘୋଷଣା ହେବା ପରେ ପ୍ରଧାନମନ୍ତ୍ରୀ ନିଜ ପ୍ରତିକ୍ରିୟାରେ କହିଛନ୍ତି, ଏହା ବିକାଶ ଓ ସୁଶାସନର ବିଜୟ। କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧି ନିଜ ପ୍ରତିକ୍ରିୟାରେ ଭୋଟରଙ୍କ ମତକୁ ସମ୍ମାନ ଦେବା ସହିତ କହିଥିଲେ, ଏହା ମର୍ଯ୍ୟାଦାର ଲଢ଼େଇ ଥିଲା।

ଗୁଜୁରାଟରେ ବିଜେପି ଶାସନ କ୍ଷମତା ବଜାୟ ରଖିବା ସହିତ ହିମାଚଳରେ କଂଗ୍ରେସର ଦୁର୍ଗ ଭୁଷୁଡି ପଡିଛି। ବିଜେପି ଷଷ୍ଠଥର ପାଇଁ ଗୁଜୁରାଟର ଶାସନ କ୍ଷମତା ଅକ୍ତିଆର କରିଥିଲା ବେଳେ ହିମାଚଳପ୍ରଦେଶରେ କଂଗ୍ରେସକୁ ପରାଜୟର ରାସ୍ତା ଦେଖାଇ ଦେଇଛି। ଏହି ଦୁଇ ରାଜ୍ୟରେ ବିଜେପି ସଂଖ୍ୟା ଗରିଷ୍ଠତା ହାସଲ କରିବା ସହିତ ଶାସନ ଗାଦି ଅକ୍ତିଆର କରିବାକୁ ସମର୍ଥ ହୋଇପାରିଛି। ଯଦିଓ ଗୁଜୁରାଟର ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ବିଜେପିର ଭୋଟ ହାର କମ ରହିଛି ତଥାପି ମୋଦିଙ୍କ ପ୍ରତି ସେଠାକାର ଭୋଟରଙ୍କର ଅକୁଣ୍ଠ ସମର୍ଥନ ଥିବା ପ୍ରମାଣିତ ହୋଇଛି। କଂଗ୍ରେସ ଯଦିଓ ପୂର୍ବାପେକ୍ଷା ଏଠାରେ ବହୁତ ଉନ୍ନତ ପ୍ରଦର୍ଶନ କରିଛି ତଥାପି ଏଠାରେ ରାହୁଲ ଶାସନ କ୍ଷମତାକୁ ଫେରିବାର ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ଧୂଳିସାତ ହୋଇଯାଇଛି। ବିଜେପି ଏଠାରେ ୨୦୧୨ ନିର୍ବାଚନ ଅପେକ୍ଷା ଖରାପ ପ୍ରଦର୍ଶନ କରିଛି ଏବଂ କଂଗ୍ରେସ ଏଠାରେ ନିଜ ଯୋଜନାରେ ସଫଳ ହୋଇଥିବା ଜଣାପଡିଛି। ଗୁଜୁରାଟ ଓ ହିମାଚଳପ୍ରଦେଶର ନିର୍ବାଚନ ଫଳାଫଳ ଆସିବା ପରେ ଦେଶରେ ବିଜେପି ଶାସିତ ରାଜ୍ୟ ସଂଖ୍ୟା ୧୪କୁ ବୃଦ୍ଧି ପାଇଛି। ଏଥିସହିତ ବିଜେପି ପାଞ୍ଚଟି ରାଜ୍ୟରେ ମେଣ୍ଟ ସରକାରର ସହଯୋଗୀ ଭାବେ ମଧ ରହିଛି। ପୂର୍ବରୁ କେବେ କୌଣସି ରାଜନୀତିକ ଦଳ ଏତେ ସଂଖ୍ୟକ ରାଜ୍ୟରେ ଶାସନ କ୍ଷମତାରେ ରହିବାର ସୌଭାଗ୍ୟ ଅର୍ଜନ କରିନାହିଁ। ଦୀର୍ଘ ୨୪ବର୍ଷ ତଳେ ୧୯୯୩ରେ ଦେଶର ରାଜ୍ୟ ସଂଖ୍ୟା ୨୬ ଥିଲା।

➤ ପୃ-୬

# ପ୍ରଭାବ ପଡିବନି - ନବୀନ, ସମୟକୁ ଅପେକ୍ଷା କର - ଧର୍ମେନ୍ଦ୍ର





**ଭୁବନେଶ୍ୱର :** ଗୁଜୁରାଟ ଓ ହିମାଚଳପ୍ରଦେଶରେ ଜନମତ ବିଜେପି ସପକ୍ଷରେ ଯାଇଥିବାରୁ ଓଡ଼ିଶାରେ ଏହାକୁ ନେଇ ଢେର ଚର୍ଚ୍ଚା ଆରମ୍ଭ ହୋଇଯାଇଛି। କେହି କେହି ଆଗାମୀ ଦିନରେ ଓଡ଼ିଶାରେ ପଦ୍ମର ଲହର ଦେଖାଯିବ କହୁଥିଲା ବେଳେ ଆଉ କେହି କେହି ଏଠାରେ ଶଙ୍ଖର ସ୍ୱର ଶାଣିତ ହେବ ବୋଲି କହୁଛନ୍ତି। ଦୀର୍ଘବର୍ଷ ହେବ ଓଡ଼ିଶାର ଶାସନ କ୍ଷମତାରେ ବିଜୁ ଜନତା ଦଳ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନକଲ୍ୟାଣକାରୀ ଯୋଜନାର ସୁଦୂରପ୍ରସାରୀ ପ୍ରଭାବ ରହିଥିବା ସମ୍ପର୍କରେ ମତ ରଖୁଥିଲା ବେଳେ ଆଉ କେହି କେହି ବିଜେପିର ଓଡ଼ିଶା ଦଖଲ ପ୍ରସଙ୍ଗ ଉଠାଉଛନ୍ତି। କାରଣ କେନ୍ଦ୍ର ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ୍, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ବିଜେପି ରାଷ୍ଟ୍ରୀୟ ଅଧକ୍ଷ ଓଡ଼ିଶାରେ ୧୨୦ ଆସନ ଦଖଲ କରିବା ସମ୍ପର୍କରେ ପୂର୍ବରୁ କହିସାରିଛନ୍ତି। ଏହାକୁ ନେଇ ରାଜ୍ୟ ରାଜନୀତି ଏଯାବତ ସରଗରମ ରହିଛି। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପୂର୍ବ ଭାରତର ବିକାଶ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀଙ୍କ ଆଭିମୁଖ୍ୟ ସହ ସାମିଲ ହୋଇ ଓଡ଼ିଶାର ବିକାଶ ପ୍ରତି ଅଧିକ ଯତ୍ନଶୀଳ ହୋଇଛନ୍ତି। ଉଜ୍ଜ୍ୱଳା, ପାଇପ୍ ଯୋଗେ ରନ୍ଧନ ଗ୍ୟାସ୍ ଯୋଗାଣ ପରେ ସିଏନ୍‌ଜି ଷ୍ଟେସନର ଶୁଭାରମ୍ଭ କରି ଏହାର ଯଥାର୍ଥତାକୁ ପ୍ରତିପାଦିତ କରିଛନ୍ତି। ସେହିଭଳି ଆଗାମୀ ଦିନରେ ପାରାଦୀପରେ ବୃହତ୍ ପେଟ୍ରୋ କେମିକାଲ ହବ୍ ଯୋଜନାର ଶୁଭାରମ୍ଭ କରିସାରିଛନ୍ତି। ଓଡ଼ିଆ ଲୋକଙ୍କ ସ୍ୱାର୍ଥ ଓ ସୁରକ୍ଷା ପାଇଁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଅବିରତ ଯେଉଁଳି ପ୍ରଚେଷ୍ଟା ଜାରି ରଖିଛନ୍ତି ସେଥିରେ ରାଜ୍ୟରେ ବିଜେପିକୁ ଫାଇଦା ମିଳିବାର ଯଥେଷ୍ଟ ସମ୍ଭାବନା ଦେଖାଦେଇଛି। ହେଲେ ମହାନଦୀ ପ୍ରସଙ୍ଗରେ ରାଜ୍ୟ ସରକାର କେନ୍ଦ୍ରକୁ ଯେଭଳି ଦୋଷ ଦେଉଛନ୍ତି ସେଥିରେ ରାଜ୍ୟ ବିଜେପିର ଭୂମିକାକୁ ନେଇ ପ୍ରଶ୍ନବାଚୀ ମଧ ସୃଷ୍ଟି ହୋଇଛି। କେନ୍ଦ୍ରୀୟ ଯୋଜନା ବାହାରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ରାଜ୍ୟବାସୀଙ୍କ କଲ୍ୟାଣ ପାଇଁ ବହୁ ସରକାରୀ ଯୋଜନା ପ୍ରଣୟନ କରିବା ସହିତ ଆଗାମୀ ଦିନରେ ବିଜେଡି ଯେ ଓଡ଼ିଶାବାସୀଙ୍କ ଦଳ ଏହା ପ୍ରମାଣ କରିବା ପାଇଁ ଯଥେଷ୍ଟ ଉଦ୍ୟମ କରୁଛନ୍ତି।

ଆଗାମୀ ବିଧାନସଭା ନିର୍ବାଚନରେ ବିଜୁ ଜନତା ଦଳ କୌଣସି ପ୍ରକାର ଶାସନ ବିରୋଧୀ ହାୱାର ସମ୍ମୁଖୀନ ହେବନାହିଁ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

## ଦଳ ବିରୋଧୀ ବୟାନ ମହଙ୍ଗା ପଡିଲା

# ଜିଲ୍ଲା କମିଟିରୁ ବିଜୟ ବିଦା



**ଭୁବନେଶ୍ୱର/କେନ୍ଦ୍ରାପଡ଼ା :** କେନ୍ଦ୍ରାପଡ଼ା ଜିଲ୍ଲା ବିଜେପି ସଙ୍ଗଠନ ନିର୍ଦ୍ଦେଶରେ ଗତ ଗୁରୁବାର ଗରଦପୁରର ସିଙ୍ଗିଟିଆରେ ଆୟୋଜିତ ମିଶ୍ରଣ ସମାବେଶ ର୍‍ୟାଲି ଅନୁଷ୍ଠିତ ହୋଇଥଲା। ବିଜେପିର ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କ ସମର୍ଥକମାନେ ଏଠାରେ ର୍‍ୟାଲି ଭଣ୍ଡୁର କରିବା ସହତ ଦଳୀୟ କର୍ମୀଙ୍କୁ ଆକ୍ରମଣ କରିବା ଭଳି ଘଟଣା ଘଟିଥିଲା। ଯାହାକୁ ନେଇ ବିଜୟଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ଉଠିଥିଲା। ଫଳରେ ଜିଲ୍ଲା ବିଜେପି ସଂଗଠନ ପକ୍ଷରୁ କଡା ଆଭିମୁଖ୍ୟ ଗ୍ରହଣ କରାଯାଇ ବିଜୟଙ୍କୁ ବିଜେପି ଜିଲ୍ଲା କମିଟିର ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ପଦରୁ ବହିଷ୍କାର କରାଯାଇଛି। ଶ୍ରୀ ମହାପାତ୍ରଙ୍କୁ ମିଶାଇ ଆଠଜଣଙ୍କୁ ଦଳରୁ ବହିଷ୍କାର ପାଇଁ ରାଜ୍ୟ ଓ ରାଷ୍ଟ୍ରୀୟ ବିଜେପି

➤ ପୃ-୬

# ବିଜେପୁର ପାଇଁ ବିଜେଡିର ତତ୍ପରତା

**ଭୁବନେଶ୍ୱର :** ବିଜେପୁର ଉପନିର୍ବାଚନ ପାଇଁ ତାରିଖ ଘୋଷଣା ହୋଇନଥିଲେ ମଧ ବିଜେଡି ପକ୍ଷରୁ ଏଥିନେଇ ଜୋରଦାର ପ୍ରସ୍ତୁତି ଚାଲିଥିବା ଜଣାପଡିଛି। ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ବିଜେପୁରରେ ଦଳର ସ୍ଥିତି ସମ୍ପର୍କରେ ସମୀକ୍ଷା କରିବା ସହ ଉପନିର୍ବାଚନ ପାଇଁ ରଣନୀତିକୁ ଚୂଡ଼ାନ୍ତ ରୂପ ଦେଇଛନ୍ତି। ବିଜେପୁର ଉପନିର୍ବାଚନ ପ୍ରସଙ୍ଗରେ ଆଲୋଚନା ପାଇଁ ଆଜି ବରଗଡ଼ ଜିଲ୍ଲାର ମନ୍ତ୍ରୀ, ବିଧାୟକ ଓ ବରିଷ୍ଠ ନେତାଙ୍କ ସମେତ ଦଳୀୟ ପର୍ଯ୍ୟବେକ୍ଷକମାନଙ୍କ ସହ ଶ୍ରୀ ପଟ୍ଟନାୟକ ଆଲୋଚନା କରିଛନ୍ତି। ଗୁଜରାଟ ଓ ହିମାଚଳ ପ୍ରଦେଶ ବିଧାନସଭା ନିର୍ବାଚନରେ ବିଜେପି ବିଜୟୀ ହେବାର ଠିକ ଦୁଇଦିନ ପରେ ନବୀନଙ୍କ ଉପନିର୍ବାଚନ ପାଇଁ ଏହି ପ୍ରସ୍ତୁତିକୁ ବେଶ୍ ଗୁରୁତ୍ୱ ଦିଆଯାଉଛି। ବୈଠକରେ ଆଲୋଚନା ସମ୍ପର୍କରେ ଆନୁଷ୍ଠାନିକ ଭାବେ କେହି କିଛି କହିନଥିଲେ ମଧ୍ୟ ଗତ ମାସକ ମଧ୍ୟରେ ବିଜେପୁର ନିର୍ବାଚନମଣ୍ଡଳୀର ଦୁଇଟି ବ୍ଲକ୍‌ରେ ସ୍ଥାନୀୟ ବିଜେଡି ନେତାମାନଙ୍କ ମଧ୍ୟରେ ତାଳମେଳ ଠିକ୍ ରହୁନଥିବାକୁ ନେଇ ନବୀନ କ୍ଷୁବ୍ଧ ହୋଇଥିଲେ। ବିଜେପୁରରେ ତୃଣମୂଳସ୍ତରରେ ସଂଗଠନକୁ

➤ ପୃ-୬



ବରଗଡ଼ : ନିରପେକ୍ଷ ଓ ରୁଚିପୂର୍ଣ୍ଣ ଖବରକାଗଜ ଭାବେ ମୋର ପସନ୍ଦ 'ଏକମାତ୍ର', ଆପଣ ବି ପଢ଼ନ୍ତୁ...

# ସମସ୍ତେ ଦୋଷମୁକ୍ତ




**ନୂଆଦିଲ୍ଲୀ :** ବହୁ ଚର୍ଚ୍ଚିତ ଟୁ-ଜି ସ୍ପେକ୍ଟ୍ରମ ଦୁର୍ନୀତିର ରାୟ ପ୍ରକାଶ ପାଇଛି। ଏଥିରେ ପ୍ରମାଣ ଅଭାବରୁ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଦୋଷମୁକ୍ତ କରିଛନ୍ତି। ସୂଚନାଯୋଗ୍ୟ, ଡକ୍ଟର ମନମୋହନ ସିଂହଙ୍କ ନେତୃତ୍ୱାଧୀନ ୟୁପିଏ-୨ ସରକାର ଅମଳରେ ହୋଇଥିବା ଏହି ମାମଲାରେ ପଟିଆଲା ହାଉସ୍ କୋର୍ଟ ପୂର୍ବତନ ଟେଲିକମ୍ ମନ୍ତ୍ରୀ ଏ ରାଜା, ରାଜ୍ୟସଭା ସାଂସଦ କାନିମୋଝି ଓ ଅନ୍ୟ ୧୫ ଜଣଙ୍କୁ ଦୋଷମୁକ୍ତ କରିଛନ୍ତି। ଏଥିରେ ଜଡ଼ିତ ୩ଟି ଟେଲିକମ୍ କମ୍ପାନୀ- ସ୍ୱାନ୍ ଟେଲିକମ୍ ପ୍ରାଇଭେଟ୍ ଲିମିଟେଡ୍, ୟୁନିଟେକ୍ ଲିମିଟେଡ୍ ଓ ରିଲାଏନ୍ସ ଅନୀଲ୍ ଧିରୁଭାଇ ଅମ୍ବାନୀ ଗ୍ରୁପ୍ ମଧ ଦୋଷମୁକ୍ତ ହୋଇଛନ୍ତି। ବିଚାରପତି ଓପି ସାଇନି ରାୟ ମାମଲାର ଘୋଷଣା କରି କହିଛନ୍ତି, ସମସ୍ତେ ଏହାକୁ ସବୁଠାରୁ ବଡ଼ ଦୁର୍ନୀତି ଭାବେ ଦେଖୁଥିଲେ ବି କେହି ଦୋଷୀ ହେଲେ ନାହିଁ। କିଛି ଲୋକ ଅତି କୌଶଳପୂର୍ଣ୍ଣ ଭାବେ ଦୁର୍ନୀତି କରି ଅତି ସହଜରେ ଖସିଗଲେ। ବିଚାରପତି ତାଙ୍କ ରାୟରେ କହିଛନ୍ତି, ସିବିଆଇର ତଦନ୍ତକାରୀମାନେ ରାଜା ଓ ଟେଲିକମ୍ ସେବାର ଲାଇସେନ୍ସ ହାସଲ କରିଥିବା କମ୍ପାନୀଗୁଡ଼ିକର ଅଧିକାରୀମାନଙ୍କୁ ଦୋଷୀ ସାବ୍ୟସ୍ତ କରିବାରେ ବିଫଳ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ପୂର୍ବତନ ଟେଲିକମ୍ ମନ୍ତ୍ରୀ ରାଜା ସ୍ପେକ୍ଟ୍ରମ୍ ବିକିବାରେ ଲାଞ୍ଚ

➤ ପୃ-୬

# ଦେୟମୁକ୍ତ ରୋଗ ଚିହ୍ନଟ ପାଇଁ 'ନିଦାନ'



**ଭୁବନେଶ୍ୱର :** ଆଗାମୀ ଜାନୁଆରୀ ପହିଲାଠାରୁ ରାଜ୍ୟର ବିଭିନ୍ନ ସରକାରୀ ହସ୍ପିଟାଲରେ ରୋଗୀଙ୍କୁ ମାଗଣାରେ ୪ଟି ପ୍ରମୁଖ ସ୍ୱାସ୍ଥ୍ୟସେବା ଉପଲବ୍ଧ ହେବ। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୪ଟି ନୂଆ ଯୋଜନା- ନିଦାନ, ସହାୟ, ଆମ କ୍ଲିନିକ୍ ଓ ଅନ୍‌ମୋଲ୍‌ର ଶୁଭାରମ୍ଭ କରି ରାଜ୍ୟବାସୀଙ୍କୁ ନୂଆବର୍ଷ ଲାଗି ଆଗୁଆ ଉପହାର ଦେଇଛନ୍ତି। ସଚିବାଳୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏହି ୪ଟି ନୂଆ ଯୋଜନାର ଶୁଭାରମ୍ଭ କରି କହିଛନ୍ତି ଯେ 'ନିଦାନ' ଯୋଜନାରେ ରାଜ୍ୟର ସବୁ ସରକାରୀ ହସ୍ପିଟାଲରେ ସମସ୍ତ ରୋଗୀଙ୍କୁ ମାଗଣାରେ ରୋଗ ନିରୂପଣ ସେବା ଯୋଗାଇ ଦିଆଯିବ। ଏହା ବ୍ୟତୀତ ୨୦୧୮ ମାର୍ଚ୍ଚ ମାସରୁ ଅତ୍ୟାଧୁନିକ ପ୍ୟାଥୋଲୋଜି ପରୀକ୍ଷା, ଡିଜିଟାଲ ଏକ୍ସ-ରେ, ସିଟି ସ୍କାନ୍ ଓ ଏମ୍‌ଆର୍‌ଆଇ ସୁବିଧାକୁ ରାଜ୍ୟ ସରକାର ମାଗଣାରେ ପିପିପି ମୋଡ୍‌ରେ ସମସ୍ତ ରୋଗୀଙ୍କ ପାଇଁ ଉପଲବ୍ଧ କରାଇବେ। ସେହିପରି 'ସହାୟ' ଯୋଜନାରେ ଜାନୁୟାରୀ ପହିଲାରୁ ସମସ୍ତ ରୋଗୀଙ୍କୁ ମାଗଣା ଡାଏଲିସିସ୍ ସେବା ଉପଲବ୍ଧ ହେବ। ବିଶେଷ କରି କିଡ୍‌ନୀ ରୋଗୀଙ୍କୁ ମାଗଣାରେ ଡାଏଲିସିସ୍ ସୁବିଧା ମିଳିବ। ୨୫ଟି ଜିଲ୍ଲା ମୁଖ୍ୟ ହସ୍ପିଟାଲ ଓ କଟକର ନରସିଂହପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ପିପିପି ମୋଡ୍‌ରେ ୧୨୭ଟି ଡାଏଲିସିସ୍ ମେସିନ୍ ସ୍ଥାପନ କରାଯିବ। ରାଜ୍ୟ ସରକାର ଉଭୟ ମାଗଣା ଡାଇଗ୍ନୋଷ୍ଟିକ୍ ଓ ଡାଏଲିସିସ୍ ସେବା ପାଇଁ ୫ବର୍ଷ ମଧ୍ୟରେ ୬୦୦କୋଟି ଟଙ୍କା ଖର୍ଚ୍ଚ କରିବେ।

➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** ଧାର୍ମିକ ଓ ଆଧ୍ୟାତ୍ମିକ କ୍ଷେତ୍ରରେ ରୁଚି ରହିବ । ଛାତ୍ରଛାତ୍ରୀମାନେ ପାଠପଢ଼ାରେ ମନ ନିବେଶ କରିବେ । ଜମିଜମା ବିବାଦର ସମାଧାନ ହେବ । ରାଜନୀତିରେ ଆଧିପତ୍ୟ ଜାହିର କରିବେ । ବ୍ୟବସାୟରେ ଉନ୍ନତି ମିଳିବ ।

**ବୃଷ** ସରକାରୀ ଚାକିରିରେ ପଦୋନ୍ନତି ଆଶା । ଛାତ୍ରଛାତ୍ରୀମାନେ ପାଠପଢ଼ା କ୍ଷେତ୍ରରେ ଚିନ୍ତିତ ରହିବେ । ବ୍ୟବସାୟରେ ଆଶାନୁରୂପ ସଫଳତା ପାଇବେ । ବନ୍ଧୁଙ୍କଠାରୁ ସହଯୋଗର ମିଳିବ । ଗୃହରେ ପାରିବାରିକ ଶାନ୍ତି ବଜାୟ ରହିବ ।

**ମିଥୁନ** ସୁଖ ସୌଭାଗ୍ୟ ବୃଦ୍ଧି ହୋଇପାରେ । ପରିବାର ସହିତ ଧାର୍ମିକ କାର୍ଯ୍ୟକ୍ରମକୁ ଯାଇପାରନ୍ତି । ଗୃହରେ ଶାନ୍ତିର ବାତାବରଣ ଦେଖାଦେବ । ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି କୃତିତ୍ୱ ହାସଲ କରିବେ ।

**କର୍କଟ** ଧନ ପ୍ରାପ୍ତିର ଯୋଗ ରହିଛି । ପରୀକ୍ଷାରେ ଛାତ୍ରଛାତ୍ରୀମାନେ କୃତୀତ୍ୱ ଲାଭ କରିବେ । କୋର୍ଟକଚେରୀ ବିବାଦର ସମାଧାନ ହେବ । ଆର୍ଥିକ ସମସ୍ୟା ଦୂର ହୋଇପାରେ । ବ୍ୟବସାୟରେ ଲାଭବାନ ହେବେ ।

**ସିଂହ** ଆପଣଙ୍କ ପ୍ରତିଭା ଅନୁସାରେ ସଫଳତା ପାଇବେ । ଛାତ୍ରଛାତ୍ରୀମାନେ ଶିକ୍ଷାକ୍ଷେତ୍ରରେ ଉନ୍ନତି ଲାଭ କରିବେ । ଭୂସଂପତ୍ତି ମାମଲାରେ ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁ ନାହିଁ ।

**କନ୍ୟା** ଧାର୍ମିକ ତଥା ଆଧ୍ୟାତ୍ମିକ କାମରେ ସମୟ ଅତିବାହିତ କରିବେ । କଳାକାରମାନେ ଅସୁବିଧାର ସମ୍ମୁଖୀନ ହେବେ । ଗୃହରେ ସନ୍ତାନଙ୍କ ସ୍ୱାସ୍ଥ୍ୟ ପ୍ରତି ଚିନ୍ତିତ ରହିବେ । ଯାନବାହନ ପ୍ରତି ସତର୍କତା ଅବଲମ୍ବନ କରିବେ ।

**ତୁଳା** କଳା ଓ ସାହିତ୍ୟ କ୍ଷେତ୍ରରେ ଆଗକୁ ବଢ଼ିବେ । ଧନପ୍ରାପ୍ତିର ସୁଯୋଗ ଆସିପାରେ । ନୂଆ ଗାଡି କିଣିବା ପାଇଁ ମନ ବଳିବ । ଆର୍ଥିକ ପରିସ୍ଥିତି ସୁଧାର ଆସିପାରେ । ବ୍ୟବସାୟରେ ଆଶାନୁରୂପ ସଫଳତା ପାଇବେ ।

**ବିଛା** ଚାକିରିଆଙ୍କ ପାଇଁ ଭଲ ସୁଯୋଗ । ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମକରି ସଫଳ ପାଇବେ । ନୂତନ ଯାନ କ୍ରୟ କରିବାର ସୁଯୋଗ ମିଳିବ । ବ୍ୟବସାୟୀମାନେ ଲାଭବାନ ହେବେ । ରାଜନୀତିରେ ଶୁଭଫଳ ମିଳିବ ।

**ଧନୁ** କାର୍ଯ୍ୟକ୍ଷେତ୍ରରେ ଉଚ୍ଚ ଅଧିକାରୀଙ୍କ ସହିତ ମନମାଳିନ୍ୟ ହୋଇପାରେ । ଆର୍ଥିକ ଚିନ୍ତାରୁ କିଛିମାତ୍ରାରେ ମୁକ୍ତି ମିଳିବ । ବ୍ୟବସାୟୀମାନେ ଆଶାନୁରୂପ ଲାଭ ପାଇବେ । କଳାକାରମାନେ ଯଶ ଅର୍ଜନ କରିବେ ।

**ମକର** ଆର୍ଥିକ ସ୍ୱଚ୍ଛଳତା ଦେଖାଦେବ । ଦୀର୍ଘ ଦିନରୁ ଲାଗିରହିଥିବା ସମସ୍ୟାର ସମାଧାନ ହେବ । ନୂତନ ଯାନ କ୍ରୟ କରିପାରନ୍ତି । ବ୍ୟବସାୟରେ ଉନ୍ନତି ହେବ । ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି ।

**କୁମ୍ଭ** ହଠାତ୍ ଧନ ବୃଦ୍ଧି ହେବ । କର୍ମକ୍ଷେତ୍ରରେ ବଦଳି ହୋଇପାରେ । ସ୍ୱାସ୍ଥ୍ୟ ପ୍ରତି ସଚେତନ ରୁହନ୍ତୁ । ଜମି କିଣାବିକାରେ ସତର୍କତା ଅବଲମ୍ବନ କରିବେ । କଳାକାରମାନେ ସମ୍ମାନିତ ହେବେ । ରାଜନୈତିକ କ୍ଷେତ୍ରରେ ଶୁଭଫଳ ମିଳିପାରେ ।

**ମୀନ** କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଆଶଙ୍କା ରହିଛି । ସାମାଜିକ କାର୍ଯ୍ୟରେ ଲିପ୍ତ ରହିବେ । ବ୍ୟବସାୟୀମାନେ ଅଧିକ ଲାଭବାନ ହେବେ । ମାନସିକ ପୀଡାରୁ ମୁକ୍ତି ମିଳିପାରେ ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

## ରୁପାନୀ ଗୁଜୁରାଟ ମୁଖ୍ୟମନ୍ତ୍ରୀ

**ଗାନ୍ଧିନଗର :** ଗୁଜରାଟରେ ବିଜୟ ରୁପାନୀ ମୁଖ୍ୟମନ୍ତ୍ରୀ ପଦରେ ରହିବେ ଏବଂ ନୀତୀନ ପଟେଲ ଗତଥର ପରି ଏଥର ମଧ୍ୟ ଉପ-ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରିବେ । ନବ ନିର୍ବାଚିତ ବିଜେପି ବିଧାୟକ ଦଳ ବୈଠକରେ ରୁପାନୀଙ୍କୁ ଦଳର ନେତା ଭାବେ ସର୍ବସମ୍ମତିକ୍ରମେ ବଛାଯାଇଛି ବୋଲି ଏଥିରେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିବା କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ପରେ ଶପଥ ଗ୍ରହଣ ଉତ୍ସବର ତାରିଖ ଘୋଷଣା କରାଯିବ ।

## 'ନୋଟ୍‌ବନ୍ଦୀ ଓ ଜିଏସ୍‌ଟି ଲାଭଦାୟକ ହୋଇଛି'

**ନୂଆଦିଲ୍ଲୀ :** ନୋଟ୍‌ବନ୍ଦୀ ଏବଂ ଦ୍ରବ୍ୟ ଓ ସେବା କର (ଜିଏସ୍‌ଟି) ଦ୍ୱାରା ଦେଶରେ ସାମୟିକ ଅସୁବିଧା ହୋଇଥିଲେ ମଧ୍ୟ ଏହା ଦ୍ୱାରା ଦୀର୍ଘ ମିଆଦୀ ଫାଇଦା ମିଳୁଛି ବୋଲି ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍) ପକ୍ଷରୁ କୁହାଯାଇଛି । ଆଇଏମ୍‌ଏଫ୍‌ର ଜଣେ ଅଧିକାରୀ ଏକ ଟିଭି ଚ୍ୟାନେଲକୁ ସାକ୍ଷାତକାର ଦେଇ କହିଛନ୍ତି, ଚଳିତ ବର୍ଷ ଭାରତର ଅଭିବୃଦ୍ଧି ହାର ୬.୭% ଏବଂ ଆସନ୍ତା ବର୍ଷ ୭.୪% ହେବ ବୋଲି ଆଶା କରାଯାଉଛି । ଆସନ୍ତାବର୍ଷ ଜାନୁଆରୀରେ ଆଇଏମ୍‌ଏଫ୍ ପକ୍ଷରୁ ଭାରତ ସମେତ ବିଶ୍ୱର ଅଭିବୃଦ୍ଧି ହାର ସମ୍ପର୍କିତ ବିସ୍ତୃତ ତଥ୍ୟ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି ।

# ଭାରତର ନିଷ୍ପତ୍ତିକୁ ଭୁଲ କହିଲେ ସୁବ୍ରମଣ୍ୟମ୍

**ୱାଶିଂଟନ୍ :** ପ୍ରାୟ ଅନେକ ସମୟରେ ବିଜେପିର ରାଜ୍ୟସଭା ସାଂସଦ ସୁବ୍ରମଣ୍ୟମ୍ ସ୍ୱାମୀ ପାର୍ଟି ଲାଇନ୍‌ରୁ ଦୂରେଇଯିବା ଦେଖାଯାଉଛି । ଜେରୁଜେଲମ୍ ପ୍ରସଙ୍ଗରେ ଆମେରିକାର ଆଭିମୁଖ୍ୟକୁ ବିରୋଧ କରି ଜାତିସଂଘ ସାଧାରଣ ପରିଷଦରେ ଆଗତ ଏକ ପ୍ରସ୍ତାବ ଉପରେ ହୋଇଥିବା ମତଦାନରେ ଭାରତ ଆମେରିକା ବିରୋଧରେ ଭୋଟ୍ ଦେଇଥିବାରୁ ବିଜେପି ନେତା ସ୍ୱାମୀ ଏହାକୁ ଏକ 'ବଡ଼ ଭୁଲ୍' ବୋଲି ଅଭିଯୋଗ କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଚଳିତ ମାସ ପ୍ରାରମ୍ଭରେ ଆମେରିକା ବିଭାଜିତ ଜେରୁଜେଲମ୍‌କୁ ଇସ୍ରାଏଲ୍‌ର ରାଜଧାନୀ ବୋଲି ସରକାରୀ ଭାବେ ଘୋଷଣା କରିଥିଲା । ଏହାକୁ ଶତାଧିକ ରାଷ୍ଟ୍ର ଜାତିସଂଘରେ ବିରୋଧ କରିଛନ୍ତି । ଏହି ପରିପ୍ରେକ୍ଷୀରେ ସ୍ୱାମୀ କହିଛନ୍ତି, ଭାରତ ତା'ର ଜାତୀୟ ସ୍ୱାର୍ଥ ବିରୋଧରେ ମତଦାନ କରିଛି । କାରଣ କଶ୍ମୀର ପ୍ରସଙ୍ଗରେ ଭାରତକୁ ପାଲେଷ୍ଟାଇନ୍ ଆଦୌ ସମର୍ଥନ କରିନାହିଁ । ବରଂ ଇସ୍ରାଏଲ୍ ଭାରତ ପଛରେ ସର୍ବଦା ଠିଆ ହୋଇଛି । ସେ ଆହୁରି କହିଛନ୍ତି, ପଶ୍ଚିମ ଜେରୁଜେଲମ୍ ଇସ୍ରାଏଲ୍‌ର । ତେଣୁ ଆମେରିକା ନିଷ୍ପତ୍ତିରେ କୌଣସି ଭୁଲ ନାହିଁ । ଭାରତର ମଧ୍ୟ ଇସ୍ରାଏଲ୍‌ରେ ଦୂତାବାସ ରହିଛି । ପ୍ରକୃତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଇସ୍ରାଏଲ୍ ପ୍ରତିପକ୍ଷ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ମଧ୍ୟରେ ଘନିଷ୍ଠ ସମ୍ପର୍କ ରହିଛି । ଗତ ଜୁଲାଇରେ ନେତାନ୍ୟାହୁ ଭାରତ ଆସିଥିଲେ । ମୋଦି ମଧ୍ୟ ଇସ୍ରାଏଲ ଗସ୍ତ କରିଛନ୍ତି ବୋଲି ସ୍ୱାମୀ କହିଛନ୍ତି । ଜେରୁଜେଲମ୍‌କୁ ଇସ୍ରାଏଲ୍‌ର ରାଜଧାନୀ ଭାବେ ସ୍ୱୀକୃତି ଦେବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ନିଷ୍ପତ୍ତିକୁ ବିରୋଧ କରି ଏକ ପ୍ରସ୍ତାବ ଉପରେ ଜାତିସଂଘ ସାଧାରଣ ପରିଷଦରେ ମତଦାନ ହୋଇଥିଲା । ଏଥିରେ ଭାରତ ସଂଖ୍ୟାଗରିଷ୍ଠ ରାଷ୍ଟ୍ରଗୁଡ଼ିକ ସହ ସାମିଲ ହୋଇ ଏହି ପ୍ରସ୍ତାବ ସପକ୍ଷରେ ମତଦାନ କରିଥିଲା । ଏହି ପରିପ୍ରେକ୍ଷୀରେ ଜାତିସଂଘରେ ଆମେରିକାର ରାଷ୍ଟ୍ରଦୂତ ନିକି ହାଲି ଚେତାବନୀ ଦେଇ କହିଛନ୍ତି, ଯେଉଁ ରାଷ୍ଟ୍ରଗୁଡ଼ିକ ଟ୍ରମ୍ପ୍‌ଙ୍କ ନିଷ୍ପତ୍ତି ବିରୋଧରେ ମତଦାନ କରିଛନ୍ତି, ସେହି ରାଷ୍ଟ୍ରଗୁଡ଼ିକୁ ଆମେରିକା ପାଣ୍ଠି ଯୋଗାଣ ବନ୍ଦ କରିପାରେ । ଉଲ୍ଲେଖଯୋଗ୍ୟ ଯେ, ଟ୍ରମ୍ପ୍‌ଙ୍କ ପ୍ରସ୍ତାବ ବିରୋଧରେ ଭାରତ ସମେତ ୧୨୮ଟି ଦେଶ ମତଦାନ କରିଛନ୍ତି । ଏହି ରାଷ୍ଟ୍ରଗୁଡ଼ିକ ଦର୍ଶାଇଛନ୍ତି ଯେ, ଜେରୁଜେଲମ୍‌ର ସ୍ଥିତି ବଜାୟ ରହିବା ଉଚିତ । ଏଥିପାଇଁ ଇସ୍ରାଏଲ ଓ ପାଲେଷ୍ଟାଇନ୍ ମଧ୍ୟରେ ସିଧାସଳଖ ଆଲୋଚନା ହେବା ଉଚିତ । ପ୍ରସ୍ତାବ ବିରୋଧରେ ୯ଟି ରାଷ୍ଟ୍ର ମତଦାନ କରିଥିଲା ବେଳେ ୩୫ଟି ରାଷ୍ଟ୍ର ଏଥିରୁ ନିବୃତ୍ତ ରହିଥିଲେ । ତୁର୍କୀ ଓ ୟେମେନ୍ ପକ୍ଷରୁ ସାଧାରଣ ପରିଷଦରେ ଏହି ପ୍ରସ୍ତାବ ଆଗତ କରାଯାଇ ଦର୍ଶାଯାଇଥିଲା ଯେ, ଜେରୁଜେଲମ୍ ପ୍ରସଙ୍ଗ ଆଲୋଚନା ଜରିଆରେ ସମାଧାନ କରାଯାଉ । ଜାତିସଂଘରେ ଉଦ୍‌ବୋଧନ ଦେଇ ତୁର୍କୀର ବୈଦେଶିକ ମନ୍ତ୍ରୀ ମେଭ୍‌ଲୁଟ୍ କାଭୁସୋଗ୍‌ଲୁ କହିଥିଲେ, ଟ୍ରମ୍ପ୍‌ଙ୍କ ନିଷ୍ପତ୍ତି ଉଦ୍‌ବେଗଜନକ ଏବଂ ତାହା ସାର୍ବଜନୀନ ମୂଲ୍ୟବୋଧର ବିରୁଦ୍ଧାଚରଣ କରୁଛି । ପାଲେଷ୍ଟେନୀୟମାନେ ୧୯୬୭ର ସୀମା ନିର୍ଦ୍ଧାରଣ ଅନୁଯାୟୀ ଏହାକୁ ରାଜଧାନୀ ଭାବେ ଗ୍ରହଣ କରିବାର ସେମାନଙ୍କ ଅଧିକାର ରହିଛି । ଏହି ମତଦାନରେ ଆମେରିକା ସପକ୍ଷରେ ରହି ଯେଉଁ ରାଷ୍ଟ୍ରଗୁଡ଼ିକ ତୁର୍କୀର ପ୍ରସ୍ତାବ ବିରୋଧରେ ମତଦାନ କରିଥିଲେ, ସେଗୁଡ଼ିକ ହେଲା ହଣ୍ଡୁରାସ୍, ଇସ୍‌ରାଏଲ୍, ମାର୍ସାଲ୍ ଆଇଲ୍ୟାଣ୍ଡ୍, ମାଇକ୍ରୋନେସିଆ, ନାଉରୁ, ପାଲାଉ ଓ ଟୋଗୋ । ମତଦାନରୁ ନିବୃତ୍ତ ରହିଥିବା ରାଷ୍ଟ୍ରଗୁଡ଼ିକ ହେଲେ, ଅଷ୍ଟ୍ରେଲିଆ, ଭୁଟାନ, କ୍ୟାନାଡା, କଲମ୍ବିଆ, ହଙ୍ଗେରୀ, ମେକ୍ସିକୋ, ପାନାମା, ଫିଲିପାଇନ୍ସ, ପୋଲାଣ୍ଡ୍ ଓ ଉଗାଣ୍ଡା ।

## ସୁଖୋଇ-୩୦ରେ ବ୍ରହ୍ମୋସ୍ କ୍ଷେପଣାସ୍ତ୍ର

**ନୂଆଦିଲ୍ଲୀ :** ଭାରତୀୟ ବାୟୁସେନାର ଆକ୍ରମଣ କ୍ଷମତା ବଢ଼ାଇବା ପାଇଁ ଏବେ ୪୦ଟି ସୁଖୋଇ-୩୦ ଫାଇଟର୍ ଜେଟ୍‌ରେ ବ୍ରହ୍ମୋସ୍ କ୍ଷେପଣାସ୍ତ୍ର ଖଞ୍ଜାଯିବା କାର୍ଯ୍ୟ ଆରମ୍ଭ ହୋଇଯାଇଛି । ବ୍ରହ୍ମୋସ୍ ହେଉଛି ବିଶ୍ୱର ଦ୍ରୁତତମ ସୁପର୍‌ସୋନିକ୍ କ୍ରୁଜ୍ କ୍ଷେପଣାସ୍ତ୍ର । ଏହାର ଓଜନ ୨.୫ଟନ୍ ଓ ଏହା ବାୟୁରେ ଶବ୍ଦର ଗତିଠାରୁ ୩ଗୁଣ ବେଗରେ ଅର୍ଥାତ୍ ମାକ୍ ୨.୮ ବେଗରେ ଗତି କରିବାକୁ ସକ୍ଷମ । ଏହାର ରେଞ୍ଜ୍ ହେଉଛି ୨୯୦ କିମି । ଗତ ନଭେମ୍ବର ୨୨ ତାରିଖରେ ସୁଖୋଇ-୩୦ କମ୍ବାଟ୍ ଜେଟ୍‌ରୁ ସଫଳତାର ସହ ବ୍ରହ୍ମୋସ୍ ପ୍ରୟୋଗ କରାଯାଇଥିଲା । ତେବେ ସୁଖୋଇ-୩୦ କମ୍ବାଟ୍ ଜେଟ୍‌ରେ କେତେକ ମେକାନିକାଲ୍, ଇଲେକ୍ଟ୍ରିକାଲ ଓ ସଫ୍ଟୱେୟାର୍ ମୋଡିଫିକେସନ୍ କରାଗଲେ ଯାଇ ଏହି ଜେଟ୍‌ରୁ ବ୍ରହ୍ମୋସ୍ ପ୍ରୟୋଗ କରିହେବ । ଏବେ ସେଥିପାଇଁ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ ବା ଏଚ୍‌ଏଏଲ୍‌ରେ କାମ ଚାଲିଛି । ୪୦ଟି ସୁଖୋଇ-୩୦ ଫାଇଟର୍ ଜେଟ୍‌ରେ ବ୍ରହ୍ମୋସ୍ କ୍ଷେପଣାସ୍ତ୍ର ଖଞ୍ଜାଯିବା କାର୍ଯ୍ୟ ସରିବା ପାଇଁ ତିନିବର୍ଷ ଲାଗିବ । ୨୦୨୦ ବେଳକୁ ଭାରତୀୟ ବାୟୁସେନା ପାଖରେ ବ୍ରହ୍ମୋସ୍ ଖଞ୍ଜାଥିବା ୪୦ଟି ସୁଖୋଇ-୩୦ ଫାଇଟର୍ ଜେଟ୍ ରହିଥିବ । ବ୍ରହ୍ମୋସ୍ ସୁଖୋଇ-୩୦ ଫାଇଟର୍ ଜେଟ୍‌ରୁ ପ୍ରୟୋଗ କରାଯାଇପାରୁଥିବା ସବୁଠାରୁ ଓଜନିଆ ଅସ୍ତ୍ର ହେବ । ବ୍ରହ୍ମୋସ୍ ପ୍ରୋଜେକ୍ଟ ହେଉଛି ଭାରତର ଡିଫେନ୍ସ ରିସର୍ଚ୍ଚ ଆଣ୍ଡ୍ ଡେଭ୍‌ଲପ୍‌ମେଣ୍ଟ୍ ଅର୍ଗାନାଇଜେସନ୍ ବା ଡିଆର୍‌ଡିଓ ଏବଂ ରୁଷର ଯୁଦ୍ଧାସ୍ତ୍ର ନିର୍ମାତା କମ୍ପାନୀ ଏନ୍‌ପିଓଏମ୍'ର ଏକ ଜଏଣ୍ଟ୍ ଭେଞ୍ଚର୍ । କେତେକ ଟେକ୍ନିକାଲ୍ କଟକଣା ଥିବାରୁ ବ୍ରହ୍ମୋସ୍‌ର ରେଞ୍ଜ୍ ୨୯୦ କିମିରେ ସୀମିତ ରଖିବାକୁ ପଡ଼ିଥିଲା । ଗତବର୍ଷ ମିସାଇଲ୍ ଟେକ୍ନୋଲୋଜି କଣ୍ଟ୍ରୋଲ୍ ରେଇମ୍‌ରେ ଭାରତକୁ ପୂର୍ଣ୍ଣ ସଦସ୍ୟତା ମିଳିଥିବାରୁ ଏବେ ଆଉ ସେ ଟେକ୍ନିକାଲ୍ କଟକଣା ଭାରତ ପାଇଁ ଲାଗୁ ହେଉନି । ତେଣୁ ବ୍ରହ୍ମୋସ୍‌ର ରେଞ୍ଜ୍ ୪୫୦ କିମି ଯାଏ ବଢ଼ାଇବାକୁ ଭାରତ ଓ ରୁଷ ସ୍ଥିର କରିଛନ୍ତି । ୪୫୦ କିମି ରେଞ୍ଜର ଲ୍ୟାଣ୍ଡ-ବେସ୍‌ଡ ବ୍ରହ୍ମୋସ୍ ମଧ୍ୟ ବିକଶିତ କରାଯାଇ ଗତ ମାର୍ଚ୍ଚ ମାସରେ ପରୀକ୍ଷା କରାଯାଇଥିଲା । ସେ ପରୀକ୍ଷଣ ସଫଳ ହୋଇଥିଲା । ଏବେ ୮୦୦ କିମି ରେଞ୍ଜର ବ୍ରହ୍ମୋସ୍ ବିକଶିତ କରାଯାଉଛି ।

# ନ୍ୟୁ ଇଣ୍ଡିଆ ସମ୍ପର୍କରେ କହିଲେ ମୋଦି

**ନୂଆଦିଲ୍ଲୀ :** ବିଜେପି ସଂସଦୀୟ ବୋର୍ଡ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଓ ବିଜେପି ସାଂସଦମାନେ ଭବ୍ୟ ସମ୍ବର୍ଦ୍ଧନା ଦେଇଛନ୍ତି । ଗୁଜରାଟ ଓ ହିମାଚଳ ପ୍ରଦେଶ ବିଧାନସଭା ନିର୍ବାଚନରେ ବିଜେପିର ବିଜୟର ସମସ୍ତ ଶ୍ରେୟ ମୋଦିଙ୍କୁ ଦିଆଯାଇଛି । ମୋଦି ତାଙ୍କ ସମ୍ଭାଷଣରେ କହିଛନ୍ତି, ଗୁଜରାଟ ଓ ହିମାଚଳ ପ୍ରଦେଶରେ ଦଳର ବିଜୟ ଏକ ଗରୀୟାନ ବିଜୟ । ଦଳ ଏବେ ୧୪ଟି ରାଜ୍ୟରେ ସରକାର ଗଢ଼ିଛି ଓ ୫ଟି ରାଜ୍ୟରେ ଶାସକ ମେଣ୍ଟରେ ଅଛି । ଇନ୍ଦିରା ଗାନ୍ଧିଙ୍କ ଅମଳରେ ଏକଦା ତାଙ୍କ ଦଳ ୧୮ଟି ରାଜ୍ୟରେ କ୍ଷମତାରେ ଥିଲା । ଇନ୍ଦିରା ଯୁଗର ସେ ରେକର୍ଡ ବିଜେପି ଭାଙ୍ଗିଛି । ଅତୀତର ସ୍ମୃତିଚାରଣ କରି ମୋଦି ଭାବାବେଗର ସହ କହିଛନ୍ତି, ୧୯୮୪ରେ ବିଜେପିର ମାତ୍ର ୨ଜଣ ସାଂସଦ ଥିଲେ । ସେହି ସ୍ତରରୁ ଦଳ ଉପରକୁ ଉଠି ଉଠି ଆଜି ଏହି ଶିଖରରେ ପହଞ୍ଚିପାରିଛି । ତେବେ ଏହି



ବିଜୟ ଓ ସଫଳତାରେ ଉତ୍‌ଫୁଲ୍ଲିତ ବା ଆତ୍ମହରା ହେବାର ଅବକାଶ ନାହିଁ ବୋଲି ଦଳୀୟ ସାଂସଦମାନଙ୍କୁ ଚେତାଇ ମୋଦି କହିଛନ୍ତି, ଆଗକୁ କେତେକ ରାଜ୍ୟରେ ବିଧାନସଭା ନିର୍ବାଚନ ଓ ୨୦୧୯ର ଲୋକସଭା ନିର୍ବାଚନ । ତେଣୁ ୨୦୧୯ରେ ବିଜୟ ପାଇଁ ସମଗ୍ର ଦେଶରେ ଦଳକୁ ତଳ ସ୍ତରରୁ ଅର୍ଥାତ୍ ବୁଥ୍ ସ୍ତରରୁ ମଜଭୁତ କରିବାକୁ ପଡ଼ିବ ବୋଲି ମୋଦି ବିଜେପି ସାଂସଦମାନଙ୍କୁ କହିଛନ୍ତି । ୨୦୨୨ ପାଇଁ ତାଙ୍କ ସରକାରର ଭିଜନ୍ 'ନ୍ୟୁ ଇଣ୍ଡିଆ' ସମ୍ପର୍କରେ ମୋଦି କହିଛନ୍ତି, ସେହି ଲକ୍ଷ୍ୟ ହାସଲ ପାଇଁ ଦଳ ଭିତରେ ଓ ବାହାରେ ଥିବା ଯୁବ ନେତାମାନଙ୍କୁ ବା ନ୍ୟୁ ଜେନେରେସନ୍‌କୁ ଦଳୀୟ ସଂଗଠନର ପ୍ରତ୍ୟେକ ସ୍ତରରେ ପ୍ରମୋଟ୍ କରାଯିବା ଦରକାର । ଦଳର ରାଜନୀତିକ, ସାମାଜିକ ଆଦି ସମସ୍ତ କାର୍ଯ୍ୟକ୍ରମରେ ଯୁବ ଗୋଷ୍ଠୀର ସଂପୃକ୍ତି ଅତି ଦରକାରୀ ବୋଲି ମତ ଦେଇ ମୋଦି କହିଛନ୍ତି, ସହସ୍ରାବ୍ଦୀର ପିଢ଼ି ୨୦୧୮ରେ ମତଦାନ କରିବା ପାଇଁ ଯୋଗ୍ୟ ହେବେ । ଏହି ବୈଠକରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ କହିଛନ୍ତି, ବିରୋଧୀ ପକ୍ଷ ପରାଜୟ ଭିତରେ ବିଜୟ ଦେଖିବା ଭଳି ହାସ୍ୟାସ୍ପଦ କସରତ କରୁଛି । ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ବିଜେପି ଗତ ତିନି ବର୍ଷରେ ଯାହା ସମ୍ଭବ କରାଇଛି ତାହା ପୂର୍ବରୁ କେହି କେବେ କରିନାହାନ୍ତି ବୋଲି ଶାହ କହିଛନ୍ତି ।

## 'ଆତଙ୍କବାଦକୁ ସମର୍ଥନ ବନ୍ଦ କଲେ ପାକ୍ ସହ ଆଲୋଚନା'

**ଜୟପୁର :** ଜମ୍ମୁ-କଶ୍ମୀରରେ ଆତଙ୍କବାଦୀଙ୍କୁ ସମର୍ଥନ ଦେବା ଯଦି ପାକିସ୍ତାନ ବନ୍ଦ କରିବ ତେବେ ସେ ଦେଶ ସହ ଭାରତ ଶାନ୍ତି ଆଲୋଚନା କରିବ ବୋଲି କହିଛନ୍ତି ସ୍ଥଳସେନା ମୁଖ୍ୟ ଜେନେରାଲ୍ ବିପିନ ରାୱତ୍ । ସେ କହିଥିଲେ ଯେ, ଏବେ ପାକିସ୍ତାନ ଯାହା କରୁଛି ସେଥିରୁ ଭାରତ ସହ ଶାନ୍ତି ଆଲୋଚନା ପାଇଁ ପାକିସ୍ତାନ ପ୍ରକୃତରେ ଆଗ୍ରହୀ, ତାହା ଜଣାପଡୁନାହିଁ । ପାକିସ୍ତାନ ସୀମାକୁ ଲାଗିଥିବା ଥର୍ ମରୁଭୂମିର ଏକ ଅଞ୍ଚଳରେ ଏବେ ଆମର ସଦର୍ଣ୍ଣ କମାଣ୍ଡ୍ ପକ୍ଷରୁ 'ହମେଶା ବିଜୟୀ' ନାମରେ ସମରାଭ୍ୟାସ ଚାଲିଛି । ସେଠାକୁ ପରିଦର୍ଶନରେ ଯାଇ ଆର୍ମି ମୁଖ୍ୟ ଜେନେରାଲ୍ ରାୱତ୍ ଏହା କହିବା ସହ ପାକିସ୍ତାନ ପ୍ରଥମେ ଆତଙ୍କବାଦୀଙ୍କୁ ପୃଷ୍ଠପୋଷକତା, ଆର୍ଥିକ



ସହାୟତା, ଆଶ୍ରୟ, ତାଲିମ୍ ଓ ଅସ୍ତ୍ରଶସ୍ତ୍ର ଦେବା ବନ୍ଦ କରିବା ଉଚିତ ବୋଲି ମତ ଦେଇଛନ୍ତି । ତା'ପରେ ଯାଇ ପାକିସ୍ତାନ ସହ ଭାରତ ସରକାର ଶାନ୍ତି ଆଲୋଚନା କରିବା ଠିକ୍ ହେବ ବୋଲି ସେ କହିଛନ୍ତି । ଜମ୍ମୁ-କଶ୍ମୀରରେ ଏବେ ସେନା, ଅର୍ଦ୍ଧସାମରିକ ବାହିନୀ ଓ ସ୍ଥାନୀୟ ପୁଲିସ୍ ମିଳିତ ଭାବେ ଆତଙ୍କବାଦୀଙ୍କୁ ନିପାତ କରିବାକୁ ପଦକ୍ଷେପ ନେଉଛନ୍ତି ଓ ସେଥିରୁ ସଫଳତା ମିଳିଛି ବୋଲି ଜେନେରାଲ୍ ରାୱତ୍ କହିଛନ୍ତି । ଆତଙ୍କବାଦୀ ସଂଗଠନଗୁଡ଼ିକ ବିରୋଧରେ ପାକିସ୍ତାନ କଠୋର ପଦକ୍ଷେପ ନେଲେଯାଇ ସେ ଦେଶ ସହ ଶାନ୍ତି ଆଲୋଚନା ଆରମ୍ଭ କରିବାକୁ ଭାରତ ଆଗ୍ରହ ଦେଖାଇବ ବୋଲି ନିକଟରେ ବୈଦେଶିକ ବିଭାଗ ମୁଖପାତ୍ର ରଭୀଷ କୁମାର କହିଥିଲେ । ରଷୀଭ କହିଥିଲେ, ଆତଙ୍କବାଦ ନେଇ ଭାରତ ଚିନ୍ତିତ ବୋଲି ପାକିସ୍ତାନ ବୁଝିବା ଦରକାର ଓ ପାକିସ୍ତାନ ଭୂମିରୁ ଆତଙ୍କବାଦୀ ସଂଗଠନଗୁଡ଼ିକୁ ନିଷ୍କ୍ରିୟ କରାଇବା ଦରକାର । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଭାରତ ସହ ଉତ୍ତମ ସମ୍ପର୍କ ରକ୍ଷାର ଆବଶ୍ୟକତା ରହିଛି ବୋଲି ପାକିସ୍ତାନର ସେନା ମୁଖ୍ୟ ଜେନେରାଲ୍ କ୍ୱାମର୍ ଜାଭେଦ୍ ବାଜୱା କହିଥିଲେ ।

## ହାଫିଜ୍‌ର ରାଜନୀତିକୁ ନେଇ ଆମେରିକାର ଉଦ୍‌ବେଗ

**ୱାଶିଂଟନ୍ :** ଜମାତ୍- ଉଦ୍ - ଦାୱା ମୁଖ୍ୟ ତଥା ୨୦୦୮ ମୁମ୍ବାଇ ହମ୍‌ଲାର ମାଷ୍ଟରମାଇଣ୍ଡ୍ ହାଫିଜ୍ ସୟିଦ୍ ଆସନ୍ତା ବର୍ଷ ପାକିସ୍ତାନରେ ନିର୍ବାଚନ ଲଢ଼ିବାକୁ ଯାଉଥିବାରୁ ଆମେରିକା ବୈଦେଶିକ ବିଭାଗ ଏଥିରେ ଘୋର ଉଦ୍‌ବେଗ ପ୍ରକାଶ କରିଛି । ଆମେରିକା ବୈଦେଶିକ ବିଭାଗ ମୁଖପାତ୍ର ହିଥର୍ ନୌରଟ୍ ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ହାଫିଜ୍ ସୟିଦ୍ କ୍ଷମତା ହାସଲ ପାଇଁ ନିର୍ବାଚନ ଲଢ଼ିବାକୁ ଯାଉଥିବା ନିଶ୍ଚିତ ରୂପେ ଆମେରିକା ପାଇଁ ଉଦ୍‌ବେଗର ବିଷୟ । ବେଆଇନ ଘୋଷିତ ଲସ୍କର-ଇ-ତୋଏବାର ପ୍ରତିଷ୍ଠାତା ସୟିଦ୍ ପାକିସ୍ତାନରେ ୩୦୦ ଦିନ ଗୃହବନ୍ଦୀ ରହିବା ପରେ ପ୍ରମାଣ ଅଭାବରୁ ଗତ ନଭେମ୍ବରରେ ମୁକ୍ତ ହୋଇଛି । ତାକୁ ଧରିବା ପାଇଁ ଆମେରିକା ଏକ କୋଟି ଡଲାର ପୁରସ୍କାର ଘୋଷଣା କରିଛି ।



ସୟିଦ୍‌କୁ ମୁକ୍ତ କରାଯିବା ନେଇ ପାକିସ୍ତାନର ନିଷ୍ପତ୍ତି ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତର ଦେଇ ନୌରତ୍ କହିଛନ୍ତି, ଏ ସମ୍ପର୍କରେ ଆମ ପାଖରେ ଆଗରୁ ଗୋଇନ୍ଦା ତଥ୍ୟ ମିଳିଥିଲେ ଯାହା କିଛି ହୋଇଥାନ୍ତା । କିନ୍ତୁ ଏହା ଆମ ଆଲୋଚନା ପରିସରଭୁକ୍ତ ନୁହେଁ । ତଥାପି ଆମେ ଏ ସମ୍ପର୍କରେ ପାକିସ୍ତାନର ଦୃଷ୍ଟି ଆକର୍ଷଣ କରିବୁ । ଆଶା କରୁଛୁ, ସେମାନେ ଉଚିତ ପଦକ୍ଷେପ ଗ୍ରହଣ କରିବେ ।

# ବିଟ୍‌କଏନ ନିବେଶ : ୪ ଲକ୍ଷ ଏଚ୍‌ଏନ୍‌ଆଇଙ୍କୁ ନୋଟିସ୍ ଜାରି

**ନୂଆଦିଲ୍ଲୀ :** ଭର୍ଚୁଆଲ୍ କରେନ୍ସି ବିଟ୍‌କଏନ୍‌ରେ ନିବେଶ ଓ ତାହାର କ୍ରୟବିକ୍ରୟ ଉପରେ ଅନୁସନ୍ଧାନ ବ୍ୟାପକ କରି ଆୟକର ବିଭାଗ ଦେଶର ୪ ଲକ୍ଷରୁ ଅଧିକ ସଂଖ୍ୟକ ଧନୀ ବ୍ୟକ୍ତି(ହାଇ ନେଟ୍‌ୱର୍ଥ ଇଣ୍ଡିଭିଜୁଆଲ୍ସ ବା ଏଚଏନଆଇ)ଙ୍କୁ ନୋଟିସ୍ ଜାରି କରାଯାଇଥିବା ଜଣାପଡିଛି । ଏହି ବ୍ୟକ୍ତିମାନେ ଅନିୟନ୍ତ୍ରିତ ବିଟ୍‌କଏନ୍ ଏକ୍ସଚେଞ୍ଜ୍‌ରେ ଦେଣନେଣ ଓ ପୁଞ୍ଜି ନିବେଶ କରୁଥିବା ସମ୍ପର୍କିତ ତଥ୍ୟ ମିଳିଛି । ବିଭାଗ ସୂତ୍ରରୁ ଜଣାପଡ଼ିଛି ଏହି ଭର୍ଚୁଆଲ୍ କରେନ୍ସି ଦ୍ୱାରା କାରବାର କରୁଥିବା ୨୦ ଲକ୍ଷ ବ୍ୟକ୍ତିଙ୍କର ତାଲିକା କରାଯାଇଥିଲା । ତେବେ ଯେଉଁ ୫ ଲକ୍ଷରୁ ଅଧିକ ସଂଖ୍ୟକ ବ୍ୟକ୍ତି ନିୟମିତ ଭାବେ ଭର୍ଚୁଆଲ୍ କରେନ୍ସି କାରବାର କରଛନ୍ତି ସେମାନଙ୍କ ପାଖକୁ ପ୍ରଥମେ ନୋଟିସ୍ ପଠାଯାଇଛି । ବେଙ୍ଗାଲୁରୁ ତଦନ୍ତ ଟିମ୍ ଗତ ସପ୍ତାହର ଅପରେସନ୍‌ରୁ ବିଭିନ୍ନ ବ୍ୟକ୍ତି ଓ ସଂସ୍ଥା ବିଷୟରେ ପାଇଥିବା ଏହି ତଥ୍ୟ ସବୁ ଅନ୍ୟ ୮ଟି ତଦନ୍ତ ଟିମ୍‌କୁ ପଠାଇ ସାରିଛି ଯାହାଫଳରେ ତଦନ୍ତ ଆହୁରି ସ୍ପଷ୍ଟ ଓ ତ୍ୱରାନ୍ୱିତ ହୋଇପାରିବ । ଆୟକର ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା ଅନୁଯାୟୀ ସଂଗ୍ରହ କରାଯାଇଥିବା ତଥ୍ୟକୁ ଆଧାର କରି ତଦନ୍ତ ଆରମ୍ଭ ହୋଇସାରିଛି । ଉଭୟ




ବ୍ୟକ୍ତି ଓ ଅନୁଷ୍ଠାନଙ୍କୁ ନୋଟିସ୍ ପଠାସରିଛି । ସେମାନେ ଭର୍ଚୁଆଲ୍ କରେନ୍ସିରେ ପୁଞ୍ଜିନିବେଶ ଓ କାରବାର ବାବଦକୁ ଟିକସ ଭରଣା କରିବେ । ପ୍ରଥମେ ସେମାନଙ୍କର ଆର୍ଥିକ ତଥ୍ୟ ଯାଞ୍ଚ କରାଯିବ ଏବଂ ଟିକସ ଯୋଗ୍ୟ ହୋଇଥିଲେ ସେମାନଙ୍କଠାରୁ ଟିକସ ଆଦାୟ କରାଯିବ । ବିଟ୍‌କଏନ୍ ବା ଭର୍ଚୁଆଲ୍ କରେନ୍ସି କାରବାର ଭାରତରେ ବେଆଇନ୍ ଏବଂ ତାହା ଆୟକର ବିଭାଗର ନିୟନ୍ତ୍ରଣରେ ନାହିଁ । ତେଣୁ ବ୍ୟବସ୍ଥା ଅନୁଯାୟୀ ଆୟକର ବିଭାଗ ପଦକ୍ଷେପ ନେଉଛି ବୋଲି ସେ କହିଥିଲେ । ଆୟକର ଆଇନ୍ ୧୩୩ ଏ ଅନୁଯାୟୀ ସର୍ଭେ ଅପରେସନ୍ କରାଯାଇ ଥିଲା । ଏଥିରୁ ନିବେଶକାରୀ ଓ ଟ୍ରେଡର୍ସଙ୍କ ପରିଚୟ, କାରବାରର ପରିମାଣ, ଅପର ପକ୍ଷର ପରିଚୟ ଓ କାରବାର ପାଇଁ ବ୍ୟବହାର ହୋଇଥିବା ବ୍ୟାଙ୍କ୍ ଆକାଉଣ୍ଟ୍ ଆଦି ତଥ୍ୟ ସଂଗ୍ରହ କରାଯାଇଥିଲା । ଏହି ଭର୍ଚୁଆଲ୍ କରେନ୍ସି କାରବାର, ନୋଟ୍‌ବନ୍ଦୀ ପରେ କଳାଧନକୁ ଧଳା କରିବାର ମାର୍ଗ ପାଲଟି ଥାଇପାରେ ବୋଲି ମଧ୍ୟ ବିଭାଗ ସନ୍ଦେହ କରି ତଦନ୍ତ ଆରମ୍ଭ କରିଛି । ଗତ ମାସରେ ବିଟ୍‌କଏନ୍‌ର ମୂଲ୍ୟ ହଠାତ ବୃଦ୍ଧି ପାଇଥିଲା । ବର୍ଷ ଆରମ୍ଭରେ ଏହାର ମୂଲ୍ୟ ୧୦,୦୦୦ଡଲାର ଥିଲା ଯାହାକି ଏବେ ପାଖାପାଖି ୨୦,୦୦୦ ଡଲାରରେ ପହଞ୍ଚିଛି । ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ପୂର୍ବରୁ ଭର୍ଚୁଆଲ୍ କରେନ୍ସିର ବ୍ୟବହାର ଉପରେ ସତର୍କବାଣୀ ଶୁଣାଇ ସାରିଛି ।

ଏକମାତ୍ର
ଅନୁସନ୍ଧାନ ପରେ ଖବର
ଭୁବନେଶ୍ୱର, ୨୫ - ୩୧ ଡିସେମ୍ବର, ୨୦୧୭
Bhubaneswar, 25th - 31st December, 2017
ପରିକ୍ରମା

## ମହାନଗର ଘୋଷଣାକୁ ପୁରିଲା ଚାରିବର୍ଷ

# କେବେ ହେବ ନିର୍ବାଚନ ?

**ସମ୍ବଲପୁର, (ଦାମୋଦର ପଣ୍ଡା) :** ସମ୍ବଲପୁର ମହାନଗର ନିଗମ ଘୋଷଣା ହେବାର ଚାରିବର୍ଷ ପରେ ମଧ ଏଯାବତ୍ ନିର୍ବାଚନ ନେଇ ଅନିଶ୍ଚିତତା ଜାରି ରହିଛି । ଘୋଷଣା ହେବା ଦିନଠାରୁ ପ୍ରଶାସକଙ୍କ ମହାନଗର ନିଗମ ହାତରେ କ୍ଷମତା ରହିଛି । ସହର ମଧ୍ୟରେ କୋଟି କୋଟି ଟଙ୍କାର ଉନ୍ନୟନ କାମ ମଧ ଚାଲିଛି । ମାତ୍ର ହୀରାକୁଦ ଓ ବୁର୍ଲା ଏନ୍‌ଏସି ତଥା ନୂତନ ଭାବେ ନିଗମରେ ସାମିଲ ହୋଇଥିବା ୧୨ଟି ପଞ୍ଚାୟତର ଅଧିବାସୀମାନେ ଅବହେଳାର ଶିକାର ହେଉଥିବା ଅଭିଯୋଗ ହେଉଛି । ସୂଚନାଯୋଗ୍ୟ, ଗତ ୨୦୧୩ ସେପ୍ଟେମ୍ବର ୩୦ ତାରିଖରେ ପୌର କାଉନସିଲ କାର୍ଯ୍ୟକାଳ ଶେଷ ହେବା ସହ ସମ୍ବଲପୁର ମହାନଗର ନିଗମ ଘୋଷଣା କରାଯାଇଥିଲା । ଏଥିରେ ହୀରାକୁଦ, ବୁର୍ଲା ଏନ୍‌ଏସି ସହ ଆଖପାଖ ୧୨ଟି ପଞ୍ଚାୟତକୁ ସାମିଲ କରାଯାଇଛି । ୨୦୧୫ରେ ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇ ୱାର୍ଡ ପୁନଃର୍ଗଠନ ସହ ସଂରକ୍ଷଣ ବ୍ୟବସ୍ଥା ଘୋଷିତ ହୋଇଥିଲା । ବୁର୍ଲା ସହରର ସଂରକ୍ଷଣ ଠିକ୍ ନଥିବା ଦର୍ଶାଇ ହାଇକୋର୍ଟର ଜଣେ ଅବସରପ୍ରାପ୍ତ କର୍ମଚାରୀ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ । ମାନ୍ୟବର ହାଇକୋର୍ଟ ତାଙ୍କ ଅନ୍ତରୀଣ ଆଦେଶରେ ନିର୍ବାଚନ ପ୍ରକ୍ରିୟା ଉପରେ ରହିତାଦେଶ ଜାରି କରିବା ସହ ରାଜ୍ୟ ସରକାରଙ୍କୁ କେତେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମାଗିଥିଲେ । ମାତ୍ର ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ଆନ୍ତରିକତାର ଅଭାବ ଯୋଗୁଁ କୋର୍ଟରେ ମାମଲା ଆଗେଇ ପାରୁ ନଥିବାର ଅଭିଯୋଗ ହେଉଛି । ସ୍ଥିତି ଏହିଭଳି ଯେ, ୨୦୧୭-୧୮ ବର୍ଷରେ ସାରା ରାଜ୍ୟରେ ପୌର ନିର୍ବାଚନ ସମୟରେ ମଧ ସମ୍ବଲପୁର ମହାନଗର ନିଗମ ନିର୍ବାଚନ ହେବାର ଆଶଙ୍କା ଦେଖାଦେଇଛି । ଅପରପକ୍ଷରେ ସହର ମଧ୍ୟରେ ଫ୍ଲାଏଓଭର, ମହାନଦୀରେ ଦ୍ୱିତୀୟ ସେତୁ, ମହାନଦୀ ଅପର ପାର୍ଶ୍ୱରେ ରଂରୋଡ ଆଦି ବହୁ ବଡ ବଡ ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ବେଳେ ୧୨ଟି ପଞ୍ଚାୟତର ଲୋକେ ଉନ୍ନୟନ କାମ କିଛି ହେଉ ନଥିବାର ଅଭିଯୋଗ କରିଛନ୍ତି । ଏକଦା ଧନୀ ଏନ୍‌ଏସି ମଧ୍ୟରେ ଗଣାଯାଉଥିବା ହୀରାକୁଦ ଏନ୍‌ଏସିରେ ଏକ ପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଛି । ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି ବୋଲି ହୀରାକୁଦବାସୀ ଅଭିଯୋଗ କରିଛନ୍ତି । ଏନ୍‌ଏସି ଥିବା ବେଳେ ଯେଉଁ ଧରଣର ପୌରସେବା ମିଳୁଥିଲା, ତାହା ଆଉ ମିଳୁନାହିଁ । ବହୁ ସ୍ଥାନରେ ଷ୍ଟ୍ରିଟ୍ ଲାଇଟ୍ ଜଳୁନାହିଁ । ପ୍ରଶାସନିକ ନିଷ୍କ୍ରିୟତା ଯୋଗୁଁ କୌଣସି ସୁବିଧା ମିଳୁନାହିଁ ବୋଲି ହୀରାକୁଦ ଏନ୍‌ଏସିର ପୂର୍ବତନ ଅଧକ୍ଷ ସୀମାଞ୍ଚଳ ଖଟେଇ ଏଇ ପ୍ରତିନିଧିଙ୍କୁ କହିଛନ୍ତି । ପଞ୍ଚାୟତ ଅଧିବାସୀମାନେ ଛୋଟଛୋଟ କାମ ପାଇଁ ମଧ ନିଗମ କାର୍ଯ୍ୟାଳୟକୁ ଦୌଡିବାକୁ ପଡୁଛି । ତା'ଠୁ ପଞ୍ଚାୟତ ଭଲ ଥିଲା ବୋଲି ସେମାନେ ମତ ଦେଉଛନ୍ତି । ରାଜ୍ୟ ସରକାରଙ୍କ ଆନ୍ତରିକତା ଅଭାବରୁ ଆଇନ୍‌ଗତ ପ୍ରକ୍ରିୟା ବିଳମ୍ବ ହେଉଛି ଏବଂ ଏହା ସରକାରୀ ଦଳକୁ ସୁହାଉଛି ବୋଲି ନିଜ ପ୍ରତିକ୍ରିୟାରେ ସମ୍ବଲପୁରର ପୂର୍ବତନ ବିଧାୟକ ଅଶ୍ୱିନୀ ଗୁରୁ ମତ ଦେଇଛନ୍ତି । ତେବେ ନିଗମରେ ଜନପ୍ରତିନିଧି ନଥିବା ଅଗଣତାନ୍ତ୍ରିକ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

## କେଏଫ୍‌ଡବ୍ଲ୍ୟୁ-ସହରାଞ୍ଚଳ ଭିତ୍ତିଭୂମି ବିକାଶ ପାଣ୍ଠି ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ

# ବିନିଯୋଗ ହେବ ୪୫୬ କୋଟି




**ଭୁବନେଶ୍ୱର :** ରାଜ୍ୟର ସହରାଞ୍ଚଳର ବିକାଶ ପାଇଁ ହାତ ବଢ଼ାଇଛି ଜର୍ମାନୀ ବ୍ୟାଙ୍କ । ଜର୍ମାନୀ ବ୍ୟାଙ୍କ କେଏଫ୍‌ଡବ୍ଲ୍ୟୁ ଓଡ଼ିଶାର ସହରାଞ୍ଚଳର ଭିତ୍ତିଭୂମି ବିକାଶ ପାଇଁ ୪୫୬ କୋଟି ଟଙ୍କା ବିନିଯୋଗ କରିବ । କଠିନ ବର୍ଜ୍ୟ ପରିଚାଳନା, ଏଲ୍‌ଇଡି ଷ୍ଟ୍ରିଟ୍ ଲାଇଟ୍, ଜଳାଶୟ ପୁନରୁଦ୍ଧାର, ବର୍ଷାଜଳ ନିଷ୍କାସନ, ଆଧୁନିକ କଂସେଇଖାନା ଓ ଶୌଚାଳୟ ବର୍ଜ୍ୟବସ୍ତୁ ପରିଚାଳନା ଭଳି ୬ଟି ପ୍ରକଳ୍ପ ପାଇଁ ଏହି ଅର୍ଥ ବିନିଯୋଗ ହେବ । ସହରାଞ୍ଚଳ ଭିତ୍ତିଭୂମି ବିକାଶ ପାଇଁ କେଏଫ୍‌ଡବ୍ଲ୍ୟୁ ୨୦୧୨ରେ ପ୍ରଥମ ପର୍ଯ୍ୟାୟରେ ୪୨୦ କୋଟି ଟଙ୍କା ଅନୁଦାନ ଦେଇଥିଲା ବେଳେ ଦ୍ୱିତୀୟ କିସ୍ତିରେ ଚଳିତ ଥର ୪୫୬ କୋଟି ଟଙ୍କା ଅନୁଦାନ ଯୋଗାଇଦେବ । ଏଥିପାଇଁ ଜର୍ମାନୀ ବ୍ୟାଙ୍କ କେଏଫଡବ୍ଲ୍ୟୁ ଓ ସହରାଞ୍ଚଳ ଭିତ୍ତିଭୂମି ବିକାଶ ପାଣ୍ଠି ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି । 'ଓୟୁଆଇଡିଏଫ୍' ଦ୍ୱାରା ପୂର୍ବରୁ ୨୮ଟି ପ୍ରକଳ୍ପ ପାଇଁ ୬୫୮ କୋଟି ଟଙ୍କା ମଞ୍ଜୁର ହୋଇଥିଲା ବେଳେ ଏଥିରେ ୩୫୨ କୋଟି ଟଙ୍କା ଋଣ ଓ ୨୨୬ କୋଟି ଟଙ୍କା ଅନୁଦାନ ରହିଛି । ଏହି ୨୮ଟି ପ୍ରକଳ୍ପ ପାଇଁ ଆବଶ୍ୟକ ମୋଟ ଅର୍ଥ ପରିମାଣ ୧୯୪୪ କୋଟି ହୋଇଥିଲା ବେଳେ ନିଅଣ୍ଟ ଅର୍ଥରାଶି କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାରୁ ଆସିଛି । ଚଳିତ ଥର ରାଜ୍ୟ ସରକାରଙ୍କ ସହରାଞ୍ଚଳ ଯୋଜନା ପାଇଁ ୨୦୦୦ କୋଟି ଟଙ୍କା ଆବଶ୍ୟକ ହୋଇଥିଲା ବେଳେ କେଏଫ୍‌ଡବ୍ଲ୍ୟୁ ବ୍ୟାଙ୍କର ୪୫୬ କୋଟି ଟଙ୍କା ଋଣ ସହ କେନ୍ଦ୍ରୀୟ ଅନୁଦାନ ଓ ରାଜ୍ୟ ପାଣ୍ଠି ଦ୍ୱାରା ଏହାର ରୂପାୟନ ପାଇଁ ଲକ୍ଷ୍ୟ ରଖାଯାଇଛି । କେଏଫଡବ୍ଲ୍ୟୁ ୫୫ ନିୟୁତ ୟୁରୋ(୪୪୦ କୋଟି ଟଙ୍କା) ଦୀର୍ଘ ମିଆଦୀ ଋଣ ଆକାରରେ ଓ ୨ ନିୟୁତ ୟୁରୋ(୧୬ କୋଟି ଟଙ୍କା) ଅନୁଦାନ ଆକାରରେ ଦେବାକୁ ସ୍ଥିର ହୋଇଛି । ଏହି ଅର୍ଥକୁ ବିଭିନ୍ନ ପୌର ନିଗମ, ଏନଏସି, ଉନ୍ନୟନ କର୍ତ୍ତୃପକ୍ଷ, ଓଡ଼ିଶା ଜଳ ଯୋଗାଣ ଓ ପରିମଳ ସଂସ୍ଥା ଦ୍ୱାରା ବିନିଯୋଗ କରାଯିବ । ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ଏହି ଅନୁଦାନରେ କଠିନ ବର୍ଜ୍ୟ ପରିଚାଳନା, ଆବାସ ଯୋଜନା, ଏଲ୍‌ଇଡି ଷ୍ଟ୍ରିଟ୍ ଲାଇଟ୍, ଆଧୁନିକ କଂସେଇଖାନା ନିର୍ମାଣ ସହ ଭୁବନେଶ୍ୱର ଆଇଆଇଟି ଓ ନାଇସର୍‌କୁ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ହେବ । ସଚିବାଳୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ କେଏଫ୍‌ଡବ୍ଲ୍ୟୁର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ରାଜ୍ୟ ନଗର ଉନ୍ନୟନ ବିଭାଗର ଅଧିକାରୀଙ୍କ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ, ମେୟର୍ ଅନନ୍ତ ଜେନା ଉପସ୍ଥିତ ଥିଲେ ।

# ନିର୍ମାଣ ହେବ ୧୯୮ ମେଗା ଲିଫ୍ଟ ପ୍ରକଳ୍ପ

**ଭୁବନେଶ୍ୱର :** ନୂତନ କୃଷି ପଦ୍ଧତିର ସମ୍ପ୍ରସାରଣ ଏବଂ କୃଷକଙ୍କ ଆୟ ବୃଦ୍ଧି ନିମନ୍ତେ ରାଜ୍ୟରେ ଆରମ୍ଭ କରାଯାଇଥିବା ବୃହତ ଉଠା ଜଳସେଚନ ପ୍ରକଳ୍ପ (ମେଗା ଲିଫ୍ଟ ପ୍ରକଳ୍ପ)ର କାର୍ଯ୍ୟ ତ୍ୱରାନ୍ୱିତ କରାଯିବ । କାର୍ଯ୍ୟର ଅଗ୍ରଗତି ବିଷୟରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ସମୀକ୍ଷା କରି କ୍ଷେତ୍ର ସ୍ତରୀୟ କାର୍ଯ୍ୟାନ୍ୱୟନ ବେଳେ ସୃଷ୍ଟି ହେଉଥିବା ପ୍ରତିବନ୍ଧକକୁ ଅଗ୍ରାଧିକାର ଭିତ୍ତିରେ ସମାଧାନ କରିବାକୁ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳ ଏବଂ ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପ୍ରକଳ୍ପୱାରୀ କାର୍ଯ୍ୟର ସମୀକ୍ଷା କରି ମୁଖ୍ୟ ଶାସନ ସଚିବ ପ୍ରତି ପ୍ରକଳ୍ପର ପୂର୍ଣ୍ଣାଙ୍ଗ ଓ କାର୍ଯ୍ୟକ୍ଷମ ନିମନ୍ତେ ସମୟସୀମା ନିର୍ଦ୍ଧାରଣ କରିଥିଲେ । ନିର୍ଦ୍ଧାରିତ ସମୟ ପୂର୍ବରୁ କାର୍ଯ୍ୟ ଶେଷ କରିବାକୁ କାର୍ଯ୍ୟାନ୍ୱୟନ ସଂସ୍ଥାମାନଙ୍କୁ ନିର୍ଦ୍ଦେଶ ଦେବା ସହ ସେଥିପାଇଁ ଅଧିକ ଶ୍ରମିକ, କର୍ମଚାରୀ ଓ ଯନ୍ତ୍ରପାତି ନିୟୋଜନ କରିବାକୁ ମଧ୍ୟ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ଜଳସେଚନ କୃଷି କାର୍ଯ୍ୟର ଏକ ମୌଳିକ ଆବଶ୍ୟକତା ହୋଇଥିବାରୁ ଏହି ପ୍ରକଳ୍ପରେ ବିଳମ୍ବ ଗ୍ରହଣୀୟ ନୁହେଁ ବୋଲି ଠିକାଦାର ସଂସ୍ଥାମାନଙ୍କୁ ଶ୍ରୀ ପାଢ଼ୀ ସ୍ପଷ୍ଟ କରି ଦେଇଥିଲେ । ରାଜ୍ୟ ସଚିବାଳୟରେ ଅନୁଷ୍ଠିତ ଏହି ବୈଠକରେ ଜଳସେଚନ ବିଭାଗ ପ୍ରମୁଖ ଶାସନ ସଚିବ ପ୍ରଦୀପ କୁମାର ଜେନା କାର୍ଯ୍ୟାନ୍ୱୟନର ତଥ୍ୟ ଓ ବିଷୟବସ୍ତୁ ଆଲୋଚନା ପାଇଁ ଉପସ୍ଥାପନ କରିଥିଲେ । ପ୍ରମୁଖ ଶାସନ ସଚିବ ପ୍ରତି ସୋମବାର ଦିନ କାର୍ଯ୍ୟାନ୍ୱୟନ ସଂସ୍ଥାମାନଙ୍କର ବରିଷ୍ଠ ପ୍ରତିନିଧିମାନଙ୍କ ସହ ସମନ୍ୱୟ ବୈଠକ କରି କାର୍ଯ୍ୟାନ୍ୱୟନକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ବୈଠକରେ ସ୍ଥିର ହୋଇଥିଲା । ପ୍ରମୁଖ ଶାସନ ସଚିବ ଶ୍ରୀ ଜେନା ଜଣାଇଥିଲେ ଅନୁଗୁଳ, ଯାଜପୁର, କଟକ, କେନ୍ଦ୍ରାପଡ଼ା, ଗଞ୍ଜାମ, ସୁନ୍ଦରଗଡ, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା, କଳାହାଣ୍ଡି, ବଲାଙ୍ଗିର, ଝାରସୁଗୁଡ଼ା, ସମ୍ବଲପୁର ଓ କୋରାପୁଟ ଆଦି ଜିଲ୍ଲାରେ ସମୁଦାୟ ୬୫୨୪ କୋଟି ଟଙ୍କା ବ୍ୟୟ ଅଟକଳରେ ୧୯୮ଟି ପ୍ରକଳ୍ପ ନିର୍ମାଣ ପାଇଁ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ଅର୍ଥ ମଞ୍ଜୁର କରିଛନ୍ତି । ଏହି ପ୍ରକଳ୍ପଗୁଡ଼ିକ ଦ୍ୱାରା ୨ ଲକ୍ଷ ୬୦ ହଜାର ହେକ୍ଟର ଜମି ଜଳସେଚିତ ହେବ । ବର୍ତ୍ତମାନ ସୁଦ୍ଧା ୧୭୦ଟି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି । ଅବଶିଷ୍ଟ ୨୮ଟି ପ୍ରକଳ୍ପର ଟେଣ୍ଡରିଂ ପ୍ରକ୍ରିୟା ୧ ମାସ ମଧ୍ୟରେ ଶେଷ ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ପାଢ଼ୀ ନିର୍ଦ୍ଦେଶ ଦେଇଥିଲେ । ଆରମ୍ଭ ହୋଇଥିବା ୧୭୦ଟି ପ୍ରକଳ୍ପ ମଧ୍ୟରୁ ୭୦ଟିର କାର୍ଯ୍ୟ ୨୦୧୮ ମସିହା ମାର୍ଚ୍ଚ ସୁଦ୍ଧା ପୂର୍ଣ୍ଣାଙ୍ଗ କରିବାକୁ ସ୍ଥିର ହୋଇଥିଲା । ଏହି ୭୦ଟି ପ୍ରକଳ୍ପ ମାଧ୍ୟମରେ ୧ ଲକ୍ଷ ହେକ୍ଟର ଜମିକୁ ଜଳ ଯୋଗାଯାଇ ପାରିବ । ତା ଛଡ଼ା ଆଉ ୪୦ଟି ପ୍ରକଳ୍ପକୁ ୨୦୧୮ ମସିହା ଜୁନ୍ ମାସ ଏବଂ ଅବଶିଷ୍ଟ ପ୍ରକଳ୍ପକୁ ୨୦୧୯ ମାର୍ଚ୍ଚ ମାସ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ଯେଉଁ ଅଞ୍ଚଳମାନଙ୍କରେ ମେଗା ଲିଫ୍ଟ ଯୋଜନା କରାଯାଉଛି, ସେଠାକାର କୃଷକଙ୍କୁ ନେଇ ପାଣି ପଞ୍ଚାୟତ ଗଠନ କରିବା ସହ ଜଳ ବିନିଯୋଗର ଦକ୍ଷତା ବଢ଼ାଇବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି ।

## ଗୋଡିପଡାରେ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

**ନୟାଗଡ଼ :** ଗତ ଶନିବାର ଠାରୁ ନୟାଗଡ଼ ଜିଲ୍ଲା ଗୋଡିପଡାଠାରେ ୬୪ତମ ରାଜ୍ୟସ୍ତରୀୟ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ଆଞ୍ଚଳିକ ଆଥଲେଟିକ୍ ଆସୋସିଏସନ ପକ୍ଷରୁ ଚଳିତ ବର୍ଷ ପାଇଁ ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ କ୍ରୀଡ଼ା ସଂଗଠନର କ୍ରୀଡାବିତ୍‌ମାନେ ଯୋଗ ଦେଇଥିବା ନେଇ ଟୁର୍ଣ୍ଣାମେଣ୍ଟ ପରିଚାଳନା କମିଟିର ଅଧକ୍ଷ ଇଂ ଶିଶିର ନାୟକ ଜଣାଇଛନ୍ତି । ଏହି ଟୁର୍ଣ୍ଣାମେଣ୍ଟକୁ ସଫଳ କରିବା ଦିଗରେ ଆସୋସିଏସନର ସଭାପତି ଜୀବନ ଚନ୍ଦ୍ର ରାୟ ଏବଂ ସମ୍ପାଦକ ପ୍ରିୟରଞ୍ଜନ ସାମନ୍ତସିଂହାର ସକ୍ରିୟ ସହଯୋଗ କରିଥିଲେ ।

## ଚାଷୀଙ୍କୁ ମିଳିବ କ୍ଷତିପୂରଣ

**ଭୁବନେଶ୍ୱର :** ଲଘୁଚାପ ବର୍ଷାରେ ରାଜ୍ୟର ୩ଟି ଜିଲ୍ଲାର ପ୍ରାୟ ୧୦ହଜାର ହେକ୍ଟରରୁ ଉର୍ଦ୍ଧ୍ୱ ଜମିରେ ଫସଲ ନଷ୍ଟ ହୋଇଛି ଏବଂ ପ୍ରଭାବିତ ଚାଷୀଙ୍କୁ ଖୁବ୍‌ଶୀଘ୍ର କ୍ଷତିପୂରଣ ପ୍ୟାକେଜ୍ ଯୋଗାଇ ଦିଆଯିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ମହେଶ୍ୱର ମହାନ୍ତି ଆଜି ସୂଚନା ଦେଇଛନ୍ତି । ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀ ମହାନ୍ତି କହିଛନ୍ତି ଯେ ଡିସେମ୍ବର ୯ ଓ ୧୦ତାରିଖରେ ଲଘୁଚାପ ବର୍ଷା ଯୋଗୁ ରାଜ୍ୟର ୫ଟି ଜିଲ୍ଲାର ୧୯ଟି ବ୍ଲକ୍‌ରେ ୫୦ମିମିରୁ ଉର୍ଦ୍ଧ୍ୱ ବର୍ଷା ରେକର୍ଡ କରାଯାଇଥିଲା । ସେହିସବୁ ଜିଲ୍ଲାପାଳଙ୍କୁ ଫସଲ କ୍ଷୟକ୍ଷତି ଆକଳନ କରି ଡିସେମ୍ବର ୧୮ତାରିଖ ସୁଦ୍ଧା ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଜିଲ୍ଲାପାଳମାନଙ୍କ ରିପୋର୍ଟ ସରକାରଙ୍କ ହସ୍ତଗତ ହୋଇଛି । କଟକ ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ଲଘୁଚାପ ବର୍ଷାରେ କୌଣସି ଫସଲ ନଷ୍ଟ ହୋଇନାହିଁ ବୋଲି ଉଭୟ ଜିଲ୍ଲାପାଳ ଜଣାଇଛନ୍ତି । କ୍ଷତିଗ୍ରସ୍ତ ଜିଲ୍ଲାର ଚାଷୀଙ୍କ ପାଇଁ ଖୁବଶୀଘ୍ର କ୍ଷତିପୂରଣ ପ୍ୟାକେଜ୍ ଘୋଷଣା କରାଯିବ ବୋଲି ଶ୍ରୀ ମହାନ୍ତି କହିଛନ୍ତି । ଅନ୍ୟପକ୍ଷରେ ରାଜ୍ୟ ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆର୍‌ସି)ଙ୍କ ଅଫିସ୍ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ପୁରୀ, ଯାଜପୁର ଓ ଜଗତସିଂହପୁର ଜିଲ୍ଲାର ୧୪ଟି ବ୍ଲକ୍‌ରେ ପ୍ରାୟ ୧୦,୬୫୦ ହେକ୍ଟର ଜମିରେ ୩୩ ପ୍ରତିଶତରୁ ଉର୍ଦ୍ଧ୍ୱ ଧାନ ଫସଲ ନଷ୍ଟ ହୋଇଛି ।

## ଜଳସେଚନ ବିଭାଗ ଦୃଷ୍ଟିପଡୁ

**କେନ୍ଦ୍ରାପଡ଼ା :** ଜିଲ୍ଲା ଜଳସେଚନ ମୁଖ୍ୟ କାର୍ଯ୍ୟାଳୟରେ ବହୁ ମନମୁଖୀ କାର୍ଯ୍ୟ ଚାଲିଥିବାର ଅଭିଯୋଗ ହେଉଛି । ଜଣାପଡିଛି ଯେ, ଏଠାରେ ବିଭିନ୍ନ ପଦପଦବୀରେ ଥିବା କିଛି କର୍ମଚାରୀ ନିୟମିତ ଅନୁପସ୍ଥିତ ରହିବା ଯୋଗୁଁ କାର୍ଯ୍ୟାଳୟରେ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ଆଉକିଛି କର୍ମଚାରୀ କାର୍ଯ୍ୟରେ ଅବହେଳା କରୁଥିବା ଯୋଗୁଁ ତଳିଆ କର୍ମଚାରୀମାନେ ନିୟମିତ ଦରମା ପାଇପାରୁ ନଥିବା ସୂଚନା ମିଳିଛି । ଜଳସେଚନ ବିଭାଗର କର୍ମଚାରୀଙ୍କ ଏତାଦୃଶ ମନମୁଖୀ କାର୍ଯ୍ୟ ଯୋଗୁ ବିଭାଗୀୟ କାର୍ଯ୍ୟ ଅବହେଳିତ ହେଉଛି । ଯାହାଫଳରେ ନୂତନ କାର୍ଯ୍ୟ ଆରମ୍ଭ ହୋଇପାରୁନାହିଁ କିମ୍ବା ଅଧପନ୍ତରିଆ ପଡିଥିବା କାର୍ଯ୍ୟ ଶେଷ ହେଉନାହିଁ । ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ସ୍ଥାନୀୟ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି ।

# ନବକଳେବର ହେବ ମାଷ୍ଟରକ୍ୟାଣ୍ଟିନ୍

**ଭୁବନେଶ୍ୱର :** ରେଲୱେ ମଲ୍ଟି ମୋଡାଲ୍ ହବ୍ ପାଇଁ ବିଡିଏ ତରଫରୁ ଟେଣ୍ଡର୍ ଆହ୍ୱାନ କରାଯିବା ପରେ ଭୁବନେଶ୍ୱର ସ୍ମାର୍ଟସିଟିର କାର୍ଯ୍ୟ ଆଉପାଦେ ଆଗେଇଛି । ଆସନ୍ତା ଜାନୁଆରୀ ୧୨ ତାରିଖ ଟେଣ୍ଡର୍ ପକାଇବାର ଶେଷ ତାରିଖ ଧାର୍ଯ୍ୟ ହୋଇଥିବା ଜଣାପଡିଛି । ସେହିପରି ଚଳିତ ମାସ ୨୯ରେ ଟେଣ୍ଡର ପୂର୍ବ ବୈଠକ ପାଇଁ ସ୍ଥିର ବୋଲି ସୂଚନା ମିଳିଥିବାବେଳେ ସମୁଦାୟ ୩୦୦ କୋଟି ଟଙ୍କାର ଏହି ପ୍ରକଳ୍ପରେ ରେଲୱେ ଷ୍ଟେସନ୍‌ର ଆଧୁନିକୀକରଣ ପାଇଁ ୧୧୦ କୋଟି ଟଙ୍କା ବିନିଯୋଗ ହେବ । ସେହିପରି ଏଥିରେ ମାଷ୍ଟରକ୍ୟାଣ୍ଟିନ୍ ବସ୍ ଷ୍ଟାଣ୍ଡକୁ ବିଶ୍ୱସ୍ତରୀୟ କରାଯିବା ପାଇଁ ସବୁପ୍ରକାର ଯୋଜନା ସ୍ଥିର କରାଯାଇଛି । ଯୋଜନା ଅନୁସାରେ ଏଥିରେ ୭୦ କୋଟି ଟଙ୍କା ବ୍ୟୟ କରାଯିବ । କାର୍ ପାର୍କିଂ ପାଇଁ ବହୁତଳ କାର ପାର୍କିଂ ପ୍ଲେସ୍ ନିର୍ମାଣ ହେବାର ଯୋଜନା ମଧ ରହିଛି । ଏହି କାର୍ଯ୍ୟ ପାଇଁ ୬୦ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିଲା ବେଳେ ଅନ୍ୟାନ୍ୟ ଭିତ୍ତିଭୂମି ବିକାଶ ପାଇଁ ୬୦ କୋଟି ଟଙ୍କା ବିନିଯୋଗ କରାଯିବ ବୋଲି ସ୍ଥିର ହୋଇଛି । ବହୁତଳ କାର୍ ପାର୍କିଂରେ ଛଅ ମହଲା ବିଶିଷ୍ଟ ପାର୍କିଂ କମ୍ପ୍ଲେକ୍ସ ନିର୍ମାଣ କରାଯିବ । ରେଳ ଷ୍ଟେସନ୍ ନିକଟବର୍ତ୍ତୀ ମାଷ୍ଟର କ୍ୟାଣ୍ଟିନ୍ ବସ୍‌ଷ୍ଟାଣ୍ଡ୍ ପରିସରରେ ଏହି ବହୁ ତଳ ପାର୍କିଂ କମ୍ପ୍ଲେକ୍ସ ନିର୍ମାଣ ହେବାକୁ ଯାଉଛି । ଅଣ୍ଡର୍ ଗ୍ରାଉଣ୍ଡ୍ ପାର୍କିଂ ସ୍ଥାନରେ ଦୁଇଟି ମହଲା ରହିଛି । ପ୍ରଥମ ମହଲାରେ ଦୁଇହଜାର ବର୍ଗଫୁଟ ଅଞ୍ଚଳରେ ୧୦୬୫ଟି ସାଇକେଲ ରହିବ । ସେହିପରି ଦ୍ୱିତୀୟ ମହଲାରେ ସମାନ ସଂଖ୍ୟକ ବାଇକ୍ ରହିବାର ବ୍ୟବସ୍ଥା କରାଯିବ । ୪ ହଜାର ବର୍ଗଫୁଟ ପରିମିତି ଅଞ୍ଚଳର ନିର୍ମାଣ ହେବାକୁ ଥିବା କୋଠାର ଭୂତଳେ ୩୧୯୦ ବାଇକ୍ ରହିପାରିବ । ପ୍ରଥମ ମହଲାରେ ଯାତ୍ରୀ ପଞ୍ଜୀକରଣ କାର୍ଯ୍ୟାଳୟ, ଷ୍ଟଲ୍ ଓ ନିରାପତ୍ତା କାର୍ଯ୍ୟାଳୟ ରହୁଥିଲା ବେଳେ ଉପର ପାଞ୍ଚଟି ମହଲାରେ ୧୨୦ କାର୍ ରହିବାର ବ୍ୟବସ୍ଥା ରହିଛି । ଏଥିରେ ଚାରିଟି ଏଲାଭେଟର୍ ରହିବ । ଷ୍ଟେସନ୍‌ର ଆଧୁନିକୀକରଣ ସହିତ ଯାତ୍ରୀ ପ୍ରତୀକ୍ଷାଳୟ ପାଇଁ ନୂତନ ଗୃହ ସୃଷ୍ଟି କରାଯିବ । ଗ୍ରାଉଣ୍ଡ୍ ଫ୍ଲୋର୍‌ରେ ୧୫୦ ଯାତ୍ରୀଙ୍କ ପାଇଁ ପ୍ରଥମ ଶ୍ରେଣୀ ପ୍ରତୀକ୍ଷାଳୟ ନିର୍ମାଣ ହେବ । ୨୫୦ ଯାତ୍ରୀଙ୍କ ପାଇଁ ଦ୍ୱିତୀୟ ଶ୍ରେଣୀ ପ୍ରତୀକ୍ଷାଳୟ ନିର୍ମାଣ ହେବ । ୧୫ ୟୁଟିଏସ୍ କାଉଣ୍ଟର୍, ଗୋଟିଏ ଇନକ୍ୱାରି କାଉଣ୍ଟର୍, ୨୫ ଯାତ୍ରୀଙ୍କ ପାଇଁ ଭିଆଇପି ଲାଉଞ୍ଜ୍, ୮ଟି ଷ୍ଟଲ୍ ଓ ୨୦୦ ଯାତ୍ରୀଙ୍କ ବସିବା ପାଇଁ ବ୍ୟବସ୍ଥା କରାଯିବ । ଏଥିରେ ଶହେ ଯାତ୍ରୀ ବସିବା ଭଳି ଏକ ରେଷ୍ଟୁରାଣ୍ଟ, ୫୦ ଶଯ୍ୟା ବିଶିଷ୍ଟ ଏଜ୍‌କ୍ୟୁଟିଭ୍ ଲାଉଞ୍ଜ୍ ଓ ୧୦ ଦୋକାନ ମଧ୍ୟ ନିର୍ମାଣ ହେବ । ପ୍ରଥମ ମହଲାରେ ୨୦ ଶଯ୍ୟାବିଶିଷ୍ଟ ବାତାନୁକୂଳିତ ଡର୍ମିଟୋରି, ୨୦ ଶଯ୍ୟା ବିଶିଷ୍ଟ ନନ୍ -ଏସି ଡର୍ମିଟୋରି, ୭ଟି ଚାରି ଶଯ୍ୟାବିଶିଷ୍ଟ ଏସି ରୁମ୍ ଓ ପାଞ୍ଚଟି ଦୁଇ ଶଯ୍ୟାବିଶିଷ୍ଟ ଏସି ରୁମ୍ ରହିବ । ସମୁଦାୟ ୧୨ ଏକର ପରିମିତ ସ୍ଥାନରେ ଏହି ରେଲୱେ ମଲ୍ଟି ମୋଡାଲ୍ ହବ୍ କାର୍ଯ୍ୟକାରୀ ହେବାକୁ ଯାଉଛି । ମଲ୍ଟି ମୋଡାଲ୍ ହବ୍ ନିର୍ମାଣ ହେବା ପରେ ମାଷ୍ଟରକ୍ୟାଣ୍ଟିନ୍‌ର ନବକଳେବର ହେବ ବୋଲି ଜଣାପଡିଛି ।

## ସ୍ମାର୍ଟସିଟି ଭୁବନେଶ୍ୱର ଟାଉନ୍ ସେଣ୍ଟର ପ୍ରକଳ୍ପ

# ଜୁରଙ୍ଗ ସହ ବିଡିଏର ଚୁକ୍ତି




**ଭୁବନେଶ୍ୱର :** ସ୍ମାର୍ଟସିଟିରେ ଆଉ ଏକ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି । ଭୁବନେଶ୍ୱରର ବୃହତ୍ ପ୍ରକଳ୍ପ 'ଭୁବନେଶ୍ୱର ଟାଉନ ସେଣ୍ଟର୍' ଡିଜାଇନ୍ ପ୍ରସ୍ତୁତ କରିବା ପାଇଁ ସିଙ୍ଗାପୁର କମ୍ପାନୀ ସୁବର୍ଣ୍ଣା ଜୁରଙ୍ଗ ସହ ବିଡିଏ ଚୁକ୍ତି କରିଛି । ବିଡିଏ ସଚିବ ରମେଶ ଚନ୍ଦ୍ର ରାଉତ ଓ ଜୁରଙ୍ଗ ପ୍ରତିନିଧି ଆନନ୍ଦ ଏସ୍ ଲୋରେମ୍‌ବମ୍‌ଙ୍କ ମଧରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଭୁବନେଶ୍ୱର ଟାଉନ୍ ସେଣ୍ଟର୍ ପ୍ରକଳ୍ପରେ ୮ କୋଟି ଟଙ୍କା ବିନିଯୋଗ ହେବ । ଭୁବନେଶ୍ୱରର ମଧ୍ୟସ୍ଥଳ ମାଷ୍ଟକ୍ୟାଣ୍ଟିନ୍ ଅଞ୍ଚଳରେ ଗୁରୁତ୍ୱପୂର୍ଣ୍ଣ ୧୨ ଏକରର ପରିମିତ ଅଞ୍ଚଳରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବ । ବିଡିଏ ଦ୍ୱାରା ଏହି ପ୍ରକଳ୍ପଟି ପ୍ରସ୍ତୁତ କରାଯାଇଥିଲା ବେଳେ ମାଷ୍ଟର କ୍ୟାଣ୍ଟିନ୍, ଜନପଥ, ରେଳ ଷ୍ଟେସନ୍‌ର ଆଧୁନିକୀକରଣ ଏହାର ଅନ୍ତର୍ଭୁକ୍ତ । ରେଲୱେ ମଲ୍ଟି ମୋଡାଲ୍ ହବ୍ ନିର୍ମାଣ ସହ କଳିଙ୍ଗର ମନ୍ଦିର ସ୍ଥାପତ୍ୟ ଅନୁସାରେ ଏହାର ଡିଜାଇନ୍ ପ୍ରସ୍ତୁତ ହେବ ବୋଲି ଜଣାଯାଇଛି । ଭୁବନେଶ୍ୱର ଟାଉନ ସେଣ୍ଟର୍ ନିର୍ମାଣ ପାଇଁ ଅଶୋକା ମାର୍କେଟ୍ କମ୍ପ୍ଲେକ୍ସକୁ ଖୁବ୍ ଶୀଘ୍ର ଭଙ୍ଗାଯିବ ବୋଲି ବିଡିଏ ଅତିରିକ୍ତ କମିଶନର ଭବାନୀ ଶଙ୍କର ଚଇନି କହିଛନ୍ତି । ଏହି ଚୁକ୍ତି ସ୍ୱାକ୍ଷର ସମୟରେ ଜୁରଙ୍ଗ ପ୍ରତିନିଧି ଭୁବନେଶ୍ୱର ଟାଉନ୍ ସେଣ୍ଟର୍ ପ୍ରକଳ୍ପର ଡିଜାଇନ୍ ସମ୍ପର୍କରେ ବିସ୍ତୃତ ତଥ୍ୟ ରଖିଥିଲେ । ଜୁରଙ୍ଗ ପ୍ରତିନିଧି ଦୁଇଟି ଡିଜାଇନ୍ ଉପସ୍ଥାପନ କରିଥିଲା ବେଳେ ଏଥିରୁ ବିଡିଏ ଗୋଟିଏ ଡିଜାଇନ୍‌କୁ ଚୂଡ଼ାନ୍ତ କରିଥିଲା । ସିଙ୍ଗାପୁର, କୁଆଲାଲାମ୍ପୁର ଓ ବ୍ୟାଙ୍କକରେ ଜୁରଙ୍ଗ କମ୍ପାନୀ ତରଫରୁ ନିର୍ମାଣ କରାଯାଇଥିବା ମଲ୍ଟି ମୋଡାଲ୍ ହବ୍ ସମ୍ପର୍କରେ ମଧ୍ୟ ତଥ୍ୟ ଉପସ୍ଥାପନ ହୋଇଥିଲା । ଏହି ପ୍ରକଳ୍ପ ଅନୁଯାୟୀ ଜନପଥରେ ପଥଚାରୀ ଓ ସାଇକେଲ ଯାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ରହିବ । ଫୁଡକୋର୍ଡ, ରିଟେଲ୍ ପ୍ଲାଜା, ମଲ୍, ନେଚର୍ ପ୍ଲାଜା, ଆର୍ଟ ପ୍ଲାଜା ମଧ୍ୟ ଭୁବନେଶ୍ୱର ଟାଉନ ସେଣ୍ଟର୍ ପ୍ରକଳ୍ପରେ ରହିବ ବୋଲି ଜଣାଯାଇଛି । ସେହିପରି ଭୁବନେଶ୍ୱର ଟାଉନ ସେଣ୍ଟର୍ ନିକଟବର୍ତ୍ତୀ ରେଲୱେ ମଲ୍ଟି ମୋଡାଲ୍ ହବ୍ ପାଇଁ ସମୁଦାୟ ୩୦୦ କୋଟି ଟଙ୍କା ବିନିଯୋଗ ହେବ । ଏହି ପ୍ରକଳ୍ପରେ ରେଲୱେ ଷ୍ଟେସନ୍‌ର ଆଧୁନିକୀକରଣ ପାଇଁ ୧୧୦ କୋଟି ଟଙ୍କା ବିନିଯୋଗ ହେବ । ସେହିପରି ମାଷ୍ଟର କ୍ୟାଣ୍ଟିନ୍ ବସ୍‌ଷ୍ଟାଣ୍ଡକୁ ବିଶ୍ୱସ୍ତରୀୟ କରାଯିବ । ଏଥିପାଇଁ ୭୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । କାର୍ ପାର୍କିଂ ପାଇଁ ବହୁତଳ କାର ପାର୍କିଂ ପ୍ଲେସ୍ ନିର୍ମାଣ ହେବ । ଏଥିପାଇଁ ୬୦ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିଲା ବେଳେ ଅନ୍ୟାନ୍ୟ ଭିତ୍ତିଭୂମି ବିକାଶ ପାଇଁ ୬୦ କୋଟି ଟଙ୍କା ବିନିଯୋଗ ହେବ ବୋଲି ସ୍ଥିର ହୋଇଛି ।

## ଜଗମୋହନ ମରାମତି ମାମଲା: ଏଏସ୍‌ଆଇର ସତ୍ୟପାଠ

# ନାଟମଣ୍ଡପ ବିମ୍‌ରେ ଫାଟ

**କଟକ :** ଜଗମୋହନ ମରାମତି ସମ୍ପର୍କିତ ମାମଲାରେ ହାଇକୋର୍ଟରେ କେନ୍ଦ୍ର ସରକାରଙ୍କ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ସତ୍ୟପାଠ ଦାଖଲ କରାଯାଇଛି । ଦାଖଲ କରାଯାଇଥିବା ସତ୍ୟପାଠରେ କୁହାଯାଇଛି ଯେ, ଶ୍ରୀମନ୍ଦିର ନାଟମଣ୍ଡପ ବିମ୍‌ରେ ଫାଟ ରହିଛି । ନାଟ ମଣ୍ଡପରୁ ପ୍ଲାଷ୍ଟର୍ ଛଡ଼ାଯିବା ପରେ ଏହି ଫାଟ ରହିଥିବା ଜଣାପଡ଼ିଛି ବୋଲି କୁହାଯାଇଛି । ତେବେ ସମୟକ୍ରମେ ଏହି ଫାଟ ବଢିବାର ଆଶଙ୍କା ରହିଛି । ମାମଲାର ଶୁଣାଣି କରି ହାଇକୋର୍ଟ ଶ୍ରୀମନ୍ଦିର ପ୍ରଶାସନକୁ ମରାମତି ପାଇଁ କେବେ ସ୍ଥାନ ଖାଲି ହୋଇପାରିବ ସେ ସମ୍ପର୍କରେ ଜଣାଇବାକୁ କହିଛନ୍ତି । ଏଥିସହ ଅଦାଲତ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଆସନ୍ତା ଜାନୁଆରୀ ୧୭ତାରିଖକୁ ସମୟ ଧାର୍ଯ୍ୟ କରିଛନ୍ତି । ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ବେହେରଣ ଦ୍ୱାରର ମରାମତି କାର୍ଯ୍ୟ ଆସନ୍ତା ଫେବୃଆରୀରେ ଶେଷ ହେବ ବୋଲି ସତ୍ୟପାଠରେ କୁହାଯାଇଛି । ଗତ ୧୨ରେ ଏଏସ୍‌ଆଇ ବେହେରଣ ଦ୍ୱାର ମରାମତି କାର୍ଯ୍ୟ ଆରମ୍ଭ ହୋଇଥିବା କୁହାଯାଇଥିଲା ଏବଂ ଏହା ଫେବୃଆରୀ ୧୮ ସୁଦ୍ଧା ଶେଷ ହେବ ବୋଲି ଦର୍ଶାଇଥିଲା । ମାମଲାର ଶୁଣାଣି କରି ହାଇକୋର୍ଟ ଡିସେମ୍ବର ୧୬ ସୁଦ୍ଧା ଗରୁଡ଼ସ୍ତମ୍ଭ ବିମ୍ ମରାମତି ଶେଷ କରିବାକୁ ପ୍ରତ୍ନତତ୍ତ୍ୱ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ଏହି ମାମଲାରେ ପୂର୍ବରୁ ପୁରୀ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସତ୍ୟପାଠ ଦାଖଲ କରାଯାଇ ଜୟବିଜୟ ଦ୍ୱାର, ଗରୁଡ଼ସ୍ତମ୍ଭ ମରାମତି ପାଇଁ ସ୍ଥାନ ଖାଲି କରାଯାଇଥିବା ଅବଗତ କରାଯାଇଥିବାବେଳେ ଏନ୍‌କେ ମହାନ୍ତି କମିଟି ମଧ ହାଇକୋର୍ଟରେ ଏ ସମ୍ପର୍କରେ ସତ୍ୟପାଠ ଦାଖଲ କରିଥିଲେ । ହାଇକୋର୍ଟ ପ୍ରତ୍ନତତ୍ତ୍ୱ ବିଭାଗର ସତ୍ୟପାଠ ଆଧାରରେ ମାମଲାର ଶୁଣାଣି କରି ଏ ସବୁ ମରାମତି କାର୍ଯ୍ୟ କିପରି କରାଯିବ ସେ ସମ୍ପର୍କରେ ସବିଶେଷ ତଥ୍ୟ ସତ୍ୟପାଠ ମାଧମରେ ଅବଗତ କରାଇବାକୁ ଏଏସ୍‌ଆଇକୁ କହିଥିଲେ । ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ହାଇକୋର୍ଟରେ ବିସ୍ତୃତ ସତ୍ୟପାଠ ଦାଖଲ କରାଯାଇ ନାଟ ମଣ୍ଡପ, ବେହେରଣ ଦ୍ୱାର, ଜୟବିଜୟ ଦ୍ୱାର, ଗରୁଡ଼ସ୍ତମ୍ଭ ଏବଂ ଅନ୍ୟାନ୍ୟ ମରାମତି କାମ ଶେଷ କରିବାକୁ କେତେ ସମୟ ଆବଶ୍ୟକ ସେ ସମ୍ପର୍କରେ ଦର୍ଶାଯାଇଥିଲା ।

ନିଜ ସୁଖ ପାଇଁ କରାଯାଇଥିବା କର୍ମ
ସୀମିତ ସୁଖ ଦେଇଥାଏ; କିନ୍ତୁ
ପରୋପକାର ପାଇଁ କରାଯାଇଥିବା କର୍ମ
ନିତ୍ୟ ନୂତନ ଆନନ୍ଦ ଦିଏ : ଚାଣକ୍ୟ



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

# ସମ୍ପାଦକୀୟ..

## ବେଳହୁଁ ସାବଧାନ ଭଲ

**ବୌ**ଦ୍ଧିକ ଓ ଆଧ୍ୟାତ୍ମିକ ଚେତନତାକୁ ବାଦ୍ ଦେଇ ସାମାଜିକ ଶୃଙ୍ଖଳା ବଜାୟ ରଖିବା ଅତ୍ୟନ୍ତ କଷ୍ଟଦାୟକ। କେବଳ ଯେ ସଭ୍ୟତାର ବିକାଶ ଘଟିଲେ ଅନ୍ଧବିଶ୍ୱାସ ଓ କୁସଂସ୍କାର ଆପଣାଛାଏଁ ଦୂରେଇ ଯିବ ଏହା ସମ୍ଭବ ନୁହେଁ। ଚରିତ୍ର ଗଠନ ମାଧ୍ୟମରେ ଶିଶୁଟିଏ ବିକଶିତ ହେଲେ ପରବର୍ତ୍ତୀ ପର୍ଯ୍ୟାୟରେ ଶୃଙ୍ଖଳା ଓ ମର୍ଯ୍ୟାଦା ରଖିବା କ୍ଷେତ୍ରରେ ସିଏ ଅଧିକ ସକ୍ରିୟ ହୋଇଥାଏ। ପିତା,ମାତା ବା ଅଭିଭାବକମାନେ ପିଲାଟିଏକୁ କେବଳ ବିଦ୍ୟାଳୟ ଶିକ୍ଷା ଦେଇଦେଲେ ଯେ ସେ ଜଣେ ଭଲ ମଣିଷ ହୋଇପାରିବ ଏକଥା ଭାବିବା ଅନୁଚିତ୍। ଆଚରଣ ଓ ଉଚ୍ଚାରଣର ସାମଞ୍ଜସ୍ୟ ଥାଇ ଜ୍ଞାନ ପ୍ରଦାନ କରିବାର ଦକ୍ଷତା ଥିବା ଶିକ୍ଷକମାନେ ପରିବର୍ତ୍ତନର ବାର୍ତ୍ତାବହ ନହେବା ଯାଏ ଅପକର୍ମର ମାତ୍ରା ବଢ଼ିଚାଲେ। ତେଣୁ ଏକ୍ଷେତ୍ରରେ ସଚେତନତା ସୃଷ୍ଟି କରିବା ହେଉଛି ଉପଯୁକ୍ତ ମାର୍ଗ। ଏଥିରୁ ବିଚ୍ୟୁତ ହେଲେ ମଣିଷର ଗତିପଥ ବଦଳିଯାଏ ଏବଂ ସେ କେତେବେଳେ କେଉଁ କର୍ମ କରୁଛି ତା’ଉପରେ ନିୟନ୍ତ୍ରଣ ରଖି ନଥାଏ। ପ୍ରତ୍ୟେକ କର୍ମକୁ ନିୟନ୍ତ୍ରଣରେ ରଖି ସୁଚିନ୍ତିତ ମାର୍ଗରେ କରାଗଲେ ଏହା ସମାଜର ହିତ ସାଧନ କରିବା ସହିତ ମଣିଷକୁ ଉଚିତ୍ ମାର୍ଗରେ ଆଗକୁ ନେଇପାରିବ।

ଯଦିଓ ଭାରତ ଭଳି ଏକ ବିକାଶଶୀଳ ରାଷ୍ଟ୍ରରେ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଘଟିଛି, ତଥାପି ବୌଦ୍ଧିକ ବିକାଶ ଦିଗରେ ଭାରତୀୟମାନେ ଏବେବି ପଛରେ ରହିଥିବା ପରିଲକ୍ଷିତ ହେଉଛି। ଭୂତଳ ହେଉ କି ମହାକାଶ ବିଜ୍ଞାନ କ୍ଷେତ୍ରରେ ଭାରତୀୟ ବୈଜ୍ଞାନିକମାନେ ବିକାଶର ଶିଖର ଛୁଇଁଲେଣି। ଯେଉଁଥିପାଇଁ ଦେଶବାସୀଙ୍କ ମନରେ ଅପୂର୍ବ ଉନ୍ମାଦନା। ହେଲେ ପୂର୍ବପରି କିଛି ଲୋକଙ୍କ ମନରେ କୁସଂସ୍କାର ଏବଂ ଅନ୍ଧବିଶ୍ୱାସ ଭରି ରହିଛି। ଏହା କେବଳ ଅଶିକ୍ଷିତଙ୍କ କ୍ଷେତ୍ରରେ ଘଟୁନାହିଁ। ଅନେକ ଶିକ୍ଷିତ ଲୋକ ଅପରାଧମନସ୍କ ହେବା ଦ୍ୱାରା ସାମାଜିକ ଅବକ୍ଷୟ ସମାଜକୁ ନିମ୍ନମୁଖୀ କରିଦେଉଛି। ପ୍ରତ୍ୟେକ ଦିନ କେଉଁଠି ନା କେଉଁଠି ଅପରାଧ ଘଟୁଥିବା ଲୋକଲୋଚନକୁ ଆସୁଛି। ଏହାରି ଭିତରେ ସବୁଠୁ ଅଭାବନୀୟ ଘଟଣା ହେଉଛି ଦୁଷ୍କର୍ମ। ଏହା ଏଭଳି ଏକ ଘଟଣା ଯେଉଁଥିରେ ଜଣେ ବାଳିକା ହେଉ ବା ଯୁବତୀ ହୁଅନ୍ତୁ ସେମାନଙ୍କ ଭବିଷ୍ୟତ ଅନ୍ଧକାରକୁ ଚାଲିଯିବା ସହିତ ଘଟଣା ଘଟାଉଥିବା ଅଭିଯୁକ୍ତ ଜଣକ ଜୀବନରୁ ସମସ୍ତ ସୁଖଶାନ୍ତି ଉଜୁଡିଯାଏ। ଏହା ସାମାଜିକ ଶୃଙ୍ଖଳାର ଘୋର ପ୍ରତିବନ୍ଧକ ଭାବେ ପରିବେଶ ଓ ପରିସ୍ଥିତିକୁ ଅନ୍ଧକାରମୟ କରିଦେଉଛି। ଦିଲ୍ଲୀର ‘ନିର୍ଭୟା’ ଘଟଣା ପରେ ସମଗ୍ର ଦେଶ ସ୍ତବ୍ଧ ହୋଇଯାଇଥିଲା। ସେତେବେଳେ ଦେଶର ସବୁ ରାଜ୍ୟର ଶିକ୍ଷାନୁଷ୍ଠାନ ମାନଙ୍କରେ ଏଥିପାଇଁ ପ୍ରାର୍ଥନା କରାଯିବା ସହ ଘଟଣାକୁ ତୀବ୍ର ନିନ୍ଦା କରାଯାଇଥିଲା। ଆଶା ଥିଲା କଠୋର ଆଇନ୍ ଆସିଯିବା ପରେ ଏଭଳି ଘଟଣା ଘଟାଇବାକୁ ଇଚ୍ଛା କରୁଥିବା ଯୁବକ ବା ବ୍ୟକ୍ତିମାନେ ଏଥିରୁ ନିବୃତ୍ତ ରହିବେ। ହେଲେ ଏଯାବତ ଏଭଳି କିଛି ଦେଖିବାକୁ ମିଳୁନାହିଁ। ବରଂ ପ୍ରତିଦିନ ସମଗ୍ର ଦେଶରେ ଦୁଷ୍କର୍ମ ଭଳି ଲଜ୍ଜାଜନକ ଘଟଣା ସମାଜ ସଂସ୍କାରକ ଏବଂ ବୁଦ୍ଧିଜୀବୀମାନଙ୍କୁ ମ୍ରିୟମାଣ କରୁଛି। ହେଲେ ଏଥିରୁ ନିସ୍ତାର ପାଇବା ପାଇଁ କେଉଁ ମାର୍ଗକୁ ଆପଣାଯିବ ତାହା ସିଦ୍ଧାନ୍ତରେ ପହଞ୍ଚି ପାରୁନାହିଁ। ନିକଟରେ ଆମ ରାଜ୍ୟରେ ଜଣେ ମେଡିକାଲ ଛାତ୍ରୀଙ୍କୁ କଲେଜ ପରିସରରେ ଜନୈକ ଚତୁର୍ଥ ଶ୍ରେଣୀ କର୍ମଚାରୀ ଅନାୟାସରେ ଦୁଷ୍କର୍ମ ଘଟାଇବା ଅତ୍ୟନ୍ତ ଲଜ୍ଜାଜନକ। ଯଦିଓ ଅଭିଯୁକ୍ତ ଜଣକ ଆଇନ୍ ହାତରେ ଧରାପଡିଛନ୍ତି ତଥାପି ପୀଡିତା ଜଣକ କେଉଁ ପ୍ରକାର ମାନସିକ ଅଶାନ୍ତି ଭିତରେ ଗତି କରୁଥିବେ ତାହା ଦୁଃଖଦାୟକ। ବାରମ୍ବାର ଏଭଳି ଘଟଣା ଘଟିଚାଲିବା ସମାଜକୁ ସୁସ୍ଥ କରିବା ପରିବର୍ତ୍ତେ ଅସୁସ୍ଥତାର ବ୍ୟାଧି ଲେପି ଦେଉଛି। ତେଣୁ ଏଭଳି ଅବସ୍ଥାରେ କିଛି ଲୋକ ଯେତେବେଳେ ଅପରାଧମନସ୍କ ପାଲଟି ଯାଉଛନ୍ତି, ସେତେବେଳେ ଆମେ କାହାକୁ ଶିକ୍ଷିତ ବା ସଭ୍ୟ କହିପାରିବା ? ପୂର୍ବାପେକ୍ଷା ସାମାଜିକ ଗଣମାଧ୍ୟମ ଜରିଆରେ ଏହାର ପ୍ରଚାର ପ୍ରସାର ବ୍ୟାପକ ହେବା ଦ୍ୱାରା ସଭ୍ୟ ସମାଜ ପ୍ରତି ଏହା ଏକ ଆହ୍ୱାନ ପାଲଟି ଯାଇଛି। ଏହି ଆହ୍ୱାନର ସାମ୍ନା କରିବା ଦିଗରେ ସମାଜର ସବୁବର୍ଗର ଲୋକ ସଚେତନ ହେବା ସହିତ ନିଜର ପାରିପାର୍ଶ୍ୱିକ ଅବସ୍ଥା ପ୍ରତି ନଜର ରଖିବାର ସମୟ ଉପନୀତ। ତେଣୁ ପ୍ରତ୍ୟେକ କ୍ଷେତ୍ରରେ ନିଜର ପିଲାମାନଙ୍କୁ ସତର୍କ କରାଇବା ସହିତ ଏଭଳି ଘଟଣା କିଭଳି ନ ଘଟିବ ସେ ଦିଗପ୍ରତି ମଧ୍ୟ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି। ବଳାତ୍କାର ଭଳି ଅପକର୍ମ ଦ୍ୱାରା ସାମାଜିକ ବ୍ୟବସ୍ଥା କେଉଁ ଦିଗରେ ଗତି କରୁଛି ତାହା ବର୍ତ୍ତମାନ ଚିନ୍ତାର ବିଷୟ। ଏଭଳି ମାନସିକତାକୁ ସମାଜ କେଉଁ ଭଳି ଗ୍ରହଣ କରିବ ? କେତେକ ଘଟଣାରେ ଅଭିଯୁକ୍ତମାନେ ଅତ୍ୟନ୍ତ ନିର୍ଦ୍ଦୟ ଓ ନିର୍ଲ୍ଲଜ ଭାବେ ବଳାତ୍କାର ପରେ ହତ୍ୟାକାଣ୍ଡ ଘଟାଉଥିବା ଜଣାପଡିଛି। ଯେଉଁମାନେ ଏଭଳି ଘଟାଉଛନ୍ତି ସେମାନେ ହୁଏତ ଏହାର ପରବର୍ତ୍ତୀ ପରିଣାମ ସମ୍ପର୍କରେ ଅଜ୍ଞ ବୋଲି ଧରିବାକୁ ପଡିବ। କିମ୍ବା ନିଜର ବିଶୃଙ୍ଖଳିତ ଜୀବନକୁ ନେଇ ସାମାଜିକ ଅବକ୍ଷୟକୁ ପ୍ରୋତ୍ସାହିତ କରୁଛନ୍ତି ବୋଲି ମନେ କରାଯିବ। ଦୁଷ୍କର୍ମ ବିରୋଧରେ ସଚେତନତା ସୃଷ୍ଟି କରିବା ହେଉଛି ଏକ ସାମାଜିକ କର୍ତ୍ତବ୍ୟ। ତେଣୁ ଏ ଦିଗରେ ସରକାର, ସଂଗଠନ ଏବଂ ବ୍ୟକ୍ତିବିଶେଷ ଆଗେଇ ଆସିବା ଉଚିତ୍। ନଚେତ ଦୁଷ୍କର୍ମ କରୁଥିବା ନର ରାକ୍ଷସମାନଙ୍କ ଉତ୍ପାତ ବଢ଼ି ଚାଲିବ। ଯେଉଁଥିରେ ଏକ ପବିତ୍ର ଦେଶର ପବିତ୍ରତା ନଷ୍ଟ ହୋଇଯିବା ସହିତ ଏହାର ଆଧାତ୍ମିକତା ପ୍ରତି ଶକ୍ତ ଧକ୍କା ଲାଗିବ।

# ନାରୀମୁକ୍ତି ଓ ଧାର୍ମିକ ରୁଢ଼ିବାଦ




ଗାର୍ଗୀ ଶତପଥୀ

**ଇ**ତିମଧ୍ୟରେ ଭାରତର ନ୍ୟାୟପାଳିକା ମହିଳା କେନ୍ଦ୍ରୀକ ଦୁଇଟି ମାମଲାରେ ସ୍ୱାଗତଯୋଗ୍ୟ ରାୟ ଦେଇଛନ୍ତି। ଗୋଟିଏ ହେଲା ତ୍ରିବାର ତଲାକ ପ୍ରସଂଗ,ଅନ୍ୟଟି ହେଲା ବଳାତ୍କାରୀ ବାବା ରାମରହିମକୁ ୨୦ ବର୍ଷର ଜେଲଦଣ୍ଡ। ଉଭୟ ମାମଲାରେ ରୁଢ଼ିବାଦ ବିଚାର ଆଧାରିତ ଗୋଷ୍ଠୀ ଏବଂ ରାଜନୈତିକ ଦଳଙ୍କ ଭୂମିକାର ଘୃଣ୍ୟତାକୁ ଯେତିକି ସମାଲୋଚନା କରାଯାଇପାରେ ସେତିକି କମ ହେବ। ଏ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭୂମିକା ବିଶେଷ ଆଲୋଚନା ଯୋଗ୍ୟ। ତ୍ରିବାର ତଲାକର ରାୟକୁ ପ୍ରଧାନମନ୍ତ୍ରୀ ଯେଉଁଭଳି ହର୍ଷ ଉଲ୍ଲାସରେ ଗ୍ରହଣ କଲେ, ଏହାକୁ ବିତର୍କ ଆଣିବାରେ ଯେଉଁ ଭୂମିକା ନେଲେ ଡେରା ସଚା ସୌଦା ରାମରହିମଙ୍କ ଦୁଷ୍କର୍ମ ମାମଲାକୁ ନେଇ ସେତିକି ନୀରବତା ଅବଲମ୍ବନ କଲେ। ହିଂସା ହେବାକୁ ଦେଲାପରେ କହିଲେ ଅସ୍ଥାକୁ ନେଇ ହିଂସାକୁ ବରଦାସ୍ତ କରାଯିବ ନାହିଁ। ଯେମିତି ଗୋରକ୍ଷକ ନାଁରେ ହତ୍ୟାକାଣ୍ଡ କରୁଥିବା ସଂଗଠନମାନଙ୍କୁ ଆଇନଗତ ରୂପେ ବାସନ୍ଦ କରିବା ବଦଳରେ କେବଳ ମଝିମଝିରେ ଗୋରକ୍ଷା ନାଁରେ ହିଂସାକୁ ନିନ୍ଦା କରିବାରେ ସେ ନିଜକୁ ସିମୀତ ରଖୁଥିଲେ। କୋର୍ଟ ରାୟ ଘୋଷଣା ପୂର୍ବରୁ ରାମ ରହିମଙ୍କ ସମର୍ଥକ ଯେଉଁଭଳି ହିଂସ୍ର ପ୍ରଦର୍ଶନ କଲେ ତାକୁ ଦେଖିଲେ ବାବା ବିରୋଧରେ ମାମଲା ଦାୟର କରିଥିବା ଉଭୟ ମହିଳାଙ୍କ ସାହସିକତାକୁ ନିଶ୍ଚିତ ଭାବରେ ଶହେ ଥର ସଲାମ କରାଯାଇ ପାରେ। ବିଜେପି ସାଂସଦ ସାକ୍ଷୀ ମହାରାଜ ରାମ ରହିମ ଦୁଷ୍କର୍ମ ମାମଲାରେ କୋର୍ଟର ରାୟ ନେଇ ପରୋକ୍ଷରେ କୋର୍ଟକୁ ଧମକ ଦେଇଥିଲେ । ଅନ୍ୟଦିଗରେ ତ୍ରିବାର ତଲାକ ପ୍ରସଂଗରେ ସରକାରଙ୍କ ଠାରୁ ପ୍ରଶଂସା ପାଇଥିବା ଆବେଦନକାରୀ ମହିଳାମାନେ ଧାର୍ମିକ ଗୋଷ୍ଠୀର ରୋଷର ଶିକାର ହୋଇଛନ୍ତି । ଜଣେ ମହିଳାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ଦୁଇ ମାମଲା କେବଳ ସାଧାରଣ ମାମଲା ନୁହେଁ ଭାରତର ମୁସଲମାନ ଏବଂ ଦଳିତମହିଳାଙ୍କ ସ୍ଥିତି ଏବଂ ଧାର୍ମିକ ରୁଢ଼ିବାଦୀଙ୍କ ଦୃଷ୍ଟିରେ ମହିଳାଙ୍କ ସ୍ଥିତିକୁ ଦର୍ଶଉଛି। ଉଚ୍ଚତମ ନ୍ୟାୟାଳୟର ଏହି ରାୟ ପରେ ଭାରତୀୟ ମୁସଲମାନ ସମ୍ପ୍ରଦାୟ ମଧ୍ୟରେ ଦୀର୍ଘ ଦିନ ଧରି ଚାଲୁଥିବା ତିନି ତଲାକ ପ୍ରଥାର ଅବସାନ ଘଟିବ ବୋଲି ଆଶା କରାଯାଉଛି। ଏହି ରାୟ ନେଇ ସାଧାରଣ ମୁସଲମାନ ସେଭଳି ଖୁସି ଥିବା ଜଣାପଡୁନାହିଁ । ବରଂ ତିନି ତଲାକ ପ୍ରସଂଗରେ ମୁସଲିମ ସମାଜ ବାବଦରେ ଏକ ଭୁଲ ଚିତ୍ର ଦିଆଯାଉଛି ବୋଲି ସେମାନଙ୍କ ମତ। ସରିୟାତ ଅନୁଯାୟୀ ଜଟିଳ ପ୍ରକ୍ରିୟା ଦେଇ ଗତି କଲାପରେ ତଲାକ ପାଇବାକୁ ଅନ୍ୟୁନ ବର୍ଷେ ଲାଗିଯାଇଥାଏ। ଇସଲାମ ଧର୍ମକୁ ନେଇ, କୋରାନକୁ ନେଇ ମୁସଲମାନ ସମାଜରେ ବ୍ୟାପକ ସଚେତନତାର ଅଭାବ ଯୋଗୁଁ ମହିଳାଙ୍କୁ ତଲାକର ଯାତନା ସହିବାକୁ ପଡୁଛି । ଭଦ୍ରକରୁ ଉତରପ୍ରଦେଶ ପର୍ଯ୍ୟନ୍ତ ଏହାର ଅନେକ ଉଦାହରଣ ରହିଛି। ଇସଲାମୀୟ ବିବାହ ବିଚ୍ଛେଦ ଆଇନକୁ ନେଇ ବର୍ତମାନ ପର୍ଯ୍ୟନ୍ତ କୌଣସି ସ୍ପଷ୍ଟତା ଆସି ନାହିଁ। ଏକାଥରକେ ତିନି ଥର ତଲାକ କହିବା ଅପେକ୍ଷା କୋର୍ଟରେ ବିବାହ ବିଚ୍ଛେଦ ସ୍ୱାଗତ ଯୋଗ୍ୟ ହେଲେ ମଧ୍ୟ ଏହା ସେମାନଙ୍କ ସମସ୍ୟାର ସମାଧାନ କରିବ ନାହିଁ । ଯେଉଁ ହିନ୍ଦୁ ମହିଳାଙ୍କ ବିବାହ ବିଚ୍ଛେଦ କୋର୍ଟରେ ହେଉଛି, ସେମାନେ ଯେଉଁଭଳି ଭାବରେ ଥାନା ଏବଂ କୋର୍ଟର ଜଟିଳ ପ୍ରକ୍ରିୟା ଦେଇ ଯାଉଛନ୍ତି ସେମାନେହିଁ ତାର କଷ୍ଟ କଥା କହିପାରିବେ। ସେମାନଙ୍କ ମଧ୍ୟରୁ ଅଳ୍ପ ସଚେତନ ମହିଳାହିଁ ତାର ଲାଭ ଉଠାଇ ପାରୁଛନ୍ତି । ବିନା ବିଚ୍ଛେଦରେ ଅନେକ ବିବାହିତା ମହିଳା ସ୍ୱାମୀ ପରିତ୍ୟକ୍ତା ହେଉଛନ୍ତି। ପ୍ରଧାନମନ୍ତ୍ରୀଙ୍କ ପତ୍ନୀ ଙ୍କ ସ୍ଥିତି ମଧ୍ୟ ସେ ଦୃଷ୍ଟିରୁ ଦେଖିଲେ କିଛି ଭଲ ନୁହଁ। ଏପରିକି ସନ୍ତାନଥାଇ ମଧ୍ୟ ସ୍ୱାମୀମାନେ ପରିବାରର ଦାୟିତ୍ୱ ଗ୍ରହଣ କରୁନଥିବା ଘଟଣା ମଧ୍ୟ କିଛି କମ ନୁହେଁ। ତିନି ତଲାକର କଳଙ୍କିତ ପ୍ରଥାକୁ ଅବସାନ କରିବା ଲାଗି ଆସିଥିବା କୋର୍ଟ ରାୟ ନିଶ୍ଚିରୂପେ ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ। ମାତ୍ର ଏତିକିରେ ସେମାନଙ୍କ ଦୟନୀୟତାର ସମାପ୍ତି ଘଟିବ ନାହିଁ ମୁସଲମାନ ମହିଳାଙ୍କ ବିପର୍ଯ୍ୟୟ ସ୍ଥିତି ବାବଦରେ ସମସ୍ତେ ଜାଣନ୍ତି । ସଚ୍ଚାର କମିଟି ରିପୋର୍ଟରେ ଏହା ସ୍ପଷ୍ଟ ମଧ୍ୟ ହେଉଛି । ମାତ୍ର ଏ ନେଇ ଆଲୋଚନା ଏବଂ ନିରାକରଣ ପାଇଁ କୌଣସି ଠୋସ୍ ପଦକ୍ଷେପ ନିଆଯାଇ ନାହିଁ । ସଚ୍ଚାର କମିଟି ରିପୋର୍ଟ ଅନୁସାରେ, ସଂଖ୍ୟାଧିକ ମୁସଲିମ ମହିଳାମାନେ ବର୍ତମାନ ମଧ୍ୟ ପାରମ୍ପରିକ ବିଚାରଧାରାରେ ବନ୍ଦୀ ଅଛନ୍ତି । ଦେଶର ୬୯.୭୫ ପ୍ରତିଶତ ମୁସଲିମ ମହିଳା ପ୍ରାଥମିକ ଶିକ୍ଷା ପରେ ତାଙ୍କ ଝିଅମାନଙ୍କୁ ପଢାଇବା ପାଇଁ ଚାହାନ୍ତି ନାହିଁ। ମଧ୍ୟବିତ ପରିବାରରେ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ଥାଇ ମଧ୍ୟ ସେମାନଙ୍କୁ ଚାକିରି କରିବାର ଅନୁମତି ନାହିଁ। ଏଥିରେ ସମ୍ପ୍ରଦାୟର ସମ୍ମାନ ହାନୀ ହେବାର ସମ୍ଭାବନା ରହିଛି ବୋଲି ସେମାନେ ମନେକରନ୍ତି। ଅଧିକାଂଶଙ୍କ ମତ ହେଲା- ଘରର ଚାରିକାନ୍ଥ ଭିତରେହିଁ ମହିଳା ସର୍ବାଧିକ ସୁରକ୍ଷିତ। ଶିକ୍ଷା ସବୁ ସମ୍ପ୍ରଦାୟର ସାମାଜିକ ଉନ୍ନତିର ମାନଦଣ୍ଡ ଅଟେ। ଭାରତରେ ମୁସଲମାନମାନଙ୍କ ଶୈକ୍ଷିକ ସ୍ଥିତି ଅନୁସୂଚିତ ଜାତି ଏବଂ ଜନଜାତିଙ୍କ ଠାରୁ ମଧ୍ୟ ଦୟନୀୟ। ୨୦୦୧ ଜନଗଣନା ଅନୁସାରେ, ମୁସଲମାନମାନଙ୍କ ଶିକ୍ଷାଗତ ହାର ମାତ୍ର ୬୫ଶତକଡ଼ା। ଏଥିମଧ୍ୟରୁ ମହିଳାଙ୍କ ଶିକ୍ଷାଗତ ହାର ମାତ୍ର ୫୩.୭ଶତକଡ଼ା । ଆମ ଦେଶରେ ଲେଖିପଢି ନଜାଣି କେବଳ ନାମ ଲେଖିଦେଲେ ମଧ୍ୟ ଶିକ୍ଷିତ ବୋଲି ଧରିନିଆଯାଏ। ଏଭଳି ସ୍ଥିତିରେ କେତ୍ରେୁସଲିମ ମହିଳା ପ୍ରକୃତ ଅର୍ଥରେ ଶିକ୍ଷିତ ଥିବେ ଅନୁମାନ କରାଯାଇ ପାରେ । ଗ୍ରାମାଂଚଳରେ ଶିକ୍ଷାର ହାର ୫୮.୭ ପ୍ରତିଶତ ଥିବାବେଳେ ସହରାଂଚଳରେ ୭୯.୯ ପ୍ରତିଶତ। ସ୍କୁଲରେ ଏହି ଛାତ୍ର-ଛାତ୍ରୀଙ୍କ ଉପସ୍ଥାନ ୬୫ ଶତକଡ଼ା। ଏଥିମଧ୍ୟରୁ ଛାତ୍ରୀ ଉପସ୍ଥାନ ଶତକଡ଼ା ଉଲ୍ଲେଖ କରାଯାଇ ନାହିଁ । ଉଚ୍ଚଶିକ୍ଷା ସଂଦର୍ଭରେ ମୁସଲମାନ ଛାତ୍ରୀମାନେ ଅଧାରୁ ପାଠ ଛାଡୁଥିବା ମୁସଲମାନ ଛାତ୍ରୀଙ୍କ ସଂଖ୍ୟା ବହୁତ। ଅନେକ ମୁସଲମାନ ପରିବାରର ବିଚାର ହେଲା, ଝିଅମାନଙ୍କ ପାଇଁ ପାଠ ପଢା ଜରୁରି ନୁହେଁ। ଏଥିସହିତ ମହିଳା ଛାତ୍ରାବାସର ଅଭାବ, ଶିକ୍ଷୟତ୍ରୀଙ୍କ ଅଭାବ, ବୃତି ନମିଳିବା କାରଣରୁ ସେମାନେ ଉପରକୁ ଉଠି ପାରନ୍ତି ନାହିଁ । ଆର୍ଥିକ କାର୍ଯକ୍ଷେତ୍ରରେ ମୁସଲମାନ ମହିଳାଙ୍କ ଅଂଶିଦାର ମାତ୍ର ୨୫ଶତକଡ଼ା ଅଟେ। ଗ୍ରାମାଂଚଳରେ ଯେଉଁଠି ହିନ୍ଦୁ ମହିଳାଙ୍କ ଅଂଶିଦାରୀତ୍ୱ ୭୦ଶତକଡ଼ା ହେଉଥିବାବେଳେ ମୁସଲମାନ ମହିଳାଙ୍କ ଅଂଶିଦାରୀ ମାତ୍ର ୨୯ଶତକଡ଼ା । ଗ୍ରାମାଂଚଳରେ ସର୍ବାଧିକ ରୁଢିବାଦୀ ବିଚାର ମଝବୁତ ହେଇ ରହିଥିବା ବେଳେ ଉଚ୍ଚ ଜାତିରେ ୪୭ଶତକଡ଼ା ମହିଳା ବାହାରକୁ ଆସି କାମ କରନ୍ତି । ଅନ୍ୟ ଧାର୍ମିକ ସମ୍ପ୍ରଦାୟ ତୁଳନାରେ ଆର୍ଥିକ ଗତିବିଧିରେ ମୁସଲମାନ ମହିଳାଙ୍କ ଅଂଶିଦାରୀତ୍ୱ ସର୍ବନିମ୍ନ ଅଟେ । ୨୦୧୧ ଜନଗଣନା ଅନୁସାରେ ୧୫ ବର୍ଷ ହେବା ପୂର୍ବରୁ ୧୩.୫ଶତକଡ଼ା ଝିଅଙ୍କ ବିବାହ ହୋଇ ସାରିଥାଏ । କମ ବୟସରେ ବିବାହ ଅର୍ଥାତ ସେମାନେ ଶିକ୍ଷାରୁ ବଂଚିତ ହେବା ସହିତ ଆର୍ଥିକ ଭାବରେ ଆତ୍ମନିର୍ଭରଶୀଳ ହୋଇପାରନ୍ତି ନାହିଁ । ଶୀଘ୍ର ବିବାହ ଯୋଗୁଁ କମ ବୟସରେ ମା ହୋଇ ଯାଆନ୍ତି। ଏହା ତାଙ୍କ ଜୀବନକୁ ପ୍ରଭାବିତ କରେ। ‘ଇଣ୍ଡିଆ ଟୁଡେ’ରେ ପ୍ରକାଶିତ ତଥ୍ୟ ଅନୁସାରେ, ୫୫ଶତକଡ଼ା ମହିଳା ୧୮ ବର୍ଷ ହେବା ପୂର୍ବରୁ ବିବାହ କରନ୍ତି । ୯୫ ଶତକଡ଼ା ମହିଳା ‘ଅଲଇଣ୍ଡିଆ ମୁସଲିମ ପର୍ସନାଲ ଲ ବୋର୍ଡ’ର ନାମ ବି ଶୁଣି ନାହାନ୍ତି । ୮୮ଶତକଡ଼ା କାଜି ତାଙ୍କୁ ବିବାହ ବିଚ୍ଛେଦ ନୋଟିସ୍ ଦେଉ ବୋଲି ଚାହାଁନ୍ତି । ୪୭ଶତକଡ଼ା ମହିଳାଙ୍କ ନିକାହନାମା ନାହିଁ, ୭୫ ଶତକଡ଼ା ଏହାକୁ ପଢିନାହାଁନ୍ତି । ୫୩ ଶତକଡ଼ା ଘରୋଇ ହିଂସାର ଶିକାର ହୁଅନ୍ତି । ୭୫ଶତକଡ଼ା ଚାହାନ୍ତି ସେମାନଙ୍କ ବିବାହର ବୟସ ଅନ୍ୟୁନ ୨୧ ବର୍ଷରୁ ଅଧିକ ହେଉ । ୯୨ଶତକଡ଼ା ତାଙ୍କ ସ୍ୱାମୀ ଆଉ ଥରେ ବିବାହ କରୁ ଚାହାନ୍ତି ନାହିଁ। ୯୨ଶତକଡ଼ା ମୌଖିକ ତଲାକକୁ ବିରୋଧ କରନ୍ତି। ଭାରତୀୟ ମୁସଲମାନ ମହିଳା ଆନ୍ଦୋଳନ ଅନୁସାରେ, ଦେଶର ୯୫ଶତକଡ଼ା ମୁସଲମାନ ମହିଳା ଭରଣ ପୋଷଣରୁ ବଂଚିତ । ସର୍ବଭାରତୀୟ ମୁସଲମାନ ପର୍ସନାଲ ଲ ବୋର୍ଡ ସଦସ୍ୟା ‘ଉଜମା ନାହିଦ’ କହନ୍ତି, ଭାରତରେ ମହିଳାମାନେ ବିଚାର ନିର୍ମାଣକାରୀ ହୋଇପାରନ୍ତି ନାହିଁ। ନିଷ୍ପତି ନେବା ତାଙ୍କ ପକ୍ଷରେ ସମ୍ଭବ ହୁଏ ନାହିଁ। ନିଜ ଅଧିକାରକୁ ନେଇ ସ୍ପଷ୍ଟ ଧାରଣା ନାହିଁ କି ସେଥିଲାଗି ଲଢେଇ କରିବା ତାଙ୍କପାଇଁ ସମ୍ଭବ ହେଉନାହିଁ । । କେବଳ ୧୦ଶତକଡ଼ା ମହିଳା ସ୍ୱାଧୀନ ଭାବରେ ନିଜର ନିଷ୍ପତି ନିଅନ୍ତି । ଦୁର୍ଭାଗ୍ୟଜନକ କଥା ହେଲା, ସେମାନେ ନିଜ ସମସ୍ୟାକୁ ଅନୁଭବ ମଧ୍ୟ କରିପାରନ୍ତି ନାହିଁ। ଦକ୍ଷିଣ ଭାରତରେ ମୁସଲମାନ ମହିଳାଙ୍କ ସ୍ଥିତି ଅପେକ୍ଷାକୃତ ଭଲ ରହିଛି। ଏଇତକ ହେଲା ମୁସଲମାନ ମହିଳାଙ୍କ ସ୍ଥିତିକୁ ନେଇ ବିଭିନ୍ନ ସ୍ଥାନରୁ ସଂଗୃହୀତ ତଥ୍ୟ। ମୁସଲିମ ମହିଳାଙ୍କ ଏହି ସ୍ଥିତିରୁ କଂଗ୍ରେସ ଦଳର ଛଳ ଧର୍ମନିରପେକ୍ଷତା ଓ ତାଙ୍କ ଦଳର ସରକାରଙ୍କ ବିଫଳତା ଧରା ପଡୁଛି । ତିନି ତଲାକ ଏବଂ ଭରଣପୋଷଣ ନେଇ ସାହାବାନୋ ହିଁ ପ୍ରଥମେ ଅଦାଲତର ଆଶ୍ରୟ ନେଇଥିଲେ । ଅଦାଲତ ତାଙ୍କୁ ନ୍ୟାୟ ଦେଇ ବିବାହ ବିଚ୍ଛେଦ ପରେ ପ୍ରତ୍ୟେକ ମହିଳା ଭରଣପୋଷଣ ପାଇବାର ଯୋଗ୍ୟ ବୋଲି କହିଥିଲେ । ରୁଢିବାଦୀ ମୁସଲମାନମାନଙ୍କୁ ଖୁସି କରିବାକୁ ଯାଇ ତତ୍କାଳୀନ ପ୍ରଧାନମନ୍ତ୍ରୀ ‘ରାଜୀବ ଗାନ୍ଧୀ’ କୋର୍ଟର ଏହି ରାୟକୁ ଅକାମୀ କରିଦେଇଥିଲେ। ନିଜ ଭୋଟବ୍ୟାଙ୍କକୁ ସୁରକ୍ଷିତ ରଖିବା ଉଦ୍ଦେଶ୍ୟରେ ମୁସଲମାନ ସମ୍ପ୍ରଦାୟର ନେତୃତ୍ୱ ନେଉଥିବା ରୁଢିବାଦୀ ଗୋଷ୍ଠିକୁ ଖୁସ୍ କରାଗଲା। ମୁସଲମାନ ମହିଳାଙ୍କୁ ପୂର୍ବଭଳି ଦୟନୀୟ ସ୍ଥିତିରେ ଛାଡି ଦିଆଗଲା । ଭାରତରେ ମୁସଲମାନ ମହିଳାମାନେ ଆନ୍ଦୋଳନ ଜରିଆରେ ନିଜ ସମସ୍ୟାଗୁଡ଼ିକୁ ଉଜାଗର କରିବା ପାଇଁ ଯେଉଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି ,ଓଡିଶାରେ ତାର କୌଣସି ପ୍ରଭାବ ଦେଖାଯାଉନାହିଁ। ବିଭିନ୍ନ ସମୟରେ କେନ୍ଦ୍ର ଓ ରାଜ୍ୟରେ ଶାସନ କରୁଥିବା ସରକାରମାନେ ଏଇ ନିଷ୍ଠୁର ଅଥଚ ବାସ୍ତବ ସ୍ଥିତି ଉପରେ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି । ଶିକ୍ଷା ଏବଂ ଚାକିରିରେ ସେମାନଙ୍କ ପାଇଁ ସ୍ୱତନ୍ତ୍ର ସଂରକ୍ଷଣର ବ୍ୟବସ୍ଥା କରନ୍ତୁ। ସେମାନେ କିଭଳି ଘରୁ ବାହାରି ସ୍କୁଲ, କଲେଜ କିମ୍ବା କାର୍ଯ୍ୟକ୍ଷେତ୍ରକୁ ଯିବେ ସେଥିପ୍ରତି ଦୃଷ୍ଟି ଦିଆଯାଉ । ବିଶେଷକରି ସଚ୍ଚାର କମିଟି ରିପୋର୍ଟକୁ ମୋଦି ସରକାର ଅଣ୍ଡାଳନ୍ତୁ। କେବଳ ତିନି ତଲାକରୁ ମୁକ୍ତି ସେମାନଙ୍କୁ ଅସଲ ମୁକ୍ତି ଦେଇପାରିବ ନାହିଁ। ଏ ନେଇ ଅନେକ କିଛି କରିବାର ଅଛି । ଅନ୍ୟଦିଗରେ ତଲାକ ପ୍ରସଙ୍ଗକୁ ନେଇ ଯେଉଁ ସରକାର ଓ ଖୋଦ୍ ପ୍ରଧାନମନ୍ତ୍ରୀ ତାର ଶ୍ରେୟ ନେବାକୁ ତତ୍ପର ସେମାନେ ରାମ ରହିମ ପ୍ରସଙ୍ଗରେ କାହିଁକି ନୀରବ ରହିଲେ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । କୋର୍ଟ ରାମ ରହିମଙ୍କୁ ଦୋଷୀ ସାବ୍ୟସ୍ତ କରିବା ପୂର୍ବରୁ ଓ ପରେ ତାଙ୍କ ସମର୍ଥକ ଗୁଣ୍ଡାମାନେ ନାରକୀୟ କାଣ୍ଡ ଘଟାଇଲେ, ଯେଉଁଥିରେ ୩୬ଜଣଙ୍କ ମୃତ୍ୟୁ ହେଲା। ଏପରି ଶକ୍ତି ଓ ତତ୍ତ୍ୱ ରାମ ରହିମ ବିରୋଧରେ ଅଭିଯୋଗ ଆଣିଥିବା ଦୁଇ ମହିଳାଙ୍କୁ କେତେଯେ ଆତଙ୍କିତ କରିଥିବେ ତାହା ଅନୁମେୟ । ସେଥିରୁ ପୁଣି ଜଣେ ମହିଳାଙ୍କ ଭାଇ ଏବଂ ଦୁଷ୍କର୍ମ ଘଟଣା ନେଇ ପ୍ରଧାନମନ୍ତ୍ରୀଙ୍କୁ ଦିଆଯାଇଥିବା ପ୍ରଥମ ପତ୍ରକୁ ପ୍ରକାଶିତ କରିଥିବା ସାମ୍ବାଦିକଙ୍କୁ ହତ୍ୟା କରାଯାଇଥିଲା । ମନୋହର କଟ୍ଟର ମୁଖ୍ୟମନ୍ତ୍ରୀ ହେବା ପରେ ନିଜ କ୍ୟାବିନେଟ ସହିତ ଆଶ୍ରମକୁ ଯାଇ ଅଭିଯୁକ୍ତ ରାମରହିମଙ୍କଠୁ ଆଶିର୍ବାଦ ନେବା, ରାୟ ପ୍ରକାଶର ୧୫ ଦିନ ପୂର୍ବରୁ ହରିୟାଣା ମନ୍ତ୍ରୀ ତାଙ୍କୁ ଲକ୍ଷାଧିକ ଚାନ୍ଦା ଦେବା, ସ୍ୱଚ୍ଛ ଭାରତ ଅଭିଯାନ ସମେତ ବିଭିନ୍ନ କାର୍ଯ୍ୟକ୍ରମ ଆଳରେ ଖୋଦ୍ ପ୍ରଧାନମନ୍ତ୍ରୀ ରାମ ରହିମଙ୍କୁ ପ୍ରଶଂସା କରିବା ଆଦି କଥାରୁ ଏଭଳି ବିପଦଜନକ ଅଣରାଷ୍ଟ୍ର ତତ୍ତ୍ୱଗୁଡ଼ିକ ପ୍ରତି ଭାଜପା ଦଳର ଆଭିମୁଖ୍ୟ ଓ ସମର୍ଥନ ବେଶ୍ ସ୍ପଷ୍ଟ । ଯେଉଁଠି ସରକାରୀ କଳ ଓ କ୍ଷମତା ରାଜନୀତି ଏପରି ଏକ ବାବା ପଛରେ ଅଛି ତା ବିରୋଧରେ ଲଢେଇ ଜାରି ରଖିଥିବା ଦୁଇ ମହିଳାଙ୍କ ସାହସ ନିଶ୍ଚିତରୂପେ ପ୍ରଶଂସନୀୟ। କ୍ରିକେଟ ଦଳର ପ୍ରତି ବିଜୟରେ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟରୁ ଟ୍ୱିଟ କରାଯାଉଥିବାବେଳେ ଏତେ ବଡ ସାହାସୀ ମହିଳାଙ୍କୁ କାହିଁକି ସାବାସୀ ମିଳି ପାରୁ ନାହିଁ ତାହା ଆଶ୍ଚର୍ଯ୍ୟର ବିଷୟ। ସାମାଜିକ ବୈଷମ୍ୟର ଶିକାର ହେଉଥିବା ଅନେକ ଦଳିତ ‘ଡେରା ସଚ୍ଚା ସୌଦା’ ଅନୁଷ୍ଠାନର ଅନୁଗାମୀ ହୋଇଛନ୍ତି । ଡେରା ସଚ୍ଚା ଭଳି ଦେଶରେ ଏଭଳି ଅନେକ ଆଶ୍ରମ ରହିଛି, ଯେଉଁଠି ସାମାଜିକ ସମାନତା ପ୍ରତିଷ୍ଠା ନାଁରେ ଦଳିତମାନଙ୍କୁ ଆକୃଷ୍ଟ କରାଯାଇ କୁସଂସ୍କାର ଏବଂ ଅନ୍ଧବିଶ୍ୱାସ ଜାଲରେ ଫସାଯାଉଛି । ଏଥିରେ ମୁଖ୍ୟତଃ ମହିଳାମାନେ ଶୋଷଣର ଶିକାର ହେଉଛନ୍ତି। ଏମିତି ଲାଗୁଛି କଂଗ୍ରେସ ଆଜି ପର୍ଯ୍ୟନ୍ତ ଭୋଟବ୍ୟାଙ୍କ ପାଇଁ ଯେମିତି ମୁସଲମାନ ଧର୍ମଗୁରୁଙ୍କୁ ଖୁସି କରାଉଥିଲା ଓ ଆଜି ବିଜେପି ହିନ୍ଦୁ ଭୋଟ ବ୍ୟାଙ୍କ ପାଇଁ ହିନ୍ଦୁ ଧର୍ମ ଗୁରୁଙ୍କୁ ଖୁସି କରାଉଛି । ଏହା ପ୍ରଥମ ନୁହେଁ ଏଥିପୂର୍ବରୁ ଆଶାରାମ କ୍ଷେତ୍ରରେ ମଧ୍ୟ ବିଜେପି ସେହିଭଳି ଭୂମିକା ନେଇଥିଲା । ଭୋଟ ପାଇବା ପାଇଁ ସମ୍ମାନସ୍ପଦ ବିଜେପି ନେତା ଅଟଳ ବିହାରୀ ବାଜପେୟୀ ଠାରୁ ଆରମ୍ଭ କରି ଦଳର ଛୋଟ କର୍ମକର୍ତା ପର୍ଯ୍ୟନ୍ତ ଆଶାରାମର ଗୋଡ ତଳେ ପଡୁଥିଲେ । ଦୁଷ୍କର୍ମ ମାମଲାରେ ଆଶାରାମ ଗିରଫ ହେବା ପରେ ‘ବିଶ୍ୱ ହିନ୍ଦୁ ପରିଷଦ’ ଖୋଲାଖୋଲି ସମର୍ଥନ କରିଥିଲା । ପ୍ରକୃତରେ ମହିଳାଙ୍କ ପ୍ରଗତି ପାଇଁ କୌଣସି ଧାର୍ମିକ ଗୋଷ୍ଠୀ କାମ କରେନାହିଁ। ପ୍ରତ୍ୟେକ ଧର୍ମରେ ମହିଳାଙ୍କ ସ୍ଥିତି ଅଳ୍ପ-ବହୁତ ସମାନ । ଗୋଟିଏ ମହିଳାର ସ୍ଥିତିରେ ବା କୌଣସି ସାମାଜିକ-ଧାର୍ମିକ ଗୋଷ୍ଠିର ମହିଳାଙ୍କ ଉନ୍ନତି ବାକି ମହିଳା ବା ସାମାଜିକ-ଧାର୍ମିକ ଗୋଷ୍ଠିର ମହିଳାଙ୍କ ପାଇଁ ମୁକ୍ତିର ବାଟ କଢାଏ । ତିନ ତଲାକଜନିତ ପ୍ରଗତିଶୀଳ କୋର୍ଟ ରାୟ କେବଳ ମୁସଲମାନ ଧର୍ମର ନୁହଁ ପ୍ରତିଟି ଧର୍ମରେ ଥିବା ମହିଳା ବିରୋଧୀ ପ୍ରଥାରେ ପରିବର୍ତନ ଲାଗି ପରିବର୍ତନକାମୀ ସମୂହକୁ ପ୍ରେରିତ କରିବ ବୋଲି ଆଶା। ତେଣୁ ଧର୍ମ ନିର୍ବିଶେଷରେ ସାଙ୍ଗ ହୋଇ ମହିଳାମାନେ ଆଗକୁ ନଗଲେ ପୁରୁଷତନ୍ତ୍ରକୁ ହଟାଇବା ସମ୍ଭବ ହେବ ନାହିଁ।

*ବୁଢାରଜା, ସମ୍ବଲପୁର*

# ମହାନ୍ ସ୍ୱାଧୀନତା ସଂଗ୍ରାମୀ ଶହୀଦ୍ ଜୟୀ ରାଜଗୁରୁ



ଡକ୍ଟର ଧୀରେନ୍ଦ୍ର ନନ୍ଦ


*(ପୂର୍ବ ପ୍ରକାଶ ଉତ୍ତାରୁ...)*

**ଗ**ଡ ଗୁଡିକର ସୁରକ୍ଷା ପାଇଁ ଚତୁର୍ପାଶ୍ୱରେ ଅଧିକ ସଂଖ୍ୟକ ସୈନ୍ୟ ସହିତ ଯୁଦ୍ଧାସ୍ତ୍ର ନିୟୋଜନ କରାଗଲା। କୁଜଙ୍ଗ, କନିକା ଆଦି ଛୋଟ ଛୋଟ ରାଜ୍ୟର ଶାସକ ମାନଙ୍କୁ ଯୁଦ୍ଧ ସମୟରେ ସହଯୋଗ କରିବା ପାଇଁ ପ୍ରସ୍ତୁତ ରହିବାକୁ ଯୋଗାଯୋଗ କରାଗଲା। ଯୁଦ୍ଧରେ ସହଯୋଗ କରି ଇଂରେଜ ମାନଙ୍କୁ ପରାସ୍ତ କରିବା ପାଇଁ ନାଗପୁରର ମରହଟ୍ଟା ଶାସକଙ୍କୁ ଅନୁରୋଧ କରାଗଲା। ଯୁଦ୍ଧ କରିବାର ସମସ୍ତ କୌଶଳ ତଥା ସୂଚୀ ପ୍ରସ୍ତୁତ କରାଇବା ପାଇଁ ମରହଟ୍ଟାର ଶାସକ ନାଗପୁରରୁ ଆନ୍ତୋଜୀ ନାୟକଙ୍କୁ ଓଡିଶା ପଠାଇଲେ। ସେହି ସ୍ୱଳ୍ପ ସମୟ ବ୍ୟବଧାନରେ ଜୟୀରାଜଗୁରୁ ବ୍ରିଟିଶ୍ ଶାସନ ବିରୋଧରେ ଏକ ଦକ୍ଷ ଜାତୀୟତାବାଦୀ ନେତା ଭାବରେ ନିଜର ପରିଚୟ ସୃଷ୍ଟି କରିଥିଲେ।

୧୮୦୪ ମସିହା ଅକ୍ଟୋବର ମାସ ଶେଷ ଆଡକୁ ବ୍ରିଟିଶ୍ ସୈନ୍ୟ ଖୋର୍ଦ୍ଧା ଆକ୍ରମଣ ପାଇଁ ଯୋଜନା କଲେ। ନଭେମ୍ବର ମାସ ୨୨ ତାରିଖରେ ପାଇକମାନେ ପିପିଲି ଏବଂ ଡେଲାଙ୍ଗ ଠାରେ ବ୍ରିଟିସ ସୈନ୍ୟଙ୍କୁ ପ୍ରବଳ ବିରୋଧ କରିଥିଲେ। ଏହି ପ୍ରତିରୋଧ ଏତେ ଭୟଙ୍କର ଥିଲା ଯେ, ବ୍ରିଟିଶ ସୈନ୍ୟମାନେ ସଂପୂର୍ଣ୍ଣ ଭୟଭିତ ହୋଇଯାଇଥିଲେ। ସେମାନେ ତାଙ୍କର ବେଙ୍ଗଲ୍ର ଦ୍ୱିତୀୟ ଏବଂ ସପ୍ତମ ବିଭାଗ ସହିତ ମାଦ୍ରାଜର ସପ୍ତଦଶତମ ବାଟାଲିଅନ୍ର ୧୦,୦୦୦ ସୈନ୍ୟଙ୍କୁ ଏହି ଯୁଦ୍ଧରେ ନିୟୋଜନ କରିଥିଲେ, ଯାହାର ନେତୃତ୍ୱ ନେଇଥିଲେ ମେଜର୍ ଫ୍ଲେଚର୍, କର୍ଣ୍ଣେଲ୍ ହାର୍କୋର୍ଟ, କାପ୍ଟେନ ହିକ୍ଲାଣ୍ଡ୍ ଏବଂ ଷ୍ଟୋନର୍। ପାଇକମାନେ ଗଙ୍ଗପଡା, ତରତୁଆ ଏବଂ ଟାଙ୍ଗିଆପଡା ଠାରେ ଅତ୍ୟନ୍ତ ଦୃଢ଼ତାର ସହିତ ଇଂରେଜ ସୈନ୍ୟମାନଙ୍କୁ ପ୍ରତିରୋଧ କରିଥିଲେ। ଏହି ଯୁଦ୍ଧ ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଭାବରେ ଭୟଙ୍କର ଥିବାରୁ ବ୍ରିଟିଶ ଅଧିକାରୀମାନେ ତିନି ସପ୍ତାହ ଧରି ଅଣନିଶ୍ୱାସୀ ହୋଇପଡିଥିଲେ। ଏହି ସମୟରେ ଜୟୀ ରାଜଗୁରୁ ମରହଟ୍ଟା ମାନଙ୍କର ସାମରିକ ସାହାଯ୍ୟ ନେବାପାଇଁ ବ୍ୟବସ୍ଥା କରିଥିଲେ, ମାତ୍ର ଦୁର୍ଭାଗ୍ୟବଶତଃ ଜୟୀ ରାଜଗୁରୁଙ୍କ ପତ୍ର ବାହକକୁ ଇଂରେଜମାନେ ସମ୍ବଲପୁରରୁ ଧରିନେଇ ଥିବାରୁ ଏହା ଫଳପ୍ରଦ ହୋଇ ନଥିଲା। ଇତି ମଧ୍ୟରେ ରାଜାଙ୍କର ନିରାପତା ଦୃଷ୍ଟିରୁ ଜୟୀ ରାଜଗୁରୁ ତାଙ୍କୁ ପୁରୀର ଗଙ୍ଗାମାତା ମଠକୁ କିଛି ଚୋରା ସତର୍କ ସୂଚନା ସହିତ ପଠାଇ ଦେଇଥିଲେ। ଜୟୀ ରାଜଗୁରୁଙ୍କ ବଳିଷ୍ଠ ଯୁଦ୍ଧ ପରିଚାଳନା ସତ୍ତ୍ୱେ ଇଂରେଜ ସୈନ୍ୟ ବାହିନୀର ଅତ୍ୟାଧୁନିକ ଗୁଳିଗୋଳା ଏବଂ ଯୁଦ୍ଧାସ୍ତ୍ର ଯୋଗୁ ଶେଷରେ ଖୋର୍ଦ୍ଧା ଦୁର୍ଗର ଅବସାନ ଘଟିଥିଲା। ପରେ ଜୟୀ ରାଜଗୁରୁ ଜଙ୍ଗଲରେ ଲୁଚି ରହି ମଧ୍ୟ ପାଇକ ମାନଙ୍କୁ ସଂଗଠିତ କରି ଇଂରେଜ ମାନଙ୍କ ବିରୋଧରେ ତାଙ୍କର ସଂଗ୍ରାମ ଜାରୀ ରଖିଥିଲେ। ରଣପୁର ଜଙ୍ଗଲ ନିକଟରେ ପାଇକ ମାନଙ୍କୁ ଏକାଠି କରି ବ୍ରିଟିଶ ଶାସନ ବିରୋଧରେ ଅନ୍ୟ ଏକ ଷଡଯନ୍ତ୍ର କରୁଥିବା ବେଳେ ବିଶ୍ୱାସ ଘାତକତାର ଶୀକାର ହୋଇ ଜୟୀ ରାଜଗୁରୁ ୧୮୦୩ ମସିହା ଜାନୁୟାରୀ ୩ ତାରିଖରେ ଇଂରେଜ ମାନଙ୍କ ଦ୍ୱାରା ଧରାପଡି କଟକ ଜେଲରେ ରହିଥିଲେ। ଏହା ସତ୍ୟ ଯେ, କନିକାର ରାଜା ବଳଭଦ୍ର ଭଞ୍ଜ ଏବଂ କୁଜଙ୍ଗର ରାଜା ଚକ୍ରଧ୍ୱଜ ଷେଣ୍ଢ ଇଂରେଜ ସୈନ୍ୟଙ୍କୁ ବିରୋଧ କରିଥିଲେ ମଧ ତାଙ୍କ ସାମ୍ନାରେ ପରାଜୟ ସ୍ୱୀକାର କରିଥିଲେ। ଏହାପରେ ଐତିହାସିକ ଜଗନ୍ନାଥ ମନ୍ଦିରରେ ସମସ୍ତ ପୂଜାବିଧି ତଥା ଯାନିଯାତ୍ରାରେ ରାଜାଙ୍କର ନାମକୁ ହଟାଇ ଦିଆଯାଇଥିଲା, ଯାହାଥିଲା ଖୋର୍ଦ୍ଧା ଇତିହାସରେ ଏକ ଅନ୍ଧକାରର ଯୁଗ। ଖୋର୍ଦ୍ଧାଗଡକୁ ଜୟ କରିବା ପରେ ବ୍ରିଟିଶ୍ ମାନେ ବେଙ୍ଗଲ୍ ଓ ମାନ୍ଦ୍ରାଜ୍ ମଧ୍ୟରେ ରହିଥିବା ଓଡିଶାର ସମସ୍ତ ଅଂଚଳକୁ ଦଖଲ କରି ନେଇଥିଲେ।

*(କ୍ରମଶଃ...)*

ସମ୍ପାଦନା କାର୍ଯ୍ୟାଳୟ
ଏକମାତ୍ର
ପ୍ଲଟ୍-୧୮୬ ,ଲେନ୍-୨
ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୨୦
ଦୂରଭାଷ
୦୯୩୩୮୨୨୫୯୩୦
୦୭୦୦୮୫୬୭୯୮୯
୯୪୩୭୧୩୩୭୭୭



# ଅମୁହାଁ ଦେଉଳ

ଉପନ୍ୟାସ
ଭାଗ-୧୩

ଡ. ମୌସୁମୀ ପରିଡ଼ା

ତନ୍ଦ୍ରା ବ୍ୟସ୍ତ ହୋଇପଡିଥିଲା ରେଣୁକାର ଅଚାନକ୍ ଅସୁସ୍ଥତାରେ। କ୍ୟାମ୍ପସ୍‌ରେ ଥିବା ହସ୍ପିଟାଲକୁ ଖୁବ୍ ଯତ୍ନ ସହକାରେ ନିଜ କାନ୍ଧରେ ଶୁଆଇ ନେଇଯାଇଥିଲା ତାକୁ। ସେମିତି କିଛି ମେଡିସିନ୍ ଦେଇ ଘରକୁ ଛାଡି ଦେଇଥିଲେ ଡାକ୍ତର ମହାଶୟ। ଗ୍ୟାସ୍ ମେଡିସିନ୍ ବି ଦେଇଛି ତାକୁ। ଇଲେକ୍ଟ୍ରୋସିପ୍ ବି ପିଆଇଛି। ତଥାପି କିଛି କାମ କରୁନି। ହଁ ଏମିତି ପ୍ରାୟ ଗୋଟେ ସପ୍ତାହ ସେ ଆସିନି କ୍ଲାସ୍‌କୁ। ସେଥିପାଇଁ ସବୁଦିନ ତାଙ୍କ ଘରକୁ ଯାଇ ତା ସହିତ କିଛି ସମୟ ଅତିବାହିତ କରି ଫେରିଛି ତନ୍ଦ୍ରା।

କଣ ହୋଇଛି ତାର ପଚାରିଲେ ଗୋଟେ ଉତର ତା ପାଖେ-ନାଇଁ ଟିକେ ୱିକ୍ ଲାଗୁଛି। ତୁ ତ ଜାଣୁ, ମୁଁ ଦିନରେ ପଢେନା କେବେ। ରାତିରେ ହିଁ ପଢେ ଅନିଦ୍ରା ହୋଇ। ସମୟ ଜାଣିହୁଏନା। ଆଗକୁ ଏକ୍‌ଜାମ୍ସ ଅଛି ତ..। ହୁଏତ ଅନିଦ୍ରା ଜନିତ କାରଣ ହୋଇପାରେ।

ହୋଇପାରେ ମାନେ କଣ ରେଣୁ? ଏମିତି ଦ୍ୱିଧାରେ ଥାଇ କଣ ଟ୍ରିଟ୍‌ମେଂଟ୍ ହୁଏ କି? ବିରକ୍ତି ପ୍ରକାଶ କରେ ତନ୍ଦ୍ରା।

ନାଇଁ, ସେଥିପାଇଁ ତ ରେଷ୍ଟ୍ ନେଉଛି! ଭଲ ଲାଗିଲାଣି। ଆଉ ମାତ୍ର ଦୁଇଦିନ ଭିତରେ ଫିଟ୍ ହୋଇଯିବି। ବ୍ୟସ୍ତ ହେବାର ନାହିଁ। ରେଣୁକା କଥାକୁ ବିଶ୍ୱାସ କରି ସେ କେତେକଣ ଗପିଚାଲିଛି ତା ଆଗରେ। ଏମିତିକି ଦେବଦାସ ସହିତ ବିତାଇଥିବା ନିତିଦିନର ଆଳାପ ଆଲୋଚନାକୁ ବି ଖୋଲି ଦେଇଛି କ୍ଲାସର ନୋଟ୍ ବୁକ୍ ପରି। ନିଜର ସବୁତକ ଆବେଗ ସୋରିଷ ବସ୍ତା ପରି ବୁଣି ହୋଇ ପଡିଛି ଏଣେତେଣେ। ରେଣୁକା ବି କେତେବେଳେ ନିଜେ ସୋରିଷ ପାଲଟିଯାଇଛି। ଏବଂ ଏକଜୁଟ କରିବାର ସମସ୍ତ ସାମର୍ଥ୍ୟ ଓ ସୁଯୋଗ କିନ୍ତୁ ହାତରୁ ଏମିତି ସହଜରେ ଖସିଯାଉଛି।

ଆଜି ଦେବଦାସକୁ ହଜାଇ ସେ ବୋଧେ ସବୁଠୁ ବେଶୀ ଅସହାୟ! ସବୁଠୁ ବେଶୀ ହତାଶ! ପ୍ରେମ ବୋଧେ ଏଇଆ? ଭଂଗାଗଢା ଖେଳ ଭିତରେ ସୀମାବଦ୍ଧ। ହଜିଗଲା ପରେ ତା ଗୁରୁତ୍ୱ ଅନୁଭୂତ ହୁଏ? କିଛି ଆକର୍ଷଣ ଯେତେବେଳେ ଏକଜୁଟ ହୋଇ ମନକୁ ଆକ୍ରମଣ କରନ୍ତି, ସେତେବେଳେ ପର ଲୋକଟି ବି ନିଜର ଲାଗେ। ହଠାତ୍ ତାକୁ ନେଇ ମନ ପଜେସିଭ୍ ହୋଇଯାଏ। ଆଜିକାଲି ତାକୁ ଠିକ୍ ସେହିଭଳି ଲାଗୁଛି।

କାଲିଯାଏଁ ଭଲକରି ଦେବଦାସର ନାଁ ଜାଣିନଥିବା ତନ୍ଦ୍ରା, କଣ ତାକୁ ହୃଦୟରେ ଏତେ ଗୁରୁତ୍ୱ ଦେଇପାରେ! ଦେବଦାସ ପରି ଅନେକ ଭଲ ପିଲା ଅଛନ୍ତି! ଖାଲି ତା ପ୍ରତି ଏତେ ଦୁର୍ବଳତା କାହିଁକି? ହୋଇପାରେ-ତା ଦୁର୍ଘଟଣାଜନିତ କାରଣ ବି ତା ପ୍ରତି ଥିବା ଲୁପ୍ତ ଆକର୍ଷଣକୁ କିଛି ମାତ୍ରାରେ ବୃଦ୍ଧି କରିଛି। କିନ୍ତୁ ଏଥିପାଇଁ ସେ କାଇଁ ଏତେ ଦୁର୍ବଳ ତା ମାନସିକ ସ୍ତରରେ? ବହୁତ ପ୍ରଶ୍ନ କରିଛି ସେ ନିଜକୁ। ଉତର ପାଇଛି ଯେ ନିଜ ପ୍ରତିକ୍ରିୟାକୁ ଦମନ କରି ସେ ନିଜ ପ୍ରତି ଅନ୍ୟାୟ କରିଛି। ନିଜର ମନେ ହେଉଥିବା ଲୋକଟି ଉପରେ ଯେତେବେଳେ ଅନ୍ୟ କେହି ଅଧୀକାର ଜାହିର୍ କରେ ସେତେବେଳେ ସେ ଲୋକର ଗୁରୁତ୍ୱ ଜଣାପଡେ। ଆଜିକାଲି ବୋଧେ ତାର ଠିକ୍ ସେହି ଅବସ୍ଥା!

ମନରେ ପୁଣି ପ୍ରଶ୍ନ ଉଠିଲା-ତନ୍ଦ୍ରା କଣ ଅନ୍ୟ କେହି ତା ଜୀବନରେ? ନା..ତା ହୋଇପାରେନା। ସେ ଜାଣେ ତାକୁ ପିଲାଦିନରୁ। ଦୁହେଁ ସବୁକଥା ସେୟାର୍ କରିଛନ୍ତି। ମିଶିକି ପାପ କରିଛନ୍ତି। ପୂଣ୍ୟ ଆଡକୁ ବି ରାସ୍ତା ତିଆରି କରିଛନ୍ତି। ହଁ ଗୋଟେ ଯାଗାରେ ତ୍ରୁଟି ରହିଯାଇଛି! ଚମ୍ପୁରୁ ଦେବଦାସ ବନେଇବା ପୂର୍ବରୁ ସେ ତନ୍ଦ୍ରା ଭାଗରେ। ହସିଲା ରେଣୁକା-ଗୋଟେ ବେଦନାବିଧୂର ହସ। ଯାହା ତାର ମାନସିକ ଯନ୍ତ୍ରଣାକୁ ଆହୁରି ବଢାଇ ଦେଉଥିଲା।

ଦେବଦାସ ଏମିତି କୋଉ ନିଜର ଯେ ତା କଥା ଏତେ ଭାବି ପିଲାଦିନର ବାନ୍ଧବୀ, ତନ୍ଦ୍ରାକୁ ସେ ସନ୍ଦେହ କରୁଛି! ଓଲଟା ସେ କେତେକଣ ଭାବିଥିଲା! କିପରି ତନ୍ଦ୍ରାକୁ ଧୀରେ ଧୀରେ ମନେଇ ସେ ଦେବଦାସ ପାଇଁ ନିଜ ମନତଳର ଦୁର୍ବଳତା ଜାହିର୍ କରିଥାନ୍ତା! ଏମିତିକି ସାହାଯ୍ୟ କରିବା ପରଦିନ ନିଜେ ରେଣୁକା ଦେବଦାସର ଗୁଣ ଗାନ କରିଥାନ୍ତା ତନ୍ଦ୍ରା ଆଗରେ। ତା ସାହାଯ୍ୟ କଥା ବଖାଣି ତା ମନକୁ ଦୁର୍ବଳ କରିଥାନ୍ତା ଓ କିଛି ଦିନ ପରେ କହିଥାନ୍ତା-ତନ୍ଦ୍ରା, ମୋର ଆଜିକାଲି ସେ ଚମ୍ପୁ ପ୍ରତି ଆକର୍ଷଣ ବଢୁଛି। ହୁଏତ ଚମ୍ପୁ ଓରଫ୍ ଦେବଦାସର ପ୍ରେମରେ ପଡିଯାଇଛି!

ଅବଶ୍ୟ ପ୍ରତିକ୍ରିୟା ସ୍ୱରୂପ ତନ୍ଦ୍ରା ବହେ ଗାଳି କରିଥାନ୍ତା ତାକୁ। ଭଲ ପିଲା ଖୋଜିଥାନ୍ତା ଦେବଦାସକୁ ପରାସ୍ତ କଲା ଭଳି! ଖୁବ୍ ବୁଝାଇଥାନ୍ତା ଏସବୁରୁ ଦୂରେଇ ରହିବା ପାଇଁ। ଗୁଡାଏ ମୁହଁ ଫୁଲାଇ ଥାଆନ୍ତା। ରାଗିଥାଆନ୍ତା ହୁଏତ କଥାବାର୍ତା ବି ଠିକ୍‌ରେ ହୋଇନଥାନ୍ତା! କିନ୍ତୁ ଜାଣିଥାଆନ୍ତା ଯେ ଦେବଦାସ ଉପରେ ତା ବାଲ୍ୟ ବାନ୍ଧବୀର ନଜର କେବେଠାରୁ। ବାଧ୍ୟହୋଇ ଦିନେ ନା ଦିନେ ତାକୁ କ୍ଷମା କରି ସଂପର୍କକୁ ଗ୍ରହଣ କରିନେଇଥାନ୍ତା! ହେଲେ ଏବେ ସବୁକିଛି ଓଲଟା..!

(କ୍ରମଶଃ...)

# ମହାମରଣ



ରକ୍ଷକ ନାୟକ



ଘାଟର ପାହାଚସାରା ଜୀଅନ୍ତା ଶିଉଳି
ପାଦ ଚିପି ଚିପି ଯିବାକୁ ହେବ
ନିଜକୁ ଆତ୍ମସ୍ଥ କରି, ପ୍ରକୃତିସ୍ଥ ହୋଇ
ଓହ୍ଲେଇବାକୁ ହେବ ପାଣିକୁ;
ଗଛରେ ଗୋଟେ ନୂଆ ସ୍ୱର ଶୁଣେଇବାକୁ
ବିଦେଶରୁ ଧାଇଁ ଆସିଛି ପକ୍ଷୀ, କେଡେ ସରାଗରେ
ଏବେଳେ କେମିତି ତାକୁ ଶୁଣିହେବ?
ନଈରେ ସାପ, କୁମ୍ଭୀର ଥାଇପାରନ୍ତି
ଲୋକେ ଚେତାଇ ଦେଇଛନ୍ତି, ସତର୍କରେ
ଦେହକୁ ଥୋଇବାକୁ ହେବ ସୁଅରେ
ଏବେଳେ ସୁଅର ସଂଗୀତ
କିଏ କ'ଣ ଅନୁଭବିପାରେ।
ଏମିତି କାହିଁକି ହେଲା!
ଆଗରୁ ଏମିତି ନଥିଲା, ଆମେ
କେତେ ଗାଧେଇଛେ ଏଇ ତୁଠରେ
ଏଇଠି ପହଞ୍ଚିଲେ ଦେହ ନିଶୂନ
ହୋଇଯାଏ, ଫେଣ ହେଇଯାଏ
ଆକାଶ ଆଲିଙ୍ଗନ କରିବାକୁ ଓହ୍ଲାଇଆସେ
କେତେ ରଙ୍ଗର ଡଙ୍ଗା, କାଗଜର, ମନର
ଟୁପୁରୁ ଟାପୁରୁ ହୋଇ ଚାଲିଯାନ୍ତି
ଗାଧଉ ଗାଧଉ ଆମେ
ଗୋଟା ପଣେ ନଈ ହେଇଯାଏ।
ମାପିଚୁପି ଚାଲିବାକୁ ହେଉଛି ହିସାବ କିତାବର
ଭାଷା; ନିୟନ୍ତ୍ରିତ ଇନ୍ଦ୍ରିୟ
ଅନୁଗତ ଅଭୀପ୍ସା!
ଏଇ ଘାଟରେ ମୁଁ ବଢ଼ିଛି, ଖୁସିରେ
ଅନେକ ଥର ନଈକୁ ଲୁଗା ଦେଇ
ଲଙ୍ଗଳା ହୋଇ ଦେହ ଶୁଖାଇଛି।
ଏବେ ସବୁ କଥାରେ ଡର, ପାଦେ ପାଦେ
ବିପଦ, ଓହଳ ଲାଗୁଛି ସାପ ପରି
ଲହରି ହେଉଛି ଫଣା
ଯେତେ ଥର ନଈରେ ବୁଡ ମାରିଛି
ଆଖି ଖୋଲିଲା ବେଳକୁ
ପୃଥିବୀ ସୁନ୍ଦର ଲାଗୁଛି।
ଏଇ ତୁଠ, ପ୍ରବେଶ ଓ ପ୍ରସ୍ଥାନର
ପଥ; ଅନାୟାସରେ ଆତଯାତ
ସମୟର ସାରଣୀରେ ଉପର ତଳ
ତଳ ଉପର; ଖେଳ
ଏକ ମୁକ୍ତ ଜୀବନର।
ସବୁ ବଦଳି ଯାଇଛି, ତୁମ ନଈ
ତୁମ ଛାଇ, ତୁମର ଭାଷା
ଯେତେ ଛଳନା କଲେ କ'ଣ
ବୁଝି ହେଉନି!
ଏତେ ଭୟରେ; କ'ଣ ପାଇଁ
ତୁମର ନିମନ୍ତ୍ରଣ!
ଏ କ'ଣ ସତରେ ମହାମରଣ!

ରାଜଭବନ, ଭୁବନେଶ୍ୱର-୮, ମୋ-୯୪୩୭୧୭୧୪୪୦

# ରାତିର ଶେଫାଳି



ପ୍ରଜ୍ଞା ପାରମିତା ପଣ୍ଡା

ରାତିର ଶେଫାଳି ମୁଁ
ଝରେ ଖାଲି ତମ ପାଇଁ,
ସ୍ପର୍ଶ ତୁମ ପାଇବାକୁ
ହୁଏ ଖାଲି ହାଇଁପାଇଁ।

ସୁଶୀତଳ ଜୋସ୍ନା ତମ
କାନେ କାନେ କୁହେ ମତେ
ଝୁମି ଝୁମି ନାଚିବାକୁ
ନିଝୁମ୍ ରାତିରେ ସାଥେ।

ରୂପେଲି ଆଭାର ଛୁଆଁ
ସ୍ପର୍ଶ କରି ଯେବେଯାଏ,
ଶିହରଣ ମନେ ଭରେ
ଅତୃପ୍ତ ଆନନ୍ଦ ପାଏ।

ଦୂର ଆକାଶରୁ ଝରେ
ମୋତିର ମହକ ପରି,
ତାରାମାନେ ଦେଖି ମୋତେ
ଇର୍ଷାରେ ଯାଆନ୍ତି ମରି।

ସୁଲୁ ସୁଲୁ ବହେ ବାଆ
ସାଥେ ତୁମ ମିଠାଛୁଆଁ,
ହେଇକି ପାଗେଳି ପ୍ରେମେ
ଝଡି ଯାଏ ପାହାନ୍ତିଆ।

ମାର୍ଫତ - ବସନ୍ତ କୁମାର ପଣ୍ଡା
ସା-ସୁକଲେଶ୍ୱର, ଜି-କଟକ
ଫୋନ୍-୮୯୦୮୯୫୫୦୬୬

# କୁନାବାପାଙ୍କ କୁନିକଥା



୩୦

ଗୁଜରାଟରେ ଭାଜପାର ବିଜୟ ପରେ ସବୁ କଳ୍ପନା ଜଳ୍ପନାର ଅନ୍ତ ଘଟିବା କଥା। କିନ୍ତୁ ଅଧିକ ଆଲୋଚନା ଓ ତର୍ଜମା ଚାଲିଛି ରାଜନୀତି, ଦଳୀୟ କାର୍ଯ୍ୟକ୍ରମ ଓ ଜାତୀୟ ଦଳ ଦ୍ୱୟର ପ୍ରଦର୍ଶନକୁ ନେଇ। ଏସବୁ ଖଟିକୁ ଯୋଗାଏ ଖୋରାକ। ତେଣୁ ଖଟିର ହାଲଚାଲ ବୁଝିବାକୁ ଟିକେ ଖଟିଆଡେ ଗାଡି ମୁହାଁଇଲେ କୁନାବାପା। ସଦ୍ୟ ଗୁଜରାଟର ନିର୍ବାଚନର ଓଡ଼ିଶା ଉପରେ ପ୍ରଭାବ ଉପରେ ଚାଲିଥାଏ ଜୋରଦାର ଆଲୋଚନା। ଖଟିର ବରିଷ୍ଠ ସଦସ୍ୟମାନେ ସମୀକ୍ଷକର କାର୍ଯ୍ୟ ତୁଲୋଉଥିବା ବେଳେ, କନିଷ୍ଠମାନେ ନିରବଶ୍ରୋତା କୁନାବାପା ଶ୍ରୋତାଙ୍କ ଭିତରେ ନିଜକୁ ସାମିଲ କଲେ।

ଦିନଯାକର ରାଷ୍ଟ୍ରୀୟ ଚାନେଲରୁ ଦେଖି ମନେ ରଖିଥିବା ଡାଟାକୁ ବିସ୍ତାର ରୂପ ଦେଇ ବୟୋଜ୍ୟେଷ୍ଠ ମନୁବାବୁ କହିଲେ ପ୍ରଧାନମନ୍ତ୍ରୀ ହୋଇ ଏବଂ ନିଜେ ରାଜ୍ୟର ପ୍ରଚାରରେ ସାମିଲ ହୋଇ ମଧ୍ୟ ମାତ୍ର ଅନେଶତ ସିଟ୍ ନିରାଶଜନକ। କଥା ଛଡେଇନେଇ ବିଶୁବାବୁ କହିଲେ, ଆହେ ସେଇଟା ପରା ଅନେଶତର କମାଲ, ଶହେ ହେଇଥିଲେ ସମସ୍ତେ ଆଖି ପକେଇଥାନ୍ତେ। ହାଡୁବାବୁ କହିଲେ, ଆହେ ନୂଆ ଛୁଆଗୁଡା ନାକେ ପାଣି ପିଆଇଦେଲେ ମୋଦିଙ୍କୁ, ବଡ କଷ୍ଟରେ ନବେ ଡେଇଁଛି। ବନବାବୁ କହିଲେ, ଯଦି ନବେ ନବେରେ ସମାନ ରହିଥାନ୍ତା ଭାଜପା ଓ କଂଗ୍ରେସର ଏବଂ ଅନ୍ୟ ଦୁଇଟା ସିଟ୍ ସ୍ୱାଧୀନ, ତା'ହେଲେ ତ ମଜା ଦେଖିଥାନ୍ତ। ସେଇ ଦୁଇଜଣଙ୍କ ଭାଉ ହଜାରେ କୋଟିରେ ପହଞ୍ଚିଥାନ୍ତା। ଦୁଇଜଣ ଲାଗିପଡିଥାନ୍ତେ ଘୋଡା ବେପାରରେ। ଥିଲେ ଥିଲେ ନବଭାଇ କହିଲେ, ଆହେ ବିରିମାଡ ଦେଖି କୋଳଥ ଚୋପା ହେଲାଣି ଜାଣିଛ? ସମସ୍ତେ ଏକସ୍ୱରରେ କହିଲେ, କେମିତି, କୋଉଁଠି? ଗୁଜୁରାଟରେ ସରକାରୀ ଦଳକୁ ଲୋକ ଜିଏସ୍‌ଟି କାଟି ଜିତେଇଛନ୍ତି। ଶହେ ବୟାଅଶିରୁ ଦେଢ଼ଶହ ଆସନର ଦୃଢ଼ୋକ୍ତିରେ ବେପାରି ହିସାବ ପଶିଲା ତାଙ୍କର, ଅଠେଇଶ ପରସେଣ୍ଟ ଟ୍ୟାକ୍ସ କାଟିଦେଲେ। ଯାହାର ବୁଦ୍ଧି ତା'ଉପରେ ଲାଗୁ। ଶହେ ବୟାଅଶିର ଅଠେଇଶ ପରସେଣ୍ଟ ହେଉଛି ଏକାବନ, ଦେଢ଼ଶହରୁ ଏକାବନ କାଟି ଅନେଶତ ସିଟ୍‌ରେ ଜିତିଲା ଭାଜପା। ଠୋ ଠୋ ହୋଇ ସମସ୍ତେ ହସିଲେ। ଆଉ ଭାଜପା ଗଡରେ ଦଳର ଏ ଅବସ୍ଥା ଦେଖି ବିଜଦର ଚୋପା ଛାଡିଲାଣି। ଧଡପଡ ହେଇ ଚିରାଚରିତ ଢଙ୍ଗରେ ମାଗଣାରେ ଏମ୍.ଆର.ଆଇ, ସିଟିସ୍କାନ ଭଳି ଦାମୀ ସ୍ୱାସ୍ଥ୍ୟସେବା। ଦାଶବାବୁ ଆସିଲେ, କହିଲେ କ'ଣ ଆଲୋଚନା। ତେଣୁ ଦାଶେ ଆଇଲେ ମୂଳରୁ ଗାଆ ଭଳିଆ ସଂକ୍ଷେପରେ ପୁନରାବୃତ୍ତି ହେଲା। ଦାଶବାବୁ ବଡ କୁହାଳିଆ,କହିଲେ, ଆହେ ଏକ୍ସରେ, ଅଲଟ୍ରାସାଉଣ୍ଡ ଠିକ୍ କରିପାରୁନାହାନ୍ତି, ଇଏ ସିଟିସ୍କାନ କ'ଣ ମାଗଣା କରିବେ? ଇଲେକ୍ସନ ପାଖେଇନି ତ! କୁନାବାପା ଟିକେ ଶେଷରେ କହିଲେ, ଭାଇ ଏଇତ ରାଜନୀତିର ଖେଳ, ରାଜା ହେବାକୁ ବଳେ କଉଶଳେ, ନୀତି ହେଉଥାଏ ଖୋଳ। ସାମ, ଦାମ, ଦଣ୍ଡ, ଭେଦ ସବୁ ଲଗେଇ ଶାସନ କରିବାକୁ ପଡେ, ଚାଣକ୍ୟ କହିଛନ୍ତି। ତେଣୁ ଗାଦି ବଞ୍ଚେଇବାକୁ ସବୁ କରିବେ, ଖାଲିଯାହା ତଳ ତଳିଆ ମରିବେ। ସର୍ବେ ଭବନ୍ତୁ ସୁଖୀନଃ।


- ଶାରଦା ପ୍ରସାଦ ମହାପାତ୍ର, ଦୂରଭାଷ : ୯୭୭୮୭୬୭୩୭୪

# ଚୋରି ହେଇଗଲା ଜହ୍ନ

ଆକାଶରେ ଟିକିଟିକି ତାରାଙ୍କ ମେଳରେ ଚୁପିଚୁପି ଜହ୍ନ ହସୁଛି। ଛାତ ଉପରେ ଏ ସବୁକୁ ଏକଲା ନିରବରେ ଚାହିଁ ରହିଥାଏ। ଉଦାସ ଉଦାସ ଲାଗୁଥାଏ ତାକୁ। କାହା ପାଖରେ ସେ ନିଜର ଅନ୍ତରଙ୍ଗ ମୁହୂର୍ତ୍ତ ସବୁକୁ ବାଣ୍ଟିବ ବୋଲି ଭାବୁଥାଏ ମନେ ମନେ। ପାଖରେ ଥିଲା ଚୁମୁକି। ହେଲେ ଆଷାଢ଼ର ଘୋ ଘୋ ବର୍ଷାରେ ଚୁମୁକିର ବାପା ତାକୁ ହାତକୁ ଦି'ହାତ କରିଦେଲେ। ହୁଏତ ଆଉ କିଛିଦିନ ଡେରି ହେଇଥାନ୍ତା! ହେଲେ ଘରେ ଜାଣିଗଲେ ଯେ, ଚୁମୁକି କାହାକୁ ଗୋଟେ ଭଲ ପାଉଛି। ସେଇଥିପାଇଁ ତଳ ସାହିର ନେଖା ଯୋଖା ବନ୍ଧୁ ନଖିଆ ସାଙ୍ଗରେ ଚୁମୁକିର ହାତକୁ ଛନ୍ଦି ଦେଲେ। କ'ଣ ଯେ ଦେଖାଯାଉଛି ସେ ଟୋକାଟା। ଝାମ୍ପୁରୁ ଝାମ୍ପୁରୁ ବାଳ, ଝିଅ ପିଲାଙ୍କ ଭଳିଆ। ପ୍ରବଳ ପାନ ଚୋବାଇ ଦାନ୍ତ ଗୁଡାକ ନାଲି ଟକ୍‌ଟକ୍ କରିଦେଇଛି। ଧୁମ୍ ଟାଣୁଛି ଗଞ୍ଜେଇ ଯେ, ଆଖିଗୁଡାକ କୁମ୍ଭାଟୁଆ ଆଖିପରି ନାଲି ଦିଶୁଛି। ହେଲେ ଚୁମୁକିଟା ଧୋବ ଫରଫର କଣ୍ଢେଇପରି। ଛି ଛି ଏ ବାପା ମା'ମାନେ କିଛି କ'ଣ ଦେଖିପାରନ୍ତିନି। କେମିତି କେଜାଣି ଏମିତିଆ ଟୋକାଟା ହାତରେ ଚୁମୁକିକୁ ଛନ୍ଦିଦେଲେ। ସମ୍ଭବତଃ ଜନମ ହେଉ ହେଉ ଏଇ ଭଳି ବାପା ମା'ମାନେ ଝିଅଟିଏକୁ ବୋଝ ବୋଲି ଭାବନ୍ତି। ଯେଉଁଥିପାଇଁ ବାପା ମା' ଭାଇଙ୍କ ସ୍ୱପ୍ନ ପାଇଁ ଚୁମୁକି ଭଳି ଝିଅମାନଙ୍କ ସ୍ୱପ୍ନ ଧୂଳିସାତ ହୋଇଯାଏ। ଯାହା ହାତଧରି ଝିଅଟି ପରଘରକୁ ଚାଲିଯାଏ ସେଠାରେ ଦାସୀପରି ଖଟି ଖଟି ଓ ସ୍ୱାମୀ, ଦିଅର, ନଣନ୍ଦ, ଶାଶୁ, ଶ୍ୱଶୂରଙ୍କ ସେବା କରି କରି ନିଜ କଥା ଭୁଲିଯାଏ।

ଛାଡ, କ'ଣ ଆଉ କରାଯାଇପାରେ। ସ୍ୱପ୍ନଟିଏ ଯେଉଁଠି ସତ ହୋଇପାରୁନି ସେଠାରେ ଜୀବନ ପରି ଜୀବନଟିଏ ଜିଇଁବାକୁ ଡର ଲାଗେ। ଏତିକି ଭାବନା ଭିତରେ ବୋଉ ଡାକ ପକାଇଲେ ଜହ୍ନକୁ। ଏ ମା' ଏବେ ଛାତରୁ ତଳକୁ ଆସେ। ରାତି ପାହିଲେ ନିଜ ବାହାଘରର ନିର୍ବନ୍ଧ। ଏକଥା ଭାବି ଜହ୍ନ ଆଖିରୁ ବି ଦୁଇବୁନ୍ଦା ଲୁହ ନିଗିଡି ଆସିଲା।


ମୋ-୭୮୭୩୯୪୦୬୨୬




# ଶବ୍ଦ ସମ୍ଭାର

## ତରଳି ଯାଉଥିବା ଶବ୍ଦର ନୂଆ ନୂଆ ରୂପ : ଶବ୍ଦ

ଅମରେନ୍ଦ୍ର ମାଧବ ଦାଶ
ପ୍ରକାଶକ : ଟିପ୍‌ଟପ୍, ଭୁବନେଶ୍ୱର
ପୃଷ୍ଠା : ୮୦, ମୂଲ୍ୟ : ୮୦ ଟଙ୍କା




"ସହନଶୀଳତାକୁ ଅସ୍ତ୍ର କରି
କେଉଁ ଆଶା, କେଉଁ ଆସ୍ଥାରେ
କେଉଁ ଲୋଭ, କେଉଁ ଲାଭରେ
ଚାଲିଆସିଲ ଏତେ ବାଟ
ଶବ୍ଦମାନେ?"

ଏବେ ଆମର ପ୍ରଶ୍ନ - ଶବ୍ଦ କବିର ପିଛା କରେ ନା କବି ଶବ୍ଦର ପିଛା କରେ? ଏବେ ପୁଣି ଶୁଭେ ଶବ୍ଦଙ୍କର କୋଳାହଳ। କୋଳାହଳ କେଉଁ ଅପ୍ରାପ୍ତିର, ଅସହାୟତାର। ନିଜକୁ ବିକ୍ରି କରିବା ପାଇଁ ହାଟରେ କୁହାଟ ପରି କୋଳାହଳ। କାବ୍ୟନାୟକ ସେମାନଙ୍କୁ କହେ

"ଚୁପ୍ ରୁହ ଶବ୍ଦମାନେ
ଏବେ ମୋଡ଼ ବଦଳାଉଛି ସମୟ
କାହାର ନାଲିଆଖି ତାଳେ
ଆଉ ହଠାତ୍ ଦବି ଯାଅନି
ମୁଠାଏ ଦାନା ଆଶ୍ରା କରି
ବାନ୍ଧି ଦେବାର ସୁଯୋଗ କାହାକୁ ଦିଅନି।"

ଆମର ଆଉ ଏକ ପ୍ରଶ୍ନ - ଶବ୍ଦ କ'ଣ ସତରେ ବୁଝିପାରେ କବିର ଅନ୍ତର୍ବେଦନା? ଭାଙ୍ଗି ଯାଉଥିବା ସବୁଜ ମୁହୂର୍ତ୍ତମାନଙ୍କୁ ସାଉଁଟିବାର ଅସହାୟତାକୁ ଶବ୍ଦମାନେ ସତରେ କ'ଣ ବୁଝିପାରନ୍ତି? ତେବେ କବିତା ଗୁଡିକ ପଢ଼ିବା ପରେ ମନେହେଲା ଏସବୁ ସମ୍ଭବ। ଅମରେନ୍ଦ୍ରଙ୍କ ଶବ୍ଦମାନେ ବେଶ୍ ସମ୍ବେଦନଶୀଳ। ସେମାନେ ବି ସୁଖ ଦୁଃଖ ଭୋଗନ୍ତି। କେହି ସୀମାରେ ଥାଆନ୍ତି, କେହି ପୁଣି ଅସୀମ ହୁଅନ୍ତି। କେହି ବିଦ୍ରୋହ କରନ୍ତି, କେହି ପୁଣି ଆତଙ୍କିତ ଥାଆନ୍ତି। କିଛି ଶବ୍ଦ ଅସନ୍ତୋଷ ବ୍ୟକ୍ତ କରି ସ୍ଲୋଗାନ ପାଲଟିବା ବେଳେ କିଛି ଶବ୍ଦ ଭୟ ଆଉ ଆତଙ୍କରେ ଆଖି ବୁଜି ଦେଉଥା'ନ୍ତି। ଦୁର୍ବଳ ଶବ୍ଦମାନଙ୍କ ପାଇଁ କାବ୍ୟ ନାୟକର ମନ ବି ଛାଟିପିଟି ହୁଏ। କବିଙ୍କ ଭାଷାରେ,

"ସେଇ ସବୁ ଶବ୍ଦମାନଙ୍କ ପାଇଁ ଦୁଃଖିତ
ଯେଉଁମାନେ ଆଜିଯାଏଁ କଦାପି
ଡେଇଁ ପାରିଲେନି ସମାଜର ଚାରିକାନ୍ଥ
ଆଉ ଉପେକ୍ଷିତ ହେଇ ରହିଗଲେ
ଚିରକାଳ କବିତା ଧାଡି ବାହାରେ।"

ଶବ୍ଦମାନଙ୍କ ଉପରେ ଏତେ ନିଘା ରଖିଥିବା କାବ୍ୟନାୟକ, ସେମାନଙ୍କ ସୁଖଦୁଃଖରେ ଭାଗୀ ହୋଇଯାଏ। ଶବ୍ଦ ବି କୃତଜ୍ଞ ରହେ। ପ୍ରତିଦାନ ଫେରାଏ କେଉଁ ନା କେଉଁ ବାଟରେ। ଏଇ ଯେମିତି କାବ୍ୟନାୟକର ସ୍ୱୀକାରୋକ୍ତି

"ସେଇସବୁ ଶବ୍ଦମାନଙ୍କ ପାଖରେ କୃତଜ୍ଞ
ଯେଉଁମାନେ ରାତି ଅଧରେ ନିଦରୁ ଉଠେଇ
ହାତଧରି ଚିହ୍ନେଇଲେ ଜୀବନ,
ଦୁର୍ବଳ ଆଉ ଘଡିସନ୍ଧି ମୁହୂର୍ତ୍ତରେ
ଭରିଦେଲେ ଆଶ୍ୱିନର ଅରାଏ
ଆତ୍ମବିଶ୍ୱାସ।"

ଅମରେନ୍ଦ୍ରଙ୍କ କବିତା ଗୁଡିକ ପଢ଼ିବା ବେଳେ ମନେହେବ ଶବ୍ଦମାନେ ତରଳି ଯାଇଛନ୍ତି। ଆଉ ଗୋଟେ ଗୋଟେ ନୂଆ ଛାଞ୍ଚରେ ପଡି ସାମ୍ନାକୁ ଆସୁଛନ୍ତି। କେବେ ଜାଲରେ ପଡିଥିବା ମାଛ ପରି, କେବେ ରାତିରେ ନିର୍ଜନତା ଚିରି କଇଁ କଇଁ କାନ୍ଦୁଥିବା ନାରୀ ପରି। ପୁଣି କେବେ ମନେ ହୁଅନ୍ତି ଶବ୍ଦମାନେ ଶୋଇ ଯାଇଥିବା ନିରୀହ ଶିଶୁର ମୁହଁ ପରି। ତେଣୁ କବିଙ୍କ ଏକ ଶବ୍ଦ ଏକ ପ୍ରତୀକ ବିସ୍ଥାପିତ ଆଉ ବିଦ୍ରୋହର, ଦାଦନର ଆଉ ଦୈନ୍ୟର, ନିଆଁ ଆଉ ନିର୍ବାପିତର।

"ଆମେ ଯେଉଁ ସବୁ ଶବ୍ଦ
ବଡ଼ ଦମ୍ଭରେ ଛିଡ଼ା ହେଇଥିଲେ ସାମ୍ନାସାମ୍ନି
ସକ୍ଷମ ହେଲେନି ବି କହିବାକୁ
ଦାଦନ ଖଟିବାକୁ ଯାଇଥିବା ଯବାନ ପୁଅ
ଦଲାଲ ସାଥେ ଫେରି ଆସିବ ଘରକୁ ସୁରକ୍ଷିତ,
ପ୍ରକଳ୍ପ ପାଇଁ ବସିଥିବା ଗ୍ରାମସଭା
ନିଷ୍ପତ୍ତିକୁ ସରକାର ମାନିନେବେ ଠିକ୍ ଠିକ୍
ହେବେ ନାହିଁ କେହି ବିସ୍ଥାପିତ।"

ଶବ୍ଦ ବହୁରୁପୀ। କାରଣ ସେ ଜଣେ ନୁହେଁ। ସେ ସୌନ୍ଦର୍ଯ୍ୟ ଆଉ ସଂହାର, ସେ ଉପକ୍ରମ ପୁଣି ଉପସଂହାର। ଶବ୍ଦ ମୌନାବତୀ, ପୁଣି ମାୟାବିନୀ। ସେ ପୁରୁଷ ଆଉ ନାରୀ। ତାକୁ ସାଉଁଟିବାର ଅସହାୟତା ବି ଭୋଗିଛନ୍ତି କବି।

"କେବେ ଧରୁଧରୁ ଖସିଯାଏ
ତ ଆଉ କେବେ
ଖସିଗଲା ବେଳେ
ଧରି ହେଇଯାଏ ସିନା
ମୋ ଅସମର୍ଥତା
ମୋ ନିପାରିଲାପଣିଆ
ମୋ ଅସ୍ଥିରତା
ବାରବାର ଭେଟାଏ ବିଫଳତା।"

ଏହି ଅସାମର୍ଥ୍ୟ ମଞ୍ଜକୁ ଥରାଇ ଦିଏ କବିଙ୍କ ଆଉ କିଛି ଧାଡିରେ "ପହଁରି ଆସିଲି ସିନା / ଶବ୍ଦର ସମୁଦ୍ର / ହେଲେ କେଉଁଥିରେ ବି / ଧରି ପାରିଲିନି ମନଲାଖି / ଆଞ୍ଜୁଳାଏ ଶବ୍ଦ।" ତଥାପି ଏକ୍‌ଲାପଣ କାଟିବାକୁ କାବ୍ୟନାୟକ ତା'ର ସାହଚର୍ଯ୍ୟ ଲୋଡ଼େ। "ଅସମୟରେ / କେହି ନଥିବା ବେଳେ / ଯିଏ ଥାଏ / ଛାଇ ଭଳି / ସିଏ ଶବ୍ଦ।"

କେବେ କେବେ ଆତ୍ମକୈନ୍ଦ୍ରିକ ମନେ ହେଉଥିବା କାବ୍ୟନାୟକ କବିତାର ଶେଷ ଆଡକୁ କିନ୍ତୁ ବେଶ୍ ବିଭୋର ମନେହୁଅନ୍ତି। ଶବ୍ଦମାନେ ସମ୍ମୋହିତ କରିଦିଅନ୍ତି ତାଙ୍କୁ। ସେ ଶବ୍ଦର ସ୍ତୁତିଗାନ କରନ୍ତି। ଯେମିତି 'ଯେଉଁଠୁ ବି ଭାସି ଆସେ ଚିତ୍କାର / ପହିଲେ ଆହା ପଦ ଶୁଭେ / ଶବ୍ଦଙ୍କର।" ପୁଣି "ସମୟକୁ ନିଜ ଢଙ୍ଗରେ / ଯିଏ ସହଜ/ ସରଳରେ ଜିଇଁପାରେ / ସେ କେବଳ ହୋଇପାରେ ଶବ୍ଦ।"

ଅମରେନ୍ଦ୍ରଙ୍କ 'ଶବ୍ଦ' ଏକ ମନୋଜ୍ଞ କବିତା ସଂକଳନ। ଅନେକ ସୁନ୍ଦର ଚିତ୍ରକଳ୍ପ ମଧ୍ୟ ଏଥିରେ ଉପଲବ୍ଧ। ତେବେ ଶବ୍ଦ ରାଣ ଦେବା ପରି ବାରମ୍ବାର ଶବ୍ଦ ପାଖକୁ ଫେରି ଆସିବା କିଛି ଚମ୍‌ତକାରିତାକୁ ଛୁଇଁବା ପୂର୍ବରୁ ହାତ ଖସାଇ ନେବା ପରି ମନେହୁଏ। ଶବ୍ଦକୁ ନିଃଶବ୍ଦରେ ଛୁଇଁବାର ମଜା ଟିକେ ନିଆରା। ଯେମିତି ନବବଧୂର ମୁହଁ ନ ଦେଖି ତା'ର ସ୍ୱର ଶୁଣି ତା'ର ରୂପକୁ ପରିକଳ୍ପନା କରିବା। ତେବେ ବି ଅମରେନ୍ଦ୍ରଙ୍କ କବିତା ଜୀବନର ବିବିଧତାକୁ ସ୍ପର୍ଶ କରିଛି। ବିଭିନ୍ନ ରଙ୍ଗରେ ଏହା ପାଠକଙ୍କୁ ଆପ୍ଲୁତ କରିବାର ସାମର୍ଥ୍ୟ ରଖେ। ସଂକଳନଟିରେ ରହିଛି ଚଉତିରିଶଟି ମନୋଜ୍ଞ କବିତା।

ସମୀକ୍ଷା : ଅକ୍ଷୟ ସ୍ୱାଇଁ

# ଅବାଧରେ ଚାଲିଛି ଗୁଟ୍‌ଖା ବେପାର

**ସୁବର୍ଣ୍ଣପୁର :** ତମାଖୁ, ଗୁଟ୍‌ଖା ସେବନ ସ୍ୱାସ୍ଥ୍ୟ ପାଇଁ ହାନୀକାରକ ଅଟେ। ସବୁ ଜାଣିଶୁଣି ମରଣକୁ ବରଣ କରିବା ପଥରେ ପଥିକ ଯୁବସମାଜ ଉପଭୋଗ କରୁଛନ୍ତି ବିଭିନ୍ନ ପ୍ରକାର ସ୍ୱାଦର ଗୁଟ୍‌ଖା। ଗୁଟ୍‌ଖା ପାନ ମସଲାର ଭୟାବହତା ଓ ଚାରିଆଡେ ପଡୁଥିବା ଗୁଟ୍‌ଖା ଜରି ପ୍ରଦୂଷଣ ରୋକିବା ପାଇଁ ଜରି ପ୍ୟାକଯୁକ୍ତ ଗୁଟ୍‌ଖାକୁ ସରକାର ସମ୍ପୂର୍ଣ୍ଣ ରୂପେ ନିଷିଦ୍ଧ ଘୋଷଣା କରିବା ସହିତ ଏହାର ବିକ୍ରୟ ଉପରେ ଅଙ୍କୁଶ ଲଗାଇବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଜରି ପ୍ୟାକଯୁକ୍ତ ଗୁଟ୍‌ଖାର ସ୍ୱାଦକୁ ଭୁଲିପାରୁ ନାହାନ୍ତି ଆଜିର ଯୁବପିଢ଼ି। ସରକାରୀ ନିର୍ଦ୍ଦେଶନାମାକୁ ଡରି ଗୁଟ୍‌ଖା କମ୍ପାନୀମାନେ କିଛି ଦିନ କାଗଜ ପ୍ୟାକିଂ ଗୁଟ୍‌ଖାକୁ ବଜାରକୁ ଛାଡିଥିଲେ ବି ଏହାର ବ୍ୟବସାୟିକ କାରବାର ଧିମେଇ ଯାଇଥିଲା। ପରେ ଜରି ପ୍ୟାକଯୁକ୍ତ ଗୁଟ୍‌ଖାକୁ ବଜାରକୁ ଛାଡି ବେଶ୍ ଫାଇଦା ନେଉଛନ୍ତି। ଏଥିସହ କିଛିଦିନ ବ୍ୟବଧାନରେ ଗୁଟ୍‌ଖା ଅଲଗା ଓ ପାନ ମସଲା ଅଲଗା କରି ଗ୍ରାହକଙ୍କୁ ଦୋକାନୀ ଦେଉଥିବା ଦେଖିବାକୁ ମିଳିଥିଲା। ସୁବର୍ଣ୍ଣପୁର ଜିଲ୍ଲାରେ ସମସ୍ତ ପାନ ଦୋକାନଠାରୁ ଆରମ୍ଭ କରି ଗାଁ ଗହଳିର ଛକମାନଙ୍କରେ ଖୋଲିଥିବା ପାନ ଓ ଗ୍ରୋସରୀ ଦୋକାନ ପର୍ଯ୍ୟନ୍ତ ସବୁଠି ଜରିପ୍ୟାକ୍ ଯୁକ୍ତ ଗୁଟ୍‌ଖଶର ବିକ୍ରୟ ଚାଲିଛି। ଦୋକାନୀମାନେ ଲୋକ ଦେଖାଣିଆ ପାନ ମସଲା ବିହୀନ କାଗଜ ପ୍ୟାକ ଗୁଟ୍‌ଖା ଗୁଡିକ ମାଳମାଳ କରି ଦୋକାନ ଆଗରେ ଟାଙ୍ଗିଦେଇ ପଲିପ୍ୟାକ୍ ଗୁଟ୍‌ଖା ଗୁଡିକ ଲୁଚାଇ ରଖି ବିକ୍ରି କରୁଥିବା ଦେଖିବାକୁ ମିଳୁଛି। ଗୁଟ୍‌ଖା ଖାଉଥିବା କେତେ ଯୁବକଙ୍କ ମତ ହେଲା କାଗଜ ଗୁଟ୍‌ଖାର ସ୍ୱାଦଠାରୁ ଜରି ପ୍ୟାକ୍‌ର ସ୍ୱାଦ ଖୁବ୍ ବଢ଼ିଆ। କାରଣ କାଗଜ ପ୍ୟାକିଂ ଗୁଡିକ କିଛି ଦିନ ପରେ ନରମ ହୋଇଯାଉଥିବାରୁ ତା'ର ସ୍ୱାଦ କମି ଯାଇଥାଏ। ଗୁଟ୍‌ଖା ସେବନ ଜନିତ ଭୟାବହତାକୁ ଆଖିରେ ରଖି ସରକାର ଗୁଟ୍‌ଖା ପ୍ୟାକେଟ୍ ଉପରେ କଙ୍କଡା ବିଛାର ଚିହ୍ନ ଦେଇଥିଲେ ମଧ୍ୟ କଙ୍କଡା ବିଛାର ଚିତ୍ର ଖାଉଟିମାନଙ୍କୁ ଡରାଇପାରିନାହିଁ।

# ଫିଙ୍କା ପଡିଲା ବିଜେପିର ବାଲି ରାଜନୀତି

**ପାରାଦୀପ :** ପାରାଦୀପ ପୌରପାଳିକା ପକ୍ଷରୁ ଏକ ସାଇନ୍ସପାର୍କ ନିର୍ମାଣ ପାଇଁ ସମୁଦ୍ର ବେଳାଭୂମିରୁ ବାଲି ଉଠାଯାଇ ପ୍ରସ୍ତାବିତ ପାର୍କ ସ୍ଥାନକୁ ଫିଲିଙ୍ଗ୍ କରାଯାଉଛି । ଏହି ବାଲି ଉଠାକୁ ବିରୋଧ କରି ଭାରତୀୟ ଜନତା ପାର୍ଟିର କୃଷକ ମୋର୍ଚ୍ଚା ପକ୍ଷରୁ ସ୍ଥାନୀୟ ଜଟାଧାରୀ ମୁହାଁଣ ମେରାଇନ ଥାନାରେ ବାଲି ଚୋରି ଅଭିଯୋଗରେ କେତେକ ପ୍ରଶାସନିକ ଅଧିକାରୀ ଓ ଯନ୍ତ୍ରୀଙ୍କ ନାମରେ ଲିଖିତ ଅଭିଯୋଗ କରାଯାଇଥିଲା । ଏ ପର୍ଯ୍ୟନ୍ତ ପୋଲିସ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବାରୁ ଏହାର ପ୍ରତିବାଦରେ ଗତ ଡିସେମ୍ବର ୧୮ ତାରିଖ ସୋମବାର ଦିନ ପାରାଦୀପ ବିଜେପି କୃଷକ ମୋର୍ଚ୍ଚା ତରଫରୁ ବିଜେପି ନେତା ତଥା ରାଜ୍ୟକାର୍ଯ୍ୟକାରିଣୀ ସଦସ୍ୟ ଗତିକୃଷ୍ଣ ଶତପଥୀଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବାହାରି ଜଟାଧାରୀ ମୁହାଁଣ ମେରାଇନ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜଗତସିଂହପୁର ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ତପନ କୁମାର ବେହେରା, ବିଜେପି ନେତା ବିଶ୍ୱରଂଜନ ସ୍ୱାଇଁ, ବୈଦ୍ୟନାଥ ବେହେରା, ଜିଲ୍ଲା କୃଷକ ମୋର୍ଚ୍ଚା ସାଧାରଣ ସଂପାଦକ ଆଦିତ୍ୟ ରଂଜନ ରାଉତ ରାୟ, ଯୁବରାଜ ଖୁଣ୍ଟିଆ, ଶାରଦା ବେହେରା, ପ୍ରମୁଖ ସାମିଲ ହୋଇ ପ୍ରଶାସନ ବିରୋଧି ବକ୍ତବ୍ୟ ଦେଇଥିଲେ। ଅନ୍ୟପକ୍ଷରେ କୃଷକ ମୋର୍ଚ୍ଚାର ଏହି ପ୍ରତିବାଦକୁ ପାରାଦୀପ ନାଗରିକ ମଞ୍ଚ ଓ ଏହାର ସଭାପତି ତଥା ପାରାଦୀପ ବିଜେପିର ଉପସଭାପତି ଅୟସକାନ୍ତ ରାୟ ଘୋର ବିରେଧ କରିଛନ୍ତି । ସେମାନେ କହିଛନ୍ତି ଏହା ଏକ ସମୁହ ସ୍ୱାର୍ଥ ସମ୍ବଳିତ କାର୍ଯ୍ୟ ଏବଂ ଯେଉଁଠି ସରକାର ସ୍ମାର୍ଟ ପୋର୍ଟ ସିଟି ପାଇଁ କେତେକ ନୂତନ ପ୍ରକଳ୍ପ କରୁଛନ୍ତି ଓ ସାଇନ୍ସପାର୍କ ଦ୍ୱାରା ବହୁ ଛାତ୍ର ଛାତ୍ରୀ ଉପକୃତ ହେବାପାଇଁ ଯାଉଛନ୍ତି ଓ ସାଧାରଣରେ ଗ୍ରହଣୀୟ ହେଉଛି। ସେଠାରେ ଏହାକୁ ରାଜନୈତିକ ସ୍ୱାର୍ଥ ପାଇଁ ବିରୋଧ କରିବା ଏକ ନିନ୍ଦନୀୟ କାର୍ଯ୍ୟ । ଏପରି କାର୍ଯ୍ୟକୁ ନାଗରିକ ମଞ୍ଚ ନିନ୍ଦା କରିବା ସହ ଆଗାମୀ ଦିନରେ ଏପରି ହୀନ କାର୍ଯ୍ୟରୁ ନିବୃତ୍ତ ନରହିଲେ ନାଗରିକ ମଞ୍ଚ ଏହାର ତିବ୍ର ବିରୋଧ କରିବ ବୋଲି ଅୟସକାନ୍ତ କହିଛନ୍ତି । ତେବେ ଏକ ପ୍ରଶ୍ନର ଉତ୍ତରରେ ପୌରାଧକ୍ଷ ଶ୍ରୀ ବସନ୍ତ ବିଶ୍ୱାଳ କହିଛନ୍ତି ସାଇନ୍ସ ପାର୍କ ଜନସାଧାଣ ତଥା ସ୍କୁଲ ଛାତ୍ର ଛାତ୍ରୀ ମାନଙ୍କ ଜ୍ଞାନର ବିକାଶ ହେବାସହ ଭବିଷ୍ୟତରେ ଏହା ଏକ ମାଇଲଖୁଣ୍ଟ ହେବ। ଏବଂ ବାଲିଉଠା ଓ ଫିଲିଙ୍ଗ କାର୍ଯ୍ୟ ସିଆରଜେଡ୍ ଜୋନ ପରିସୀମା ମଧ୍ୟରେ ହେଉଛି । ତେଣୁ ଏଥରେ କୌଣସି ଆଇନ୍ ଖିଲାପ ହେଉନାହିଁ।

## କାନ୍‌ମାସ୍‌ର ପ୍ରଣାମ ସେକ୍ସପିଅର

# ତୃତୀୟ ଶିଶୁ ନାଟକ ପ୍ରତିଯୋଗିତା ଉଦ୍‌ଯାପିତ



**ପାରାଦୀପ :** ୨ ବିଶ୍ୱର ସର୍ବମାନ୍ୟ ନାଟ୍ୟକାର ଉଇଲିୟମ୍ ସେକ୍ସପିଅରଙ୍କର ୪୦୧ତମ ମୃତ୍ୟୁବାର୍ଷିକୀ ପାଳନ ଉଦେଶ୍ୟରେ ଓଡିଶାର ଅଗ୍ରଣୀ ନାଟ୍ୟସଂସ୍ଥା କାନ୍‌ମାସ୍ ପକ୍ଷରୁ ଆୟୋଜିତ ତୃତୀୟ ଶିଶୁ ନାଟକ ପ୍ରତିଯୋଗିତା ଅବସରରେ ପାରାଦୀପ ଜୟଦେବ ସଦନ ଠାରେ ସ୍ଥାନୀୟ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସେକ୍ସପିଅରଙ୍କ କାଳଜୟୀ କୃତି ସବୁ ମଞ୍ଚସ୍ଥ ହୋଇଯାଇଛି। ଡିସେମ୍ବର ୧୫ରରୁ ୧୮ ତାରିଖ ପର୍ଯ୍ୟନ୍ତ ଚାରିଦିନ ଧରି ଚାଲିଥିବା ଏହି ନାଟକ ଉତ୍ସବରେ ପାରାଦୀପର ଦୀଲ୍ଲି ପବ୍ଲିକ୍ ସ୍କୁଲ, ତିନୋଟିଯାକ ଡିଏଭି ସ୍କୁଲ, ଅରବିନ୍ଦ ଶିକ୍ଷା କେନ୍ଦ୍ର ଆଦି ୭ଟି ବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ । ପାରାଦୀପ ବନ୍ଦର ଅଧକ୍ଷ ଶ୍ରୀ ରିଙ୍କେଶ ରଏଙ୍କ ଦିଗଦର୍ଶନରେ ଆୟୋଜିତ ଏହି 'ସେକ୍ସପଅର ସ୍ୱତନ୍ତ୍ର' ନାଟ୍ୟ ପର୍ବରେ ମହାକବି ସେକ୍ସପିଅରଙ୍କ ପ୍ରସିଦ୍ଧ ନାଟକ ସବୁ ଯଥା କିଙ୍ଗ ଲିଅର, ମ୍ୟାକ୍‌ବେଥ୍, ହାମ୍‌ଲେଟ୍, ଟେମ୍ପେଷ୍ଟ, ମଚ୍‌ଆଡୋ ଏବାଉଟ୍ ନଥିଙ୍ଗ ଆଦି ଶିଶୁ ମାନଙ୍କ ଦ୍ୱାରା ଇଂରାଜୀ , ହିନ୍ଦି ଓ ଓଡିଆରେ ଚମତ୍କାର ଢଙ୍ଗରେ ପରିବେଷଣ କରାଯାଇଥିଲା । କୋମଳମତି ବାଳକ ବାଳିକା ମାନଙ୍କର ବିଶ୍ୱ ସାହିତ୍ୟ ତଥା ବିଶ୍ୱନାଟ୍ୟ ପରମ୍ପରା ପ୍ରତି ଆଗ୍ରହ ସୃଷ୍ଟି ଲକ୍ଷ୍ୟରେ ଏବଂ ସେମାନଙ୍କର ନାଟ୍ୟପ୍ରତିଭାକୁ ଚିହ୍ନିତ କରି ତାକୁ ବିକଶିତ କରିବା ପାଇଁ ଏହା ଏକ ଅଭିନନ୍ଦନୀୟ ପ୍ରୟାସ ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି । ଦର୍ଶକ ମାନଙ୍କୁ ସେକ୍ସପିଅରଙ୍କ ସହ ପରିଚିତ କରିବା ଉଦେଶ୍ୟରେ ମହାକବିଙ୍କର ଜୀବନ, କୃତି, ତାଙ୍କ ସମୟର ମଞ୍ଚ ଓ ନାଟ୍ୟକଳା ସମ୍ପର୍କିତ ଚିତ୍ର ଓ ତଥ୍ୟ ସମ୍ବଳିତ ଏକ ମନୋଜ୍ଞ ପ୍ରଦର୍ଶନୀ ମଧ ଏହ ଅବସରରେ ଜୟଦେବ ସଦନଠାରେ ହୋଇଥିଲା । ଇଂରାଜୀ ସାହିତ୍ୟର ଅବସରପ୍ରାପ୍ତ ପ୍ରାଧାପକ ପବିତ୍ର ମୋହନ ଭୂୟାଁ ଓ ଜାତୀୟ ନାଟ୍ୟବିଦ୍ୟାଳୟରୁ ପ୍ରଶିକ୍ଷିତ ପ୍ରବୀଣ ଅଭିନେତା-ନିର୍ଦ୍ଦେଶକ ଗଜେନ୍ଦ୍ର ନାୟକ ଏହି ଶିଶୁ ନାଟକ ପ୍ରତିଯୋଗିତାରେ ବିଚାରକଭାବେ ଯୋଗଦେଇଥିଲେ । ସେକ୍ସପିଅରଙ୍କର 'ମ୍ୟାକ୍‌ବେଥ୍' ନାଟକ ଓଡିଆରେ ଅନୁବାଦ ଓ ନିର୍ଦ୍ଦେଶନା ଦେବା ସହିତ ଓଡିଶା ଓ ଓଡିଶା ବାହାରେ ଏହାକୁ ମଞ୍ଚସ୍ଥ କରାଇ ସେକ୍ସପିଅର ସଚେତନତା ପାଇଁ କାର୍ଯ୍ୟକରୁଥିବା କବି, ବ୍ୟଙ୍ଗକାର ଓ ନାଟ୍ୟବିତ୍ ଅଧ୍ୟାପକ ରମାକାନ୍ତ ମିଶ୍ର ଏଥିରେ ନିରୀୟକ୍ଷକଭାବେ ଅଂଶ ଗ୍ରହଣ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ପାରାଦୀପ ଲେଡିଜ୍ କ୍ଲବର ସଭାନେତ୍ରୀ ଶୁଭଲକ୍ଷ୍ମୀ ରଏ, ସମ୍ପାଦିକା କଳ୍ପନା ସାହୁ, ଏବଂ କୋଷ୍ଟ ଗାର୍ଡର ଅଲକା ମକ୍‌ୱାନ୍ ଅତିଥିରୂପେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଏହିଉତ୍ସବରେ ଦିଲ୍ଲୀ ପବ୍ଲିକ୍‌ସ୍କୁଲ, ପାରାଦୀପ ରିଫାଇନେରୀ (ନାଟକ ଦି ଟେମ୍ପେଷ୍ଟ) ପ୍ରଥମସ୍ଥାନ ଅଧିକାର କରିଥିଲା । ଡି.ଏ.ଭି ପବ୍ଲିକ୍ ସ୍କୁଲ, ପାରାଦୀପ (ନାଟକ ମ୍ୟାକ୍‌ବେଥ୍) ଏବଂ ପୋର୍ଟଟ୍ରଷ୍ଟ ହାଇସ୍କୁଲ (ନାଟକ ହାମଲେଟ୍) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ।

# କିଶୋରକିଶୋରୀଙ୍କ କାର୍ଯ୍ୟକ୍ରମ 'ଆମେ ଓ ଆମରିକଥା'




**ଭୁବନେଶ୍ୱର :** କିଶୋରାବସ୍ଥା ହେଉଛି ମନୁଷ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ସମୟ। ଏହି ସମୟରେ ଅଧିକାଂଶତଃ କିଶୋରୀମାନଙ୍କ ଶାରୀରିକ ଓ ମାନସିକତାରେ ଅନେକ ପରିବର୍ତ୍ତନ ହୋଇଥାଏ। ଏହି ସମୟରେ ସେମାନଙ୍କୁ ସଠିକ୍ ମାର୍ଗଦର୍ଶନ କରାଇଲେ ସମାଜରେ ଅନେକ ଉନ୍ନତି ସାଧିତ ହୋଇଥାଏ ବୋଲି ଆଜି ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସମ୍ପର୍କିତ ଅନୁଷ୍ଠାନ ମମତା ଓ ୟୁନିସେଫ୍‌ର ମିଳିତ କାର୍ଯ୍ୟକ୍ରମରେ ଯୋଜନାବୋର୍ଡ ଉପାଧ୍ୟକ୍ଷ ତଥା ରାଜ୍ୟ ସ୍କାଉଟ ଓ ଗାଇଡ୍ ସଭାପତି ବିଷ୍ଣୁଚରଣ ଦାସ ମତବ୍ୟକ୍ତ କରିଛନ୍ତି। ମମତା ଓ ୟୁନିସେଫ୍‌ର ମିଳିତ ଆୟୋଜନରେ 'ଆମେ ଓ ଆମରି କଥା' ଶୀର୍ଷକ କାର୍ଯ୍ୟକ୍ରମରେ ମମତାର ରାଜ୍ୟ ସହ ନିର୍ଦ୍ଦେଶକ ଡଃ ସୁରେନ୍ଦ୍ର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଦିନିକିଆ ଶିକ୍ଷଣ ଓ ବିନିମୟ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ ଅବସରରେ ୟୁନିସେଫ୍‌ର ଯୋଗାଯୋଗ ଅଧିକାରୀ ଡଃ ଲୋପାମୁଦ୍ରା ତ୍ରିପାଠୀ ସମ୍ମାନିତ ବକ୍ତାଭାବେ ଯୋଗ ଦେଇ କହିଥିଲେ ଯେ ସମାଜରେ ଅଧିକାଂଶ ଉପେକ୍ଷିତ ଶିଶୁ ଓ କିଶୋରକିଶୋରୀଙ୍କୁ ମୁଖ୍ୟଧାରାକୁ ଆଣିବାକୁ ପଡ଼ିବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଚାଲିଗଲା ...

ହେଲେ ଜାତି ଓ ଧର୍ମକୁ ନେଇ ମନ୍ତବ୍ୟ ଦେବା ଫଳରେ ପରିସ୍ଥିତି ଅଡୁଆ ଆଡକୁ ଗତି କରୁଥିଲା। ସାରା ରାଜ୍ୟରେ ବ୍ରାହ୍ମଣମାନେ ଆନ୍ଦୋଳନକୁ ଓହ୍ଲାଇବା ସହ ଦାମଙ୍କୁ ଅଭିଶାପ ମଧ୍ୟ ଦେବାକୁ ପଛାଇ ନଥିଲେ। ଯାହା ଆଗାମୀ ଦିନରେ ବିଜେଡି ପାଇଁ ଭୟଙ୍କର ଅଡୁଆ ପରିସ୍ଥିତି ସୃଷ୍ଟି କରିବ ବୋଲି ଆଶଙ୍କା ସୃଷ୍ଟି ହେବାରୁ ମୁଖ୍ୟମନ୍ତ୍ରୀ ତାଙ୍କୁ ଦଳରୁ ବହିଷ୍କୃତ କରିଛନ୍ତି। ଯେଉଁ ସମୟରେ ଦାମ ମନ୍ତ୍ରୀ ପଦ ହରାଇଥିବା ଖବର ପାଇଲେ ସେତେବେଳେ ସେ ପାରାଦୀପ ଅଞ୍ଚଳର ଏକ ବନ୍ଧୁ ମିଳନରେ ଖୁସି ମନାଉଥିଲେ। ଦାମଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର ପରେ ବିଭିନ୍ନ ଦଳର ନେତାମାନେ ନିଜ ପ୍ରତିକ୍ରିୟାରେ ମୁଖ୍ୟମନ୍ତ୍ରୀ ଠିକ୍ କରିଛନ୍ତି ବୋଲି କହିଛନ୍ତି। ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ବିଷ୍ଣୁ ଦାସ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ଅନେକ ପୂର୍ବରୁ ଦାମଙ୍କୁ ଆଚରଣ ପରିବର୍ତ୍ତନ ପାଇଁ ସତର୍କ କରାଯାଇଥିଲା। ହେଲେ ସେ କାହାକଥାକୁ ମାନୁ ନଥିଲେ। ଠିକଣା ସମୟରେ ମୁଖ୍ୟମନ୍ତ୍ରୀ ଠିକ୍ ପଦକ୍ଷେପ ନେଇଛନ୍ତି। ବିଜେଡି ବିଧାୟକ ଦେବାଶିଷ ସାମନ୍ତରାୟ ପ୍ରତିକ୍ରିୟା ରଖି କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ଓଡ଼ିଶାର ବିକାଶକୁ ଆଗକୁ ନେଉଥିବା ବେଳେ ଏଥିରେ ଡା. ରାଉତଙ୍କ ଭୂମିକା ସନ୍ଦେହଜନକ ଥିଲା। ତେଣୁ ମୁଖ୍ୟମନ୍ତ୍ରୀ ଉଚିତ୍ ପଦକ୍ଷେପ ନେଇଛନ୍ତି। ବିରୋଧୀ ଦଳ ମୁଖ୍ୟ ସଚେତକ ତାରାପ୍ରସାଦ ବାହିନୀପତି ପ୍ରତିକ୍ରିୟା ରଖି କହିଛନ୍ତି, ମନ୍ତ୍ରିମଣ୍ଡଳରେ କିଏ ରହିବ ତାହା ମୁଖ୍ୟମନ୍ତ୍ରୀଙ୍କ ଇଚ୍ଛାଧୀନ। ନିର୍ବାଚନ ଆସିବା ପୂର୍ବରୁ ମୁଖ୍ୟମନ୍ତ୍ରୀ ଜଣେ ମନ୍ତ୍ରୀଙ୍କୁ ବହିଷ୍କାର କରି ଯେଭଳି ଭୋଟ ଲଢ଼ିବାକୁ ଯାଆନ୍ତି ଏହା ତା'ର ପୁନରାବୃତ୍ତି। ତେଣୁ ଭୋଟ ରାଜନୀତି ପାଇଁ ଏପରି କରାଯାଇଛି। ପାରାଦୀପର ପୂର୍ବତନ ବିଧାୟକ ପ୍ରାର୍ଥୀ ତଥା କଂଗ୍ରେସ ନେତା ବାପି ସର୍ଖେଲ କହିଛନ୍ତି, ପୂର୍ବରୁ ସବୁବେଳେ ଦାମ ରାଉତ ଅଶାଳୀନ ମନ୍ତବ୍ୟ ଦେଇ ଆସିଛନ୍ତି। କ୍ଷମତାର ଅପବ୍ୟବହାର ମାଧ୍ୟମରେ ଲୋକଙ୍କୁ ଡରାଇ ଧମକାଇ ରଖିଥିଲେ। ତେଣୁ ୨୦୧୯ ନିର୍ବାଚନରେ କଂସଙ୍କ ଶାସନ ଧ୍ୱଂସ ହେବ ବୋଲି ସ୍ଥାନୀୟ ଲୋକଙ୍କର ଦୃଢ଼ ବିଶ୍ୱାସ ଆସିଛି। ଏହି ପ୍ରସଙ୍ଗରେ ଡା. ରାଉତଙ୍କ ନିର୍ବାଚନ ମଣ୍ଡଳୀର ବୟୋଜ୍ୟେଷ୍ଠ ଭୋଟର ତଥା କୃଷି ବିଜ୍ଞାନୀ ଆର୍ତ୍ତତ୍ରାଣ ଦାଶ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ଦାମଙ୍କୁ ଦଳରୁ ବହିଷ୍କୃତ ନକରି ଖାଲି ମନ୍ତ୍ରିମଣ୍ଡଳରୁ ବହିଷ୍କାର କରିବା ଯଥେଷ୍ଟ ହେଲାନି। ତେଣୁ ଦାମଙ୍କ ଭଳି ଅଶାଳୀନ ଆଚରଣ କରୁଥିବା ଜଣେ ନେତାଙ୍କୁ ଦଳରେ ଆଉ ସ୍ଥାନ ଦେବା ଉଚିତ୍ ନୁହେଁ।

### ବିକାଶ ...

ସେତେବେଳେ ୧୫ଟି ରାଜ୍ୟରେ କଂଗ୍ରେସର ସରକାର ଥିବା ବେଳେ ଗୋଟିଏ ରାଜ୍ୟରେ କଂଗ୍ରେସର ମେଣ୍ଟ ସରକାର ଓ ଅନ୍ୟ ଦୁଇଟି ରାଜ୍ୟରେ ସିପିଏମ୍ ସରକାର ଥିଲା। ସିପିଏମ୍ ସେତେବେଳେ ସହଯୋଗୀ ଦଳ ଭାବେ କେନ୍ଦ୍ରରେ କଂଗ୍ରେସ ସରକାରକୁ ବାହ୍ୟ ସମର୍ଥନ ଦେଉଥିଲା। ବର୍ତ୍ତମାନର ନିର୍ବାଚନ ପରିପ୍ରେକ୍ଷୀରେ କଂଗ୍ରେସ ଶାସିତ ରାଜ୍ୟ ସଂଖ୍ୟା ୪କୁ ହ୍ରାସ ପାଇଛି। ଦେଶର ଅନ୍ୟସବୁ ରାଜ୍ୟରେ ସମ୍ପ୍ରତି ଆଞ୍ଚଳିକ ଦଳ ଗୁଡ଼ିକ ଶାସନ କ୍ଷମତାରେ ରହିଛନ୍ତି। ତେଣୁ ଆଗାମୀ ଦିନରେ ପ୍ରଧାନମନ୍ତ୍ରୀଙ୍କ ଦେଶ ବିକାଶର ଏଜେଣ୍ଡା ସଫଳ ଦିଗରେ ଗତି କରୁଥିବା ଜଣାପଡିଛି। ବିକାଶ ପ୍ରସଙ୍ଗରେ ହେଉ ବା ସୁରକ୍ଷା ପ୍ରସଙ୍ଗରେ ହେଉ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯେ, ଦେଶକୁ ଏକ ସୁଶାସନ ଦେଉଛନ୍ତି ଏହା ତା'ର ସ୍ପଷ୍ଟ ପ୍ରମାଣ।

### ପ୍ରଭାବ ...

ଗୁଜୁରାଟ ନିର୍ବାଚନ ଫଳାଫଳ ଉପରେ ନିଜର ପ୍ରତିକ୍ରିୟା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶା ଉପରେ ଗୁଜୁରାଟ ଓ ହିମାଚଳପ୍ରଦେଶର କୌଣସି ପ୍ରଭାବ ପଡିବନାହିଁ। ବିଜେପୁର ଉପନିର୍ବାଚନରେ ମଧ୍ୟ ସେଭଳି କୌଣସି ଶାସନ ବିରୋଧୀ ପ୍ରଭାବ ଦେଖାଦେବ ନାହିଁ ବୋଲି ସେ ଅନୁଭବ କରୁଛନ୍ତି। ରାଜ୍ୟରେ ତାଙ୍କ ସରକାର ଅନେକ ବିକାଶମୂଳକ କାର୍ଯ୍ୟକ୍ରମ ତଥା ଜନକଲ୍ୟାଣକାରୀ ଯୋଜନାକୁ କାର୍ଯ୍ୟକାରୀ କରୁଥିବାରୁ ଆଗାମୀ ଦିନରେ ବିଜେଡିକୁ କ୍ଷମତା ବିରୋଧୀ ହାୱାର ସମ୍ମୁଖୀନ ହେବାକୁ ପଡିବନାହିଁ। ଯେକୌଣସି ସମୟରେ ଓଡ଼ିଶାରେ ନିର୍ବାଚନ ହେଲେ ବିଜେଡି ପ୍ରସ୍ତୁତ ରହିବା ସମ୍ପର୍କରେ ମତ ରଖିଛନ୍ତି ମୁଖ୍ୟମନ୍ତ୍ରୀ। କିନ୍ତୁ ଆଗାମୀ ଦିନରେ ଓଡ଼ିଶାରେ ନିର୍ବାଚନ ବିଜେପି ପକ୍ଷରେ ଯିବ ବୋଲି ମତ ରଖିଛନ୍ତି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ। ସେ କହିଛନ୍ତି ଯେ, ଓଡ଼ିଶାରେ ରାଜନୈତିକ ସ୍ଥିତି ଯେଭଳି ରହିଛି ଏଥିରେ ନାଗରିକ ସମାଜ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତି ଅଧିକ ଆସ୍ଥାବାନ ବୋଲି ସ୍ପଷ୍ଟ ଜଣାପଡୁଛି। ଗୁଜୁରାଟ ଓ ହିମାଚଳପ୍ରଦେଶ ନିର୍ବାଚନ ଫଳାଫଳକୁ ନେଇ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମରେ ଯେଭଳି ପ୍ରତିକ୍ରିୟା ରଖିଛନ୍ତି ଏହା ମନ୍ଦିର ଭିତରେ କିଏ ନା ମୁଁ କଦଳୀ ଖାଇନି ଭଳି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ଦେଶବାସୀଙ୍କ ଭରସା ବଢ଼ିଲେ ଏହାର ପ୍ରଭାବ ଓଡ଼ିଶାରେ ମଧ ଦେଖାଯାଏ। ତେଣୁ ଏଠାରେ ନିରନ୍ତର ଭାବେ ନିର୍ବାଚନ ଜିତିବା କଥା ଯିଏ ଚିନ୍ତା କରୁଛନ୍ତି ସେ ଜ୍ୟୋତିଷ ନୁହଁନ୍ତି ଯେ ଭବିଷ୍ୟବାଣୀ କରିଦେବେ। ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀଙ୍କ ଏଭଳି ବକ୍ତବ୍ୟ ଆଗାମୀ ନିର୍ବାଚନକୁ କେଉଁ ବାଟରେ ନେବ ତାହା ସ୍ପଷ୍ଟ ହେଉ ନଥିଲେ ବି ଆଲୋଚନା ଆହୁରି ତତଲା ହାୱା ବହିବା ସମ୍ଭାବନା ସୃଷ୍ଟି କରିଛି।

### ଜିଲ୍ଲା କମିଟିରୁ ...

ଅଧିକାରୀଙ୍କୁ ସୁପାରିଶ କରାଯାଇଥିବା ଜଣାପଡିଛି। ଏ ସମ୍ପର୍କରେ ଗତ ଶୁକ୍ରବାର ବିଜେପି ଜିଲ୍ଲା କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସଭାପତି ଦୁର୍ଯ୍ୟୋଧନ ସାହୁ ବିଜେପିର ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ ମହାପାତ୍ରଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା କାର୍ଯ୍ୟ ସମିତିର ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ପଦବୀରୁ ବହିଷ୍କାର କରାଯାଇଥିବା ଘୋଷଣା କରିଥିଲେ। ଅନ୍ୟ ପକ୍ଷରେ ଏହା ଉପରେ ପ୍ରତିକ୍ରିୟା ଦେଇ ଏହି ନିଷ୍ପତ୍ତିକୁ ସ୍ୱାଗତ କରୁଥିବା କଥା ବିଜୟ ମହାପାତ୍ର କହିଛନ୍ତି। ଏଥିସହ ବିଜୟ କହିଛନ୍ତି ଯେ, ମୋ ସହିତ ଏ ସମ୍ପର୍କରେ କୌଣସି ଆଲୋଚନା ହୋଇନାହିଁ କିମ୍ବା ମୋତେ ଲିଖିତ ଭାବେ କିଛି ଜଣାଇ ଦିଆଯାଇନି।

### ବିଜେପୁର ...

ସଜାଡ଼ିବା ଉପରେ ଗୁରୁତ୍ୱ ଦେବାକୁ ନବୀନ ପରାମର୍ଶ ଦେଇଛନ୍ତି। ବିଜେପୁର ନିର୍ବାଚନ ପାଇଁ ଦଳ ପକ୍ଷରୁ ନିଯୁକ୍ତି ପାଇଥିବା ପର୍ଯ୍ୟବେକ୍ଷକ ଓ ସଂଗଠକମାନଙ୍କୁ ସ୍ଥାନୀୟ ନେତା ଓ କର୍ମୀଙ୍କ ସହ ମିଶି କାମ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକ ସମ୍ପର୍କରେ ସୂଚନା ଦେଇ ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ସୁଶାନ୍ତ ସିଂ କହିଛନ୍ତି ଯେ ନିର୍ବାଚନ ପାଇଁ ଦଳ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି। ବିଜେପୁର ନିର୍ବାଚନମଣ୍ଡଳୀରେ ଦଳ ପକ୍ଷରୁ ପଞ୍ଚାୟତସ୍ତରରେ ବୈଠକ ଶେଷ ହୋଇସାରିଛି। ଏକାଧିକ ପଞ୍ଚାୟତରେ ନେତା ଓ କର୍ମୀମାନଙ୍କୁ ଏକଜୁଟ୍ କରି ବୈଠକ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ବିଜେପୁରରେ ରାଜ୍ୟ ସରକାର ଅନେକ ବିକାଶମୂଳକ କାର୍ଯ୍ୟକ୍ରମ ଓ ଯୋଜନା କରିଥିବାରୁ ସେଠାରେ ବିଜେଡି ନିଶ୍ଚିତ ବିଜୟୀ ହେବ ବୋଲି ସେ କହିଛନ୍ତି। ସେହିପରି ବରଗଡ଼ ଜିଲ୍ଲା ବିଜେଡି ସଭାପତି ବିଜୟ ରଞ୍ଜନ ସିଂ ବରିହା କହିଛନ୍ତି ଯେ, ଦୁଇଟି ରାଜ୍ୟ ବିଧାନସଭାରେ ବିଜେପିର ସଫଳତାର ପ୍ରଭାବ ବିଜେପୁର ଉପରେ ପଡ଼ିବ ନାହିଁ। କାରଣ ଏଠାରେ ରାଜନୀତିକ ସମୀକରଣ ଭିନ୍ନ। ଓଡ଼ିଶାର ଲୋକପ୍ରିୟ ନେତା ହେଉଛନ୍ତି ନବୀନ ପଟ୍ଟନାୟକ। ତାଙ୍କ ନେତୃତ୍ୱରେ ରାଜ୍ୟରେ ପରିବର୍ତ୍ତନ ଆସିଛି। ତେଣୁ ବିଜେପୁରରେ ବିଜେଡି ନିଶ୍ଚିତ ବିଜୟୀ ହେବ। ବୈଠକରେ ବିଜେପୁର ନିର୍ବାଚନମଣ୍ଡଳୀର ବିଭିନ୍ନ ବ୍ଲକ୍ ଦାୟିତ୍ୱରେ ଥିବା ମନ୍ତ୍ରୀ, ନିରଞ୍ଜନ ପୂଜାରୀ, ମୁଖପାତ୍ର ପ୍ରଶାନ୍ତ ନନ୍ଦ, ସୁଧୀର ସାମଲଙ୍କ ସମେତ ଅଧିକାଂଶ ନେତା ଉପସ୍ଥିତ ରହିଥିବାର ସୂଚନା ମିଳିଛି।

### ସମସ୍ତେ ...

ଗ୍ରହଣ କରିବାରୁ ସରକାରଙ୍କର ୧.୭୬ ଲକ୍ଷ କୋଟି ଟଙ୍କାର ରାଜସ୍ୱ ହାନି ଘଟିଥିଲା। ତତ୍କାଳୀନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହଙ୍କ ଜ୍ଞାତସାରରେ ଏହି ଦୁର୍ନୀତି ହୋଇଥିବା ଅଭିଯୋଗ ନେଇ ସେତେବେଳେ ତମ୍ବିତୋଫାନ ସୃଷ୍ଟି ହୋଇଥିଲା। ସମସ୍ତ ଅଭିଯୁକ୍ତ ଦୋଷମୁକ୍ତ ହୋଇଥିବାରୁ ତଦନ୍ତକାରୀ ସଂସ୍ଥା ସିବିଆଇ ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଏହାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ୍ କରାଯିବ ବୋଲି କୁହାଯାଇଛି। ଗତ ଗୁରୁବାର କୋର୍ଟ ରାୟ ଶୁଣାଇବାକୁ ଥିବାରୁ ସେଠାରେ ପ୍ରବଳ ଜନଗହଳି ହୋଇଥିଲା। ଫଳରେ ୧୭ ଜଣ ଅଭିଯୁକ୍ତ କୋର୍ଟରେ ପହଞ୍ଚିବାରେ କିଛିଟା ବିଳମ୍ବ ଘଟିଥିଲା। ରାଜା କୋର୍ଟରେ ନିଜ ପକ୍ଷ ରଖିଲା ବେଳେ କାନ୍ଦି ପକାଇଥିଲେ। ସେତେବେଳେ ସେଠାରେ ଉପସ୍ଥିତ ଥିବା ତାଙ୍କ ପତ୍ନୀ ଓ ପରିବାର ସଦସ୍ୟମାନେ ମଧ କାନ୍ଦିବା ଦେଖାଯାଇଥିଲା। ପୂର୍ବତନ ମନ୍ତ୍ରୀ ରାଜା ୨୦୧୧ରେ ଗିରଫ ହୋଇ ପ୍ରାୟ ବର୍ଷେ ଜେଲ୍‌ରେ କଟାଇଥିଲେ। ବିଚାରପତି ସାଇନି ଅଳ୍ପ ସମୟ ମଧ୍ୟରେ ରାୟ ଘୋଷଣା କରିଥିଲେ। ଏହାର ମୁଖ୍ୟାଂଶରେ ସେ କହିଥିଲେ, ସରକାରୀ ପକ୍ଷ ସମସ୍ତ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଉଲ୍ଲେଖ କରିବାରେ ମୁଁ ଆଦୌ ଦ୍ୱିଧାବୋଧ କରୁନାହିଁ। ତେଣୁ ସମସ୍ତଙ୍କୁ ଦୋଷମୁକ୍ତ କରୁଛି। ଡିଏମ୍‌କେ ନେତା ତଥା ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଏମ୍ କରୁଣାନିଧିଙ୍କ କନ୍ୟା ଏମ୍ କାନିମୋଝି ଗଣମାଧ୍ୟମକୁ କହିଛନ୍ତି, ନ୍ୟାୟର ବିଜୟ ଘଟିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ୨୦୧୧ରେ ଟୁ-ଜି ସ୍ପେକ୍ଟ୍ରମ୍ ଦୁର୍ନୀତିର ତଦନ୍ତ ଆରମ୍ଭ ହୋଇଥିଲା। ଦ୍ୱିତୀୟ ପିଢ଼ି ଅର୍ଥାତ୍ ଟୁ-ଜି ଲାଇସେନ୍ସ ଆବଣ୍ଟନରେ ବ୍ୟାପକ ଅନିୟମିତତା ହୋଇଥିବା ସିଏଜି ପକ୍ଷରୁ ଦର୍ଶାଯିବାର ବର୍ଷକ ପରେ ଏହି ତଦନ୍ତ ଆରମ୍ଭ ହୋଇଥିଲା। ୨୦୧୧ ଏପ୍ରିଲରେ ସିବିଆଇ ରାଜା ଓ ଅନ୍ୟମାନଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିଥିଲା। ଏଥିରେ ୩୦୯୮୪ କୋଟି ଟଙ୍କାର ରାଜସ୍ୱ ହାନି ଘଟିଥିବା ଏବଂ ରାଜା ୨୦୦ କୋଟି ଟଙ୍କା ଲାଞ୍ଚ ନେଇଥିବା ସିବିଆଇ ଅଭିଯୋଗ କରିଥିଲା। ଏହି ଟଙ୍କା କାନିମୋଝିଙ୍କ ମାଲିକାନାରେ ଥିବା ଚେନ୍ନାଇର ଏକ ଟିଭି ଚ୍ୟାନେଲ୍‌ରେ ବିନିଯୋଗ ହୋଇଥିଲା ବୋଲି ଦର୍ଶା ଯାଇଥିଲା। ଗୁଜରାଟ ଓ ହିମାଚଳ ପ୍ରଦେଶ ନିର୍ବାଚନ ଫଳାଫଳ ପରିପ୍ରେକ୍ଷୀରେ ଏବଂ ସଂସଦ ଚାଲିଥିବା ସମୟରେ ଟୁ-ଜି ସ୍ପେକ୍ଟ୍ରମ୍ ସମ୍ପର୍କିତ ରାୟ ରାଜନୀତିକ ଭୂକମ୍ପ ସୃଷ୍ଟି କରିଛି। କଂଗ୍ରେସ ଦଳ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ଏହି ରାୟକୁ ସ୍ୱାଗତ କରି ଏନ୍‌ଡିଏ ସରକାରଙ୍କୁ ଏହା ମାଡ଼ ବୋଲି କହିଛନ୍ତି। କିନ୍ତୁ ଶାସକ ବିଜେପି ପକ୍ଷରୁ ଏହାର ପାଲଟା ଜବାବ ଦିଆଯାଇଛି। ଦଳର ବରିଷ୍ଠ ନେତା ତଥା ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ କହିଛନ୍ତି, ଏହି ଦୁର୍ନୀତିଗ୍ରସ୍ତ ଓ ଅସାଧୁ ନୀତିକୁ ୨୦୧୨ ଫେବୃଆରୀରେ ସୁପ୍ରିମକୋର୍ଟ ଗ୍ରହଣ କରିନଥିଲେ। ସେତେବେଳେ ସୁପ୍ରିମକୋର୍ଟ ସ୍ପଷ୍ଟ କରିଦେଇଥିଲେ ଯେ, ସ୍ପେକ୍ଟ୍ରମ୍ ଆବଣ୍ଟନରେ ଦୁର୍ନୀତି ହୋଇଛି। ଯେଉଁଥିପାଇଁ ସର୍ବୋଚ୍ଚ ଅଦାଲତ ରାଜାଙ୍କ ଦ୍ୱାରା ଦିଆଯାଇଥିବା ୧୨୨ ଲାଇସେନ୍ସକୁ ରଦ୍ଦ କରି ଦିଆଯାଇଥିଲା।

### ଦେୟମୁକ୍ତ ...

ସେହିପରି ସହରାଞ୍ଚଳରେ ଗୁଣାତ୍ମକ ମାନର ସ୍ୱାସ୍ଥ୍ୟସେବା ପାଇଁ 'ଆମ କ୍ଲିନିକ୍' ନାମରେ ନୂଆ ଯୋଜନାକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। ଏହି ଯୋଜନାରେ ସହରାଞ୍ଚଳରେ କ୍ଲିନିକ୍ ସ୍ଥାପନ କରାଯିବ ଓ ଏସବୁ କ୍ଲିନିକ୍‌ରେ ନିର୍ଦ୍ଦିଷ୍ଟ ଦିନରେ ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞ, ମେଡିସିନ୍, ଚକ୍ଷୁ ଓ ମାନସିକ ରୋଗ ବିଶେଷଜ୍ଞମାନେ ମାଗଣାରେ ସ୍ୱାସ୍ଥ୍ୟସେବା ପ୍ରଦାନ କରିବେ। ଏହା ଦ୍ୱାରା ୨୭ଟି ସହରର ୪୫ଲକ୍ଷ ଲୋକ ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି। ସେହିପରି ସମସ୍ତ ଏଏନ୍‌ଏମ୍‌ଙ୍କୁ 'ଅନ୍‌ମୋଲ୍' ଟ୍ୟାବ୍‌ଲେଟ୍ କମ୍ପ୍ୟୁଟର ଯୋଗାଇବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହା ମାଧ୍ୟମରେ ଗର୍ଭବତୀ ମହିଳା, ମା' ଓ ନବଜାତ ଶିଶୁମାନଙ୍କୁ ନିର୍ଦ୍ଧାରିତ ସମୟରେ ସେବା ପ୍ରଦାନ କରାଯାଇପାରିବ। ମୁଖ୍ୟମନ୍ତ୍ରୀ କହିଥିଲେ, ଶିଶୁମୃତ୍ୟୁ ହାର ଓ ମାତୃମୃତ୍ୟୁ ହାର ହ୍ରାସ ପାଇଁ ୨୦୧୬ ମସିହା ଜିଲ୍ଲାପାଳ ସମ୍ମିଳନୀରେ ସେ ୨କୋଟି ଟଙ୍କାର ପୁରସ୍କାର ଘୋଷଣା କରିଥିଲେ। ୧୫ଟି ଜିଲ୍ଲାର ପ୍ରଦର୍ଶନର ସମୀକ୍ଷା କରାଯାଇଥିଲା ଓ ଏ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ କଳାହାଣ୍ଡି, ନବରଙ୍ଗପୁର, କେନ୍ଦୁଝର ଓ ବଲାଙ୍ଗିର ଜିଲ୍ଲାର ଜିଲ୍ଲାପାଳ, ସ୍ୱାସ୍ଥ୍ୟ ଅଧିକାରୀ ଓ କର୍ମଚାରୀଙ୍କୁ ପ୍ରଶଂସା କରିବା ସହ ମୁଖ୍ୟମନ୍ତ୍ରୀ ଏସବୁ ଜିଲ୍ଲାକୁ ଆର୍ଥିକ ପୁରସ୍କାର ମଧ୍ୟ ପ୍ରଦାନ କରିଥିଲେ। ଅନ୍ୟପକ୍ଷରେ ବିଭାଗ ସୂତ୍ରରୁ ଜଣାପଡ଼ିଛି ଯେ, 'ନିଦାନ' ଯୋଜନାରେ ରାଜ୍ୟର ସମସ୍ତ ସରକାରୀ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ସର୍ବନିମ୍ନ ଆବଶ୍ୟକ ରୋଗ ନିରୂପଣ ସେବା ମିଳିବ। ସମସ୍ତ ହସ୍ପିଟାଲରେ ଅତିକମ୍‌ରେ ୭ଟି ପ୍ରକାରର ମୌଳିକ ଟେଷ୍ଟ୍ ଓ ଜିଲ୍ଲା ମୁଖ୍ୟ ହସ୍ପିଟାଲରେ ୬୪ଟି ପ୍ରକାରର ଡାଇଗ୍ନୋଷ୍ଟିକ୍ ସୁବିଧା ମାଗଣାରେ ଉପଲବ୍ଧ ହେବ। ସେହିପରି 'ସହାୟ' ଯୋଜନାରେ ମୋଟ୍ ୩୦ଟି ଜିଲ୍ଲାରୁ ୨୮ଟି ଜିଲ୍ଲା ମୁଖ୍ୟ ହସ୍ପିଟାଲ କିମ୍ବା ସେଠାରେ ଥିବା ମେଡିକାଲ କଲେଜରେ ମାଗଣା ଡାଏଲିସିସ୍ ସୁବିଧା ମିଳିବ। ସୋନପୁର ଜିଲ୍ଲାର ରୋଗୀଙ୍କୁ ବୌଦ୍ଧ ମୁଖ୍ୟ ହସ୍ପିଟାଲରେ ଏବଂ ଦେବଗଡ଼ ଜିଲ୍ଲାର ରୋଗୀଙ୍କୁ ଅନୁଗୁଳ ଜିଲ୍ଲା ହସ୍ପିଟାଲରେ ଡାଏଲିସିସ୍ ସୁବିଧା ମିଳିବ। ଏବେ ୪ଟି ସରକାରୀ ହସ୍ପିଟାଲରେ ୨୬ଟି ଡାଏଲିସିସ୍ ମେସିନ୍ ସ୍ଥାପନ ହୋଇଛି। ସୂଚନାଯୋଗ୍ୟ ୨୦୧୫ ଏପ୍ରିଲ ମାସରୁ ରାଜ୍ୟ ସରକାର ବାର୍ଷିକ ୨୫୦କୋଟି ଟଙ୍କା ବିନିଯୋଗରେ ସମସ୍ତ ସରକାରୀ ହସ୍ପିଟାଲରେ ମାଗଣାରେ ୫୫୦ରୁ ଊର୍ଦ୍ଧ୍ୱ ମେଡିସିନ୍ ଯୋଗାଇ ଦେଉଛନ୍ତି।

ପର୍ଯ୍ୟଟନ ଋତୁ

# ବିରାମୁଣ୍ଡାର ଶ୍ରୀଶ୍ରୀ ବିଶେଶ୍ୱର ବାବା





**ବ**ଣ, ପାହାଡ, ଝରଣାର ଅପୂର୍ବ ସମାହାର ସହ ବହୁ କିମ୍ବଦନ୍ତୀ ବହନ କରି ଦଣ୍ଡମାନ ହୋଇ ରହିଛି 'ବିନ୍ଧ୍ୟଗିରି ପାହାଡ'। ସ୍ଥାନୀୟ ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କ କହିବା ଅନୁସାରେ ଏହି ପାହାଡକୁ ପୂର୍ବରୁ 'ବନ୍ଧନଭାଦୁର' ବୋଲି କହୁଥିଲେ। ଶାଳ, ପିଆଶାଳ ସମେତ ବିଭିନ୍ନ ପ୍ରକାରର ଔଷଧୀୟ ବୃକ୍ଷର ସବୁଜ ଶୋଭାରାଶିରେ ଭରପୁର ଏହି ପାହାଡର ଏକ ଅଜଣା ବା ଲୁକ୍କାୟିତ ସ୍ଥାନରୁ କୁଳୁକୁଳୁ ନାଦରେ ବହି ଆସୁଛି ଚିରସ୍ରୋତା ଝରଣାଟିଏ। ଝରଣାର ଉତ୍ପତି ସ୍ଥ କେହି ଠାବ କରି ପାରିନଥିବା ଯୋଗୁଁ ଏହା ବର୍ତ୍ତମାନ ଗୁପ୍ତଗଙ୍ଗା ନାମରେ ପରିଚିତ ଲାଭ କରିଛି। ସାଧାରଣ ଜୀବଜନ୍ତୁ ଠାରୁ ଆରମ୍ଭ କରି ବନ୍ୟ ହିଂସ୍ରଜନ୍ତୁଙ୍କ ନିରାପଦ ଆଶ୍ରୟସ୍ଥଳୀ ଭାବେ ରହି ଆସିଥିବା ଏହି ବିନ୍ଧ୍ୟଗିରି ଜଙ୍ଗଲ ବହୁ ଗରିବ ପରିବାରକୁ ଜାଳେଣୀ ଯୋଗାଇବା ସହ ପରିବାର ପ୍ରତିପୋଷଣ ପାଇଁ ସାଜିଛି ଏକ ପ୍ରାକୃତିକ ଭଣ୍ଡାର। ପ୍ରାକୃତିକ ଶୋଭାରାଶିର ସମାହାର ସ୍ଥଳ ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଅଧିନସ୍ଥ ଏହି ପାହାଡ ବ୍ଲକ ମହକୁମାଠାରୁ ୬ କିମି ପୂର୍ବାଞ୍ଚଳରେ ଅବସ୍ଥିତ ଏହି ପ୍ରକୃତି ସ୍ଥଳୀ ଶୋଭାରାଜିରେ ଭରପୁରଥିଲେ ସୁଦ୍ଧା ଝରଣା ନିକଟସ୍ଥ ବିଶେଶ୍ୱର ବାବାଙ୍କ ପୀଠକୁ ଯିବା ପାଇଁ ପାଦଚଲା ରାସ୍ତା ବ୍ୟତୀତ କୌଣସି ପ୍ରକାରର ଗମନାଗମନର ସୁବିଧା ରହିନଥିବା ବେଳେ ପାହାଡ ଉପରେ ଅବହେଳିତ ଅବସ୍ଥାରେ ପଡି ରହିଥିବା ବହୁ କିମ୍ବଦନ୍ତୀ ଏବେ ବି ଅଞ୍ଚଳବାସୀ





ପାଇଁ ପରିକଳ୍ପନା ହୋଇ ରହିଯାଇଛି। ତେଣୁ ଏହି ପାହାଡର ଅପୂର୍ବ ଶୋଭାରାଶୀକୁ ବଞ୍ଚାଇବା ସହ ହରାଇ ବସିଥିବା ଐତିହ୍ୟକୁ ବଞ୍ଚାଇବା ସହ ଅବହେଳିତ ଅବସ୍ଥାରେ ପଡିରହିଥିବା କିମ୍ବଦନ୍ତୀକୁ ସଜାଡି ସରକାରୀ ସ୍ତରରେ ସମୟୋପ ପ୍ରୋଗୀ ଯୋଜନା ତିଆରି କଲେ ନିଶ୍ଚିତ ଭାବେ ଏହା ପର୍ଯ୍ୟଟନର ମାନ୍ୟତା ପାଇବ। ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ମହକୁମାକୁ ଯିବା ପୂର୍ବରୁ ଖଲିଆପାଲି ଛକଠାରୁ ଲମ୍ବସ୍ୱରୀ ରାସ୍ତାରେ ୪ କିମି ଯିବା ପରେ ସେହିଠାରୁ ଦକ୍ଷିଣ ଦିଗକୁ ମାଟି ରାସ୍ତା ଦେଇ ୨ କିମି ଗଲାପରେ ପଡେ ଏହି ଛୋଟିଆ ଗାଁ ଟି ବିରାମୁଣ୍ଡା। ଏହି ଗ୍ରାମ ମଧ୍ୟ ଦେଇ ପାହାଡ ଉପରକୁ ଚଢ଼ିଲେ ପ୍ରାୟ ୨ କିମି ଉପରକୁ ଯିବା ପରେ ଶୁଭାଯାଏ ଝରଣାର କୁଳୁକୁଳୁ ନାଦ। ଠିକ ଝରଣାର ସ୍ରୋତକୁ ଲାଗି ଶ୍ରୀଶ୍ରୀଶ୍ରୀ ବିଶେଶ୍ୱର ବାବା ଅର୍ଦ୍ଧନିର୍ମିତ ମନ୍ଦିରରେ ପୂଜା ପାଉଛନ୍ତି।

ଲୋକଙ୍କ କହିବା ଅନୁସାରେ ଏହି ଝରଣା ସ୍ରୋତ ମଧ୍ୟରେ ସ୍ୱତଃପ୍ରୃତଃ ଭାବରେ ପ୍ରଭୁ ଶିବଲିଙ୍ଗ ଆବିର୍ଭାବ ହୋଇଛନ୍ତି। ବାବାଙ୍କ ଆବିର୍ଭାବ ହେବାର ଅଛି ବର୍ଷ ପରେ ଉକ୍ତ ଅଞ୍ଚଳର ବୁଦ୍ଧିଜୀବୀମାନଙ୍କ ଦାବି କ୍ରମେ ବିଧାୟକ ପାଣ୍ଠିରୁ ୨ ଲକ୍ଷ ଟଙ୍କା ମଞ୍ଜୁର ପରେ ମନ୍ଦିରର କିଛି ଅଂଶ ନିର୍ମାର କରାଯାଇଛି।


ଏହି ଅର୍ଦ୍ଧନିର୍ମିତ ମନ୍ଦିରରେ ବର୍ତ୍ତମାନ ଶ୍ରୀ ବିଶେଶ୍ୱର ବାବା ପୂଜା ପାଉଛନ୍ତି। ବିରାମୁଣ୍ଡା ଗ୍ରାମବାସୀଙ୍କ କହିବା ଅନୁସାରେ ବିଶେଶ୍ୱର ବାବାଙ୍କ ଆବିର୍ଭାବର ବହୁ ଆଗରୁ ଦେବଗଡ ଅଞ୍ଚଳର ଜଣେ ସନ୍ୟାସୀ ଉକ୍ତ ସ୍ଥାନରେ ତପସ୍ୟା କରୁଥିଲେ ଏବଂ ସ୍ଥାନୀୟ ଲୋକଙ୍କର ରୋଗ, ଦୁଃଖ, କଷ୍ଟ ଲାଘବ କରୁଥିଲେ। ପରେ ସେ ସିଦ୍ଧି ପାଇବା ପରେ କୁଆଡେ ଛାଲି ଗଲେ କେହିବି ଜାଣି ପାରିଲେ ନାହିଁ। କିନ୍ତୁ ସେ ଯେଉଁ ଗୁମ୍ଫାରେ ରହି ତପସ୍ୟା କରୁଥିଲେ ସେହି ଗୁମ୍ଫାଟି ଆଜି ମଧ୍ୟ ଦେଖିବାକୁ ମିଳୁଥିବା ବେଳେ ଗୁମ୍ଫାର ରକ୍ଷଣା ବେକ୍ଷଣ ଅଭାବରେ ଗୁମ୍ଫାଟି ଶୋଚନୀୟ ଅବସ୍ଥାରେ ପଡି ରହିଛି। ଗୁମ୍ଫା ନିକଟରେ ବୃଷଭଙ୍କ ପାଦଚିହ୍ନ ରହିଥିବା ବେଳେ ଝରଣାର ସ୍ରୋତ ମଧ୍ୟରେ ପଥର ଉପରେ ଗୋଟିଏ ପାଦଚିହ୍ନ ଦେଖାଯାଏ। ଏହି ପାଦ ଚିହ୍ନକୁ ଲୋକେ ରାଧାପାଦ ଚିହ୍ନ ବୋଲି କହୁଛନ୍ତି। ଏଥିସହିତ ବିଶେଶ୍ୱର ବାବାଙ୍କ








ଚତୁପାର୍ଶ୍ୱରେ ବିଭିନ୍ନ ପ୍ରାକୃତିକ ଗୁମ୍ଫା, ଦେବାଦେବୀଙ୍କ କୀର୍ତ୍ତିରାଜି ଦେଖିବାକୁ ମିଳେ। ଏହି ସ୍ଥାନକୁ ପ୍ରତି ମାସର ପ୍ରତ୍ୟେକ ସୋମବାର, ସଂକ୍ରାନ୍ତୀ, ଚତୁର୍ଦ୍ଦଶୀ, ପୂର୍ଣ୍ଣିମା, ଶିବରାତ୍ରୀ ଆଦି ଦିନମାନରେ ଜିଲ୍ଲା ତଥା ଜିଲ୍ଲା ବାହାରର ପ୍ରବଳ ଭକ୍ତଙ୍କ ସମାଗମ ଦେଖିବାକୁ ମିଳେ। ଏହି କିଛି ବର୍ଷ ହେବ ଏହିଠାରେ ଆଖପାଖ ଗ୍ରାମର ଲୋକମାନଙ୍କୁ ନେଇ ଗୋଟିଏ ମନ୍ଦିର ପରିଚାଳନା କମିଟି ଗଠିତ ହୋଇଛି। ଏହି ଦର୍ଶନୀୟ ସ୍ଥାନଟିକୁ ଯିବାକୁ ହେଲେ ବୌଦ୍ଧ ଜିଲ୍ଲା କଣ୍ଟାମାଳ ସଦର ମହକୁମା ଯିବା ପୂର୍ବରୁ ଖଲିଆପାଲି ଛକଠାରୁ ଲମ୍ବସ୍ୱରୀ ରାସ୍ତାରେ ୪ କିମି ଗଲାପରେ ଦକ୍ଷିଣ ଦିଗକୁ ଏକ ମାଟି ରାସ୍ତାରେ ୨ କିମି ଗଲା ପରେ ଏହି ମନୋରମ ସ୍ଥାନରେ ପହଞ୍ଚି ହେବ। ଉକ୍ତ ଐତିହାସିକ ସ୍ଥଳୀକୁ ଭ୍ରମଣରେ



ଆସିଲେ ଏହି ସ୍ଥାନ ବିଷୟରେ ଆହୁରି ବହୁ ତଥ୍ୟ ପାଇପାରିବେ।

**ଆଲେଖ୍ୟ : ରାମଚନ୍ଦ୍ର ମଲିକ**
*ଘୁଲୁଘୁଲା ପଦର*
*ପଲଣାଗୋରା, କଣ୍ଟାମାଳ, ବୌଦ୍ଧ*
*ମୋ- ୯୭୭୭୮୪୬୫୨୫*







# ନେତା ନାହାନ୍ତି, ଖାଲି କାଦୁଅଫିଙ୍ଗା ରାଜନୀତି



**ପାରାଦୀପ :** ପୂର୍ବରୁ ରାଜନେତା ଓ ଦଳ ଜନତାଙ୍କ ସମସ୍ୟା ନିରାକରଣ ଓ ସେବା ଦ୍ୱାରା ଜନତାଙ୍କ ନିକଟତର ହୋଇ ସଂଗଠନକୁ ସୁଦୃଢ଼ କରି ନିର୍ବାଚନ ବୈତରଣୀ ପାର ହେଉଥିଲେ । କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ଏହା ବିପରୀତ ହୋଇଛି । ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳୁଛି ପାରାଦୀପ ନିର୍ବାଚନ ମଣ୍ଡଳୀରେ । ବର୍ତ୍ତମାନ ନେତା ଓ ଦଳ ଲୋକ ମାନଙ୍କ ସମସ୍ୟାର ସମାଧାନ, ଅଞ୍ଚଳର ବିକାଶ, ଅନ୍ୟାୟ ଦୁର୍ନୀତିର ପ୍ରତିବାଦ ନକରି କେବଳ ଫେସବୁକ୍‌ରେ ନିଜର ଡିଣ୍ଡିମ ପିଟୁଛନ୍ତି । ଏବଂ ଶାସନ କାଳର ୫ବର୍ଷରେ ଶାସନ କାଳରେ କେବଳ ନିଜ ନିଜ ଭିତରେ କାଦୁଅ ଫିଙ୍ଗା ଫିଙ୍ଗି ବା ଦୋଷାରୋପ କରି ସମୟ ନଷ୍ଟ କରୁଛନ୍ତି । ଯାହା ଦ୍ୱାରା କି ଏ ଅଞ୍ଚଳ ତଥା ଜନସାଧାରଣଙ୍କର ଉନ୍ନତି କ୍ଷେତ୍ରରେ ଘୋର ପ୍ରତିବନ୍ଧକ ସୃଷ୍ଟି କରୁଛି । ଯଦିବା ସ୍ଥାନୀୟ ପ୍ରଶାସନ ଜନସାଧାରଣ ବା ଅଞ୍ଚଳର କୌଣସି ଉନ୍ନୟନ ବା ବିକାଶର ଯୋଜନା ଓ କାର୍ଯ୍ୟ କରୁଛନ୍ତି, ତାକୁ ନିଜର ଦଳୀୟ ବ୍ୟକ୍ତିଗତ ଫାଇଦା ପାଇଁ ନେତାମାନେ ଅକାରଣରେ ଏହାକୁ ବିରୋଧ କରୁଛନ୍ତି । ଏଠାରେ ପ୍ରକାଶ ଥାଉକି ଏଠାରେ ତିନି ଦଳ ଯଥା ବିଜେଡି, ବିଜେପି ଓ କଂଗ୍ରେସ ଦଳ ଭିତରେ ବିଶୃଙ୍ଖଳା ରହିଥିଲ ମଧ ବିଜେଡି ଦଳ କିଛି ମାତ୍ରାରେ ନିୟମିତ ଭାବେ ବିଭିନ୍ନ ଜନହିତକର କାର୍ଯ୍ୟରେ ସାମିଲ ରହି ସ୍ଥାନୀୟ ଅଞ୍ଚଳରେ ଜନସାଧାରଣ ନିକଟତର ହୋଇପାରିଛି । ଅପରପକ୍ଷରେ ଲୋକାଭିମୁଖୀ କାର୍ଯ୍ୟକୁ ଅସହିଷ୍ଣୁ ରାଜନେତାମାନେ ଔଷଧ ବିକଳରେ ତାଟିଆ କାମୁଡ଼ିବା ଆରମ୍ଭ କରିଦେଇଛନ୍ତି । ଫଳରେ କିଛି ଗଣମାଧ୍ୟମକୁ ହାତବାରିଶ କରି ନିଜ ବାଜାକୁ ନିଜେ ବଜାଇ ଭଲ ବାଜୁଛି ବୋଲି ଯେଉଁ ଡେଙ୍ଗୁରା ପିଟୁଛନ୍ତି, ତାହା ପର୍ବତକୁ ଟେକା ଫିଙ୍ଗିଲାପରି ମନେହୁଏ । ଏପରିକି ଫେସବୁକ ସାହାଯ୍ୟ ନେଇ ମିଛ ଖବରକୁ ସତରେ ପରିଣତ କରିବାପାଇଁ ଅପଚେଷ୍ଟା କରୁଥିବା ଅଭିଯୋଗ ହେଉଛି ।

# ମୁଁ ଜୀଇବି ଭାରତ ପାଇଁ ଓ ମରିବି ଭାରତ ପାଇଁ

## ଅଟଳ ବିହାରୀ ବାଜପେୟୀ



**୨୫ ଡିସେମ୍ବର, ଅଟଳ ବିହାରୀ ବାଜପେୟୀଙ୍କ ୯୩ତମ ଜନ୍ମ ଜୟନ୍ତୀ । ଯୁବାବସ୍ଥାରୁ ରାଜନୀତି ସହ ସମ୍ପୃକ୍ତ ଅଟଳଜୀ ଭାରତର ପ୍ରଧାନମନ୍ତ୍ରୀ ଭାବେ ମଧ ନିଆରା ଉଦାହରଣ । ତାଙ୍କର କାବ୍ୟ ପ୍ରତିଭା ଯଦିଓ ରାଜନୀତିର ବ୍ୟସ୍ତତା ଭିତରେ ଅବହେଳିତ, ବିଶେଷ ବିକଶିତ ନହେଲେ ମଧ ଖୁବ୍ ଅଳ୍ପ କବିତାରେ ବେଶ୍ ପ୍ରଭାବଶାଳୀ ମନେ ହୁଅନ୍ତି । କବି ବାଜପେୟୀଜୀଙ୍କ ଉପରେ ଏକ ସଂକ୍ଷିପ୍ତ ଆଲେଖ୍ୟ ।**

ଭାରତ ଏକ ଭୂଖଣ୍ଡ ମାତ୍ର ନୁହେଁ, ଜୀବନ୍ତ ରାଷ୍ଟ୍ର ପୁରୁଷ ମାତ୍ର ହିମାଳୟ ଏହାର ମସ୍ତକ, ଗୌରୀ ଶଙ୍କର ଶିଖା । କାଶ୍ମୀର ମୁକୁଟ, ପଞ୍ଜାବ ଓ ପଶ୍ଚିମବଙ୍ଗ ଏହାର ଦୁଇ ବିଶାଳ ସ୍କନ୍ଧ । ବିନ୍ଧ୍ୟାଞ୍ଚଳ ଏହାର କଟି, ନର୍ମଦା ବାହୁ, ପୂର୍ବ ଓ ପଶ୍ଚିମଘାଟ ଦୁଇ ବିଶାଳ ଜାନୁ ଓ କନ୍ୟାକୁମାରୀ ଏହାର ଚରଣ, ସମୁଦ୍ର ଏହାର ପଦ ପ୍ରକ୍ଷାଳନ କରେ । କଳା କଳା ମେଘ ଏହାର କୁନ୍ତଳ କେଶ । ଚନ୍ଦ୍ର ଆଉ ସୂର୍ଯ୍ୟ ଏହାର ଆରତୀ କରନ୍ତି । ଭାରତ ବନ୍ଦନର ଭୂମି, ଅଭିନନ୍ଦନର ଭୂମି, ତର୍ପଣର ଭୂମି, ଅର୍ପଣର ଭୂମି । ଏହାର ଗୋଡ଼ି, ମାଟି, ପଥର, ସ୍ୱୟଂ ଶଙ୍କର, ଏହାର ବିନ୍ଦୁ ବିନ୍ଦୁ ଜଳ ଗଙ୍ଗାଜଳ । ମୁଁ ଜୀଇବି ତ' ଭାରତ ପାଇଁ, ମରିବି ତ' ଭାରତ ପାଇଁ । ବାଜପେୟୀଜୀଙ୍କ ଏହି କାଳଜୟୀ ଉଚ୍ଚାରଣ ହିଁ ଜଣେ ରାଷ୍ଟ୍ରଭକ୍ତର ସର୍ବଶ୍ରେଷ୍ଠ ଉଚ୍ଚାରଣ ।

### କିଏ କୌରବ, କିଏ ପାଣ୍ଡବ

କିଏ କୌରବ,
କିଏ ପାଣ୍ଡବ,
ଅଜବ ପ୍ରଶ୍ନ,
ଉଭୟ ପଟେ
ଶକୁନିର ମାୟାଜାଲ,
ଧର୍ମରାଜ ଏବେ ବି
ଜୁଆ ଖେଳରେ ବ୍ୟସ୍ତ
ପ୍ରତି ମୁହୂର୍ତ୍ତରେ
ଦ୍ରୌପଦୀ ଅପମାନିତ ।
ବିନା କୃଷ୍ଣରେ
ଆଜି ହେବ ମହାଭାରତ
ଯେ ବି ରାଜା ହେଉ
ବିଚରା ପ୍ରଜା
ସବୁଠି ଅବହେଳିତ
କ୍ରନ୍ଦନରତ ।

ପ୍ରକୃତରେ ରାଜନେତା ଅଟଳଜୀଙ୍କ ବ୍ୟକ୍ତିତ୍ୱର ଏକ ମହତ୍ତ୍ୱପୂର୍ଣ୍ଣ ଅଂଶ ହେଉଛି ତାଙ୍କର କାବ୍ୟପ୍ରତିଭା । ଏକାତ୍ମମାନବବାଦୀ, ଆଦର୍ଶବାଦପ୍ରତି ସମର୍ପିତ, 'ବସୁଧୈବ କୁଟୁମ୍ବକମ୍'ର ଚେତନତାରେ ସମୃଦ୍ଧ ବ୍ୟକ୍ତି ରାଜନୀତିରେ ମଧ ସେହି ନୀତି ପ୍ରତି ଅଙ୍ଗୀକାରବଦ୍ଧ । ନିଜ ଅନୁଭୂତି ପ୍ରତି ଇମାନ୍‌ଦାର, ବିଚାରରେ ସୁଚିନ୍ତିତ ସ୍ୱରୂପ ଓ ଶିଳ୍ପରେ ନବୀନତା ଯୋଗୁଁ ତାଙ୍କ କବିତା ପାଠକୀୟ ସ୍ୱୀକୃତି ପାଇସାରିଛି । ଛନ୍ଦ ସୌନ୍ଦର୍ଯ୍ୟ ଓ ଶବ୍ଦ ସଂଗୀତର ମର୍ମକୁ ଅନୁଭବ କରି ନିଜ ବିଚାରର ଉତ୍କର୍ଷତା ତାଙ୍କ କାବ୍ୟ ବୈଭବରେ ସମୃଦ୍ଧ । ତାଙ୍କର କାବ୍ୟସ୍ୱର ରାଷ୍ଟ୍ରବାଦ ଓ ମାନବବାଦର ଅଭୂତପୂର୍ବ ସମନ୍ୱୟ ।

ଅଟଳଜୀ ତାଙ୍କ କବିତା ସଂକଳନର ମୁଖବନ୍ଧରେ ନିଜେ ସ୍ୱୀକାର କରିଛନ୍ତି, ମୋର କେତେକ ବନ୍ଧୁ କହନ୍ତି ମୁଁ ରାଜନୀତିକୁ ଆସି ନଥିଲେ, ଜଣେ ଉଚ୍ଚକୋଟିର ପ୍ରସିଦ୍ଧ କବି ହୋଇଥାନ୍ତି । ଉଚ୍ଚକୋଟି, ସାମାନ୍ୟ ଏସବୁ ମୁଁ ଜାଣେନା ମାତ୍ର ଏହା ନିଶ୍ଚିତ ଯେ ରାଜନୀତି ମୋର କାବ୍ୟ ରସଧାରାକୁ ଅବରୁଦ୍ଧ କରିଛି । ତଥାପି ମୁଁ ମୋର ଉଦୀୟମାନ କବିଙ୍କୁ ମ୍ରିୟମାଣ କରିବାର ଦୋଷ ରାଜନୀତିକୁ ଦେବିନାହିଁ । ଏହା ସତ୍ୟ ଯେ କବିତା ଓ ରାଜନୀତି ଏକ ସଂଗେ ସମ୍ଭବ ନୁହେଁ । ରାଜନୀତିରେ ଯେଉଁଠି ପ୍ରତିଦିନ ଭାଷଣ ଦେବା ନିହାତି ଜରୁରୀ ଭାଷଣ ପୁଣି ଏଇମିତି, ଯାହା ଶ୍ରୋତାଙ୍କୁ ପ୍ରଭାବିତ କରିବା ଜରୁରୀ । ଏଭଳି ସ୍ଥିତିରେ କବିତା ପାଇଁ ଏକାନ୍ତ ସାଧନା ଓ ବାତାବରଣ ମିଳିବ କେଉଁଠି । ମୋ ଭିତରେ କବି ପ୍ରତି ଇମାନଦାର ରହିବା ପାଇଁ ମତେ ବହୁମୂଲ୍ୟ ଦେବାକୁ ପଡିଛି ।

***ବେଳେ ବେଳେ ଇଚ୍ଛାହୁଏ ସବୁ କିଛି ଭୁଲି କେଉଁଠି । ଏକାନ୍ତରେ ପଢ଼ିବା, ଲେଖିବାରେ ଆଉ ଚିନ୍ତନରେ ହଜିଯିବାକୁ, ମାତ୍ର ଏମିତି କରିହୁଏନି । ଦ୍ୱିଧାଭରା ଜୀବନରେ ଏତେବର୍ଷ ବିତିଗଲା, ବାକି ଜୀବନ ବି ଏଇମିତି ବିତିଯିବ - ବାଜପେୟୀ***

**ଶେଷରେ ଏଇ ଧାଡିଏ ହିଁ ଯଥେଷ୍ଟ କବି ଅଟଳଜୀଙ୍କୁ ବୁଝିବାକୁ ଯେ-**

ମେରେ ପ୍ରଭୂ
ମୁଝେ ଇତ୍‌ନି ଉଁଚାଇ କଭି ମତ ଦେନା
ଗୈରୋଁକୋ ଗଲେ ନା ଲଗାସକୁ
ଇତ୍‌ନି ରୁଖାଇ କବି ମତ୍‌ଦେନା ...

***ଆଲେଖ୍ୟ / କବିତା ମର୍ମାନୁବାଦ - ଦାମୋଦର ପଣ୍ଡା, ସମ୍ବଲପୁର***

# ଗାୟତ୍ରୀ ଓ ସୂର୍ଯ୍ୟମଣିଙ୍କୁ କେନ୍ଦ୍ର ସାହିତ୍ୟ ଅକାଦେମୀ ପୁରସ୍କାର

**ଭୁବନେଶ୍ୱର :** ବିଶିଷ୍ଟ ଲେଖିକା ଗାୟତ୍ରୀ ସରାଫ୍‌ଙ୍କୁ କେନ୍ଦ୍ର ସାହିତ୍ୟ ଅକାଦେମୀ ପୁରସ୍କାର ପ୍ରଦାନ କରାଯିବ । କ୍ଷୁଦ୍ରଗଳ୍ପ ସଙ୍କଳନ 'ଇଟାଭାଟିର ଶିଳ୍ପୀ' ପାଇଁ ସେ ଏହି ପୁରସ୍କାର ପାଇବେ । ସେହିପରି ଅନୁବାଦ ପୁସ୍ତକ 'ଯୁଗାନ୍ତ' ପାଇଁ ବିଶିଷ୍ଟ ଅନୁବାଦକ ସୂର୍ଯ୍ୟମଣି ଖୁଣ୍ଟିଆ ଚଳିତ ବର୍ଷର କେନ୍ଦ୍ର ସାହିତ୍ୟ ଅକାଦେମୀ ପୁରସ୍କାର ପାଇବେ । ନୂଆଦିଲ୍ଲୀରେ କେନ୍ଦ୍ର ସାହିତ୍ୟ ଅକାଦେମୀର ବୈଠକରେ ଏହି ନିଷ୍ପତ୍ତି ହୋଇଛି । ଆସନ୍ତା ଫେବୃଆରୀ ୧୨ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯିବ । ୧୯୫୨ ଅଗଷ୍ଟ ୧୭ରେ ବଲାଙ୍ଗିରରେ ଜନ୍ମଗ୍ରହଣ କରିଥିବା ଶ୍ରୀମତୀ ସରାଫଙ୍କର ଏଯାବତ୍ ୧୪ଟି ଗଳ୍ପ ସଙ୍କଳନ ପ୍ରକାଶ ପାଇସାରିଛି । ଶ୍ରୀମତୀ ସରାଫ ଓଡ଼ିଶା ସାହିତ୍ୟ ଏକାଡେମୀର ଉପସଭାପତି ଅଛନ୍ତି । ଯାଜପୁର ଜିଲ୍ଲାର କୋରେଇ ନିକଟବର୍ତ୍ତୀ ବେଗନା ଗ୍ରାମରେ ୧୯୫୨ ଫେବୃଆରୀ ୧୦ରେ ଜନ୍ମ ହୋଇଥିବା ଶ୍ରୀଯୁକ୍ତ ଖୁଣ୍ଟିଆ ୨୦୧୦ରୁ ଶିକ୍ଷକତାରୁ ଅବସର ଗ୍ରହଣ କରିଛନ୍ତି । ତାଙ୍କର ପ୍ରଥମ ପୁସ୍ତକ 'ମହାନଦୀ' ବଙ୍ଗଳାରୁ ସେ ଅନୁବାଦ କରିଥିଲେ । ୨୦୦୩ରେ କଶ୍ମୀରୀ ଭାଷାରୁ ଅନୁବାଦ ପୁସ୍ତକ 'ଲାଲ ସାଲୱାର୍' ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଛନ୍ତି ।

## ଜୀବେ ଦୟା...



ଭୁବନେଶ୍ୱର : ବଡ଼ଗଡ଼ ହାଇସ୍କୁଲ ପଡିଆ ନିକଟରେ ଗୁରୁତର ଅସୁସ୍ଥ ଥିବା ଏକ ଷଣ୍ଢକୁ ସ୍ଥାନୀୟ ସ୍ୱେଚ୍ଛାସେବୀ ଯୁବକମାନେ ପଶୁ ଡାକ୍ତରଙ୍କ ସହାୟତାରେ ଚିକିତ୍ସା କରୁଛନ୍ତି ।

# 'ବିକାଶ'ରେ ଜେସିଆଇ ଆଇ-ସ୍ମାର୍ଟ ଚାପ୍ଟର ଆରମ୍ଭ



**ବରଗଡ଼ :** ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ ଅନ୍ତର୍ଗତ ବିକାଶ ଟେକ୍‌ନିକାଲ୍ କ୍ୟାମ୍ପସ୍‌ରେ ଜୁନିୟର ଚେମ୍ବର ଇଣ୍ଟରନେସ୍‌ନାଲ୍ ସଂସ୍ଥା ଦ୍ୱାରା ଆଇ-ସ୍ମାର୍ଟ ଅଧ୍ୟାୟ ସ୍ଥାପନ କରାଯାଇଛି । ଇନ୍‌ସ୍ପାଇରିଙ୍ଗ୍ ଷ୍ଟୁଡେଣ୍ଟସ୍ ଫର୍ ମେକିଂ ଦେମ୍ ଏସର୍ଟିଭ୍, ରେସ୍ପନ୍‌ସିବଲ୍ ଏଣ୍ଡ୍ ଟ୍ରାନ୍ସଫର୍ମେଟିଭ୍ (ଆଇ-ସ୍ମାର୍ଟ) ଜେସିଆଇର ଏକ ଅଭିନବ ଜାତୀୟ ସ୍ଥାୟୀ କାର୍ଯ୍ୟକ୍ରମ ଯାହା ୩ ବର୍ଷ ର ପ୍ରଫେସନାଲ୍ ଟ୍ରେନିଂ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କର ବ୍ୟକ୍ତିତ୍ୱ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହିତ ସେମାନଙ୍କ ସମୟ କୁଶଳତା, କାର୍ଯ୍ୟ ଦକ୍ଷତା ତଥା ସମାଜୋନ୍ମୁଖୀ ପ୍ରତିଭାକୁ ଯୁକ୍ତାତ୍ମକ ଦିଗ ଦେବାରେ ସହାୟକ ହୁଏ । ଜେସିଆଇ ବରଗଡ଼ ୟୁନାଇଟେଡ୍ ଅଧ୍ୟାୟର ପୃଷ୍ଠପୋଷକତାରେ ବିକାଶରେ ଆରମ୍ଭ ହୋଇଥିବା ଏହି ପ୍ରଥମ ଅଧ୍ୟାୟ ର ନାମ ହେଉଛି 'ଜେସିଆଇ ବରଗଡ଼ ବିକାଶ ଟେକ୍‌ନିକାଲ୍ କ୍ୟାମ୍ପସ୍' । ୭୫ଜଣ ଛାତ୍ରଛାତ୍ରୀଙ୍କ ସଦସ୍ୟତାରୁ ଆରମ୍ଭ ହୋଇଥିବା ଏହି ଅଧ୍ୟାୟ ହେଉଛି କେବଳ ଓଡ଼ିଶାର ନୁହେଁ, ଜେସିଆଇ ଜୋନ୍-୯ ର ମଧ ସର୍ବପ୍ରଥମ ଆଇ-ସ୍ମାର୍ଟ ଅଧ୍ୟାୟ । ଜେସିଆଇ ଇଣ୍ଡିଆର ଜାତୀୟ ସ୍ଥାୟୀ ରେ ଏହା ହେଉଛି ପ୍ରଥମ ଆଇ-ସ୍ମାର୍ଟ ଅଧ୍ୟାୟ ଯାହାର ସଦସ୍ୟ ସଂଖ୍ୟା ସର୍ବୋଚ୍ଚ ।

ଉକ୍ତ କାର୍ଯ୍ୟକ୍ରମରେ ସଦସ୍ୟଙ୍କ ଶପଥ ଗ୍ରହଣ, ଅଧ୍ୟକ୍ଷ ଓ ସଚିବ ନିର୍ବାଚନ ଏବଂ ଶପଥ ଗ୍ରହଣ ପ୍ରକ୍ରିୟା ଜେସିଆଇର ନିୟମାବଳୀ ଅନୁଯାୟୀ ବିଧିବଦ୍ଧ ଭାବରେ ପାଳନ କରାଯାଇଥିଲା । ଏହି ୭୫ ସଭ୍ୟ ସମ୍ପନ୍ନ ଅଧ୍ୟାୟର ଅଧ୍ୟକ୍ଷ ଭାବେ ଶପଥ ଗ୍ରହଣ କରିଥିଲେ ବିବିଏ ପ୍ରଥମ ବର୍ଷ ଛାତ୍ରୀ କୁମାରୀ ଅଙ୍କିତା ବାନାର୍ଜୀ ଏବଂ ସଚିବ ଭାବରେ ଶପଥ ଗ୍ରହଣ କରିଥିଲେ ଡିଗ୍ରୀ କଲେଜ ବାଣିଜ୍ୟ ବିଭାଗର ପ୍ରଥମ ବର୍ଷ ଛାତ୍ର ସଚ୍ଚିଦାନନ୍ଦ ସାହୁ । ମୁଖ୍ୟ ଅତିଥି ବିକାଶର ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ କୁ ଭୂୟସୀ ପ୍ରଶଂସା କରିବା ସହିତ ଛାତ୍ରଛାତ୍ରୀଙ୍କୁ ଏକ ନୂଆଁ ଦୁନିଆକୁ ସ୍ୱାଗତ କରିଥିଲେ । ବିକାଶ ଗ୍ରୁପ୍ ର ଚେୟାରମେନ୍ ଡି.ମୂରଲୀ କ୍ରୀଷ୍ଣା ତାଙ୍କ ଅଭିଭାଷଣରେ ଛାତ୍ରଛାତ୍ରୀମାନଙ୍କୁ ଜେସିଆଇର ଗୁରୁତ୍ୱ ତଥା ବ୍ୟକ୍ତିତ୍ୱ ବିକାଶ ରେ ଆଇ-ସ୍ମାର୍ଟ ର ଲକ୍ଷ୍ୟ ଉପରେ ଭାବବ୍ୟକ୍ତ କରିଥିଲେ । ନିର୍ଦ୍ଦେଶକ ଡ.ସମରେନ୍ଦ୍ର ନାଥ ପଣ୍ଡା ଜେସିଆଇର ବିଧି ବିଧାନ ଓ ଶୃଙ୍ଖଳିତ କାର୍ଯ୍ୟପ୍ରଣାଳୀକୁ ଛାତ୍ରଛାତ୍ରୀମାନେ ଗ୍ରହଣ କରି ସମାଜ ଗଠନ ଓ ସକରାତ୍ମକ ଚିନ୍ତନ ରଖି ଆଗକୁ ବଢ଼ିବା ପାଇଁ ଆହ୍ୱାନ ଦେଇଥିଲେ । ମଣ୍ଡଳ ଅଧ୍ୟକ୍ଷ ଆଶିଷ ଜିତ୍‌କର ଜେସିଆଇ ବରଗଡ଼ ବିକାଶ ଟେକ୍ନିକାଲ୍ କ୍ୟାମ୍ପସ୍ ଜାତୀୟ ସ୍ଥାୟୀରେ ସର୍ବାଧିକ ସଦସ୍ୟଯୁକ୍ତ ସର୍ବପ୍ରଥମ ଅଧ୍ୟାୟ ବୋଲି ଅଭିବ୍ୟକ୍ତ କରିବା ସହିତ ବିକାଶ କର୍ତ୍ତୃପକ୍ଷଙ୍କୁ ଏବଂ ବିଶେଷ ଭାବରେ ଜେସିଆଇ ଧାରାରେ ସକ୍ରିୟ ଭୂମିକା ଗ୍ରହଣ କରୁଥିବା ବିକାଶ ଗ୍ରୁପ୍‌ର ଚେୟାରମେନ୍ ଡି.ମୂରଲୀ କ୍ରୀଷ୍ଣାଙ୍କୁ ଅଭିନନ୍ଦନ ଜଣେଇଥିଲେ । ସୂଚନା ଯୋଗ୍ୟ ଯେ, ପ୍ରତିବର୍ଷ ଏହି ଅଧ୍ୟାୟର ଛାତ୍ରଛାତ୍ରୀଙ୍କୁ ଜେସିଆଇ ଢ଼ାଞ୍ଚାରେ ବ୍ୟକ୍ତିତ୍ୱ ବିକାଶର ତାଲିମ ଦିଆଯିବ, ଏହି ତିନି ବର୍ଷିଆ ପାଠ୍ୟକ୍ରମ ଶେଷରେ ଜେସିଆଇ ତରଫରୁ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଦିଆଯିବ ।

# ଜାନୁଆରୀ ୩ରେ ପାରାଦୀପ ମାରାଥନ୍




**ପାରାଦୀପ :** ପାରାଦୀପ ବନ୍ଦରର ପ୍ରତିଷ୍ଠା ଦିବସ (ଫାଉଣ୍ଡେସନ ଡେ) ଉପଲକ୍ଷେ ଆସନ୍ତା ଜାନୁଆରୀ ୩ ତାରିଖରେ ପାରାଦୀପ ମାରାଥନ-୨୦୧୮ ଅନୁଷ୍ଠିତ ହେବାକୁ ଯାଉଅଛି । ଏହି ମାରାଥନ ପ୍ରତିଯୋଗିତା ହନୁମାନ ମନ୍ଦିର ନକଟସ୍ଥ ୫ନମ୍ବର ଗେଟ୍ ଠାରୁ ଆରମ୍ଭ ହୋଇ ଦୀର୍ଘ ୧୪ କି.ମି ରାସ୍ତା ଅତିକ୍ରମ କରି ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମ ଠାରେ ସମାପ୍ତ ହେବ । ସମସ୍ତ ପ୍ରତିଯୋଗିଙ୍କୁ ମାର୍ଗ ଚିହ୍ନଟ ଓ ରୁଟ୍‌ଚାଟ ଅବଗତ କରାଯିବ । ୩୧.୧୨.୨୦୧୭ ସୁଦ୍ଧା ପ୍ରତିଯୋଗୀ ମାନଙ୍କ ବୟସ ୧୮ ବର୍ଷରୁ ଉର୍ଦ୍ଧ୍ୱ ଓ ୪୦ ବର୍ଷରୁ କମ୍ ହୋଇଥିବା ଆବଶ୍ୟକ ଏବଂ ତତ୍ ସହିତ ଯେକୌଣସି ସରକାରୀ ବା ବନ୍ଦର ଚିକିତ୍ସା ଅଧିକାରୀଙ୍କ ଠାରୁ ଶାରିରୀକ ସୁସ୍ଥତା ପ୍ରମାଣପତ୍ର ନିହାତି ଆବଶ୍ୟକ । ଆବଶ୍ୟକ ସ୍ଥଳେ ପ୍ରତିଯୋଗୀଙ୍କ ଶାରୀରୀକ ଯାଞ୍ଚ ପାଇଁ ବନ୍ଦରର ଏକ ଡାକ୍ତରୀ ଦଳ ଉପଲବ୍ଧ ଅଛନ୍ତି । ଏହି ପ୍ରତିଯୋଗିତାରେ ଭାଗ ନେବା ପାଇଁ ପୁରୁଷ ପ୍ରତିଯୋଗୀଙ୍କୁ ୫୦ ଟଙ୍କା ଓ ମହିଳା ପ୍ରତିଯୋଗୀଙ୍କୁ ୩୦ ଟଙ୍କା ଏଣ୍ଟ୍ରିଫି ଦେବାକୁ ପଡିବ । ଏହି ମାରାଥନରେ ଅଂଶ ଗ୍ରହଣ କରୁଥିବା ପ୍ରତିଯୋଗୀଙ୍କୁ ଏକ ସେଟ୍ ଜର୍ସି, ସର୍ଟ୍ସ ଓ ଚେଷ୍ଟ ନମ୍ବର ଦିଆଯିବ । ପ୍ରତିଯୋଗିତା ପୂର୍ବଦିନ ଅର୍ଥାତ୍ ଜାନୁଆରୀ ୨ ତାରିଖ ବାହାରୁ ଆସୁଥିବା ପ୍ରତିଯୋଗୀମାନଙ୍କ ପାଇଁ ରହଣୀ ଓ ରାତ୍ରୀ ଭୋଜନର ବ୍ୟବସ୍ଥା କରାଯାଇଛି । ଏହି ପ୍ରତିଯେଗିତାରେ ଭାଗ ନେବାପାଇଁ ଏକ ଦରଖାସ୍ତ ସହ ଶାରିରିକ ସୁସ୍ଥତା ପାଇଁ ଡାକ୍ତରି ସାର୍ଟିଫିକେଟ, ଅଣ୍ଡରଟେକିଙ୍ଗ୍, ଭୋଟର କାର୍ଡ ବା ଆଧାରକାର୍ଡ ର ଫଟୋକପି, ବୟସ ପ୍ରମାଣପତ୍ର ସହିତ ଏଣ୍ଟ୍ରିଫି ରେଜିଷ୍ଟ୍ରେସନ ସମୟରେ ଗ୍ରହଣ କରାଯିବ । ଜାନୁଆରୀ ୧ତାରିଖ ଓ ୨ତାରିଖ ଦୁଇଦିନ ଧରି ୧୦ଟାରୁ ୪ଟା ପର୍ଯ୍ୟନ୍ତ ଏହି ରେଜିଷ୍ଟ୍ରେସନର ବ୍ୟବସ୍ଥା କରାଯାଇଛି । ଏହି ପ୍ରତିଯୋଗିତାରେ ପ୍ରଥମ ପୁରସ୍କାର ଭାବେ ନଗଦ ୧୨,୫୦୦/- ଦ୍ୱିତୀୟ ପୁରସ୍କାର ୯,୪୦୦/- ତୃତୀୟ ୬,୩୦୦/- ଚତୁର୍ଥ ପୁରସ୍କାର ୩ଜଣଙ୍କୁ ୨୫୦୦/- ଲେଖାଏଁ, ପଞ୍ଚମ ପୁରସ୍କାର ୬ଜଣଙ୍କୁ ୧୩୦୦/- ଲେଖାଏଁ , ଷଷ୍ଠ ପୁରସ୍କାର ୯ଜଣଙ୍କୁ ୭୦୦/- ଲେଖାଏଁ ଉଭୟ ପୁରୁଷ ଓ ମହିଳା ପ୍ରତିଯୋଗୀଙ୍କୁ ଅର୍ଥରାଶି ମିଳିବ । ସେହିପରି ଦୁଇଘଣ୍ଟା ମଧ୍ୟରେ ୧୪ କିଲୋମିଟର ଅତିକ୍ରମ କରିଥିବା ପ୍ରଥମ ୧୫୦ଜଣ ପୁରଷ ଓ ପ୍ରଥମ ୫୦ଜଣ ମହିଳାଙ୍କୁ ସାନ୍ତନା ମୂଳକ ପୁରସ୍କାର ଓ ପ୍ରମାଣପତ୍ର ମିଳିବ ବୋଲି ବନ୍ଦର ପ୍ରେସ ବିଜ୍ଞପ୍ତିରୁ ପ୍ରକାଶ । ଏହି ପ୍ରତିଯୋଗୀତାରେ ଭାଗନେବା ପାଇଁ ଆଗ୍ରହୀ ପ୍ରତିଯୋଗୀମାନେ ସମ୍ପୂର୍ଣ୍ଣ ବିବରଣୀ ପାଇଁ ବନ୍ଦର ଖେଳକୁଦ ପରିଷଦର ସଚିବଙ୍କୁ ସକାଳ ୧୦ଟାରୁ ସନ୍ଧ୍ୟା ୭ଟା ମଧ୍ୟରେ ଫୋନ ନମ୍ବର ୦୬୭୨୨-୨୨୨୦୭୬, ଫ୍ୟାକ୍ସ ନମ୍ବର ୦୬୭୨୨-୨୨୦୨୦୨ରେ ଯୋଗାଯୋଗ କରିବାକୁ ବନ୍ଦର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରକାଶ ମିଶ୍ର ସୂଚନା ଦେଇଛନ୍ତି ।

## ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର: 'ଚିନି'କୁ ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ

# ପ୍ରଣବ ପଟ୍ଟନାୟକଙ୍କୁ 'ଜୟଦେବ ପୁରସ୍କାର'



**ଭୁବନେଶ୍ୱର :** ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ '୨୮ତମ ରାଜ୍ୟ ଚଳଚ୍ଚିତ୍ର' ଏବଂ '୫ମ ଟେଲି ପୁରସ୍କାର' ପ୍ରଦାନ ଉତ୍ସବ ସ୍ଥାନୀୟ ଉତ୍କଳମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ୨୦୧୬ ବର୍ଷ ପାଇଁ ରାଜ୍ୟ ଚଳଚ୍ଚିତ୍ର ଜଗତର ସର୍ବଶ୍ରେଷ୍ଠ ପୁରସ୍କାର 'ଜୟଦେବ ପୁରସ୍କାର' ବିଶିଷ୍ଟ କଣ୍ଠଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକଙ୍କୁ ପ୍ରଦାନ କରାଯାଇଛି । ସେହିପରି ଶ୍ରେଷ୍ଠ ଚଳଚ୍ଚିତ୍ର ରୂପେ 'ଚିନି' ପାଇଁ ଭବାନୀ ମାଝୀ ଏବଂ ସ୍ନେହଲତା ପରିଡ଼ାଙ୍କୁ ସମ୍ମାନୀତ କରାଯାଇଥିଲା । ଏହାସହ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ଅଜୟ ରଥ ('ନାମର୍ଦ୍ଦ'), ଶ୍ରେଷ୍ଠ ଅଭିନେତା ଭାବେ (ଚଳଚ୍ଚିତ୍ର -ନାମର୍ଦ୍ଦ) ସମରେଶ ରାଉତରାୟ, ଶ୍ରେଷ୍ଠ ଅଭିନେତ୍ରୀ (ମିମାଂସା) ସୁଶ୍ରୀ ସଙ୍ଗୀତା ମହାପାତ୍ର (ଲିପି), ଶ୍ରେଷ୍ଠ କାହାଣୀ (ନାମର୍ଦ୍ଦ) ଦିଲୀପ କୁମାର ଚୌଧୁରୀ, ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ (ନାମର୍ଦ୍ଦ) ଗୁଡ୍‌ଲି ରଥଙ୍କୁ 'ମୋହନ ଦେବ ଗୋସ୍ୱାମୀ ସମ୍ମାନ' ପ୍ରଦାନ ରାଯାଇଛି । ସେହିପରି ଶ୍ରେଷ୍ଠ ପ୍ରଚ୍ଛଦପଟ୍ଟ ଗାୟକ (ତୁ କହିବୁ ନାଁ ମୁଁ) ଶଶାଙ୍କ ଶେଖର ସାହୁ, ଶ୍ରେଷ୍ଠ ପ୍ରଚ୍ଛଦପଟ୍ଟ ଗାୟିକା(ମିମାଂସା) ମହାଲକ୍ଷ୍ମୀ ଆୟାରଙ୍କୁ 'ବାଳକୃଷ୍ଣ ଦାସ ସମ୍ମାନ' ପ୍ରଦାନ କରାଯାଇଥିଲା । ସେହିପରି ଶ୍ରେଷ୍ଠ ଚିତ୍ର ଗ୍ରହଣ ପାଇଁ ଦିଲୀପ କୁମାର ରାଉତରାୟ, ଶ୍ରେଷ୍ଠ ସମ୍ପାଦନା ପାଇଁ ସୁକୁମାର ମଣି, ଶ୍ରେଷ୍ଠ ଗୀତିକାର ସୁବ୍ରତ ସ୍ୱାଇଁ, ଶ୍ରେଷ୍ଠ ଚିତ୍ରନାଟ୍ୟ ଦିଲୀପ କୁମାର ଚୌଧୁରୀ, ଶ୍ରେଷ୍ଠ ପାର୍ଶ୍ୱଅଭିନେତା ସ୍ୱର୍ଗତ ମୀନକେତନ ଦାସ, ଶ୍ରେଷ୍ଠ ପାର୍ଶ୍ୱ ଅଭିନେତ୍ରୀ ମହାଶ୍ୱେତା ରାୟ, ଶ୍ରେଷ୍ଠ ହାସ୍ୟ କାଳାକାର ଚିତ୍ତ ରଞ୍ଜନ ତ୍ରିପାଠୀ, ଶ୍ରେଷ୍ଠ ଶିଶୁ ଅଭିନେତ୍ରୀ ତିଥୀରୂପା ବହିଦାର, ଶ୍ରେଷ୍ଠ କଳା ନିର୍ଦ୍ଦେଶକ ଦେବେନ୍ ଅମାତ୍ୟଙ୍କ ସମେତ ଜୁରୀ କମିଟି ଅଧ୍ୟକ୍ଷ ବିପିନ ବିହାରୀ ମିଶ୍ରଙ୍କ ସମେତ ଜୁରୀ ସଦସ୍ୟଙ୍କୁ ସମ୍ମାନିତ କରାଯାଇଥିଲା । ଏହାସହ ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠ ବିବେଚିତ କଳକାରଙ୍କ ସମେତ ଟେକ୍ନିସିଆନ୍‌ଙ୍କୁ ମଧ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇଥିବାବେଳେ ସମ୍ମାନୀତ ଅତିଥିଭାବେ ମହିଳା ଶିଶୁ ବିକାଶ ଓ ମିଶନ୍ ଶକ୍ତି, ସାମଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ବିଦ୍ୟାଳୟ ଓ ଗଣଶିକ୍ଷା, ବିଜ୍ଞାନ ଓ କାରଗରୀ ବିଭାଗ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର, ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବିଜୟ ମହାନ୍ତି, ମେୟର ଅନନ୍ତ ନାରାୟଣ ଜେନା, ସଂସ୍କୃତି ବିଭାଗ କମିଶନର ତଥା ଶାସନସଚିବ ମନୋରଞ୍ଜନ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଅମରେନ୍ଦ୍ର ପଟ୍ଟ ନାୟକ ସ୍ୱଗତଭାଷଣ ଦେଇଥିବାବେଳେ ଶେଷରେ ସଙ୍ଗୀତ ନାଟକ ଏକାଡେମୀର ସଚିବ ପ୍ରଦୀପ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାରମ୍ଭରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଛାତ୍ରୀମାନଙ୍କଦ୍ୱାରା ବନ୍ଦେ ଉତ୍କଳ ଜନନୀ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ । କୁନା ତ୍ରିପାଠୀ ଏବଂ ସୁଲଗ୍ନାଙ୍କ ସଂଯୋଜନାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।


Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● Editorial Office : HIG-137, Dharma Vihar, Khandagiri, Bhubaneswar, Odisha, PIN-751030, Phone : 9437133777 (Editorial), Email : ekamaatra@gmail.com

Chief Editor : **Bibhuti Bhusan Patra**
ମୁଖ୍ୟ ସମ୍ପାଦକ : **ବିଭୁତି ଭୂଷଣ ପାତ୍ର**

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**